R.N.I. REGN. No. 65000/96 POSTAL REGN. No. OR/BN-32/12-14

18 October 2025, Saturday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୪
ତିଥି : ଦ୍ୱାଦଶୀ
୧୮ ଅକ୍ଟୋବର ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur




## ୨୦ରେ ହୋଇପାରେ ଦୀପାବଳି ଛୁଟି

ଭୁବନେଶ୍ୱର, ୧୭ ।୧୦ (ସବ୍ୟୁ) : ଆସନ୍ତା ସୋମବାରକୁ ଦୀପାବଳି ଛୁଟି କରିବା ଲାଗି ସରକାର ବିଚାର ବିମର୍ଶ କରୁଛନ୍ତି । ମୁକ୍ତିମଣ୍ଡପ ପକ୍ଷରୁ ୨୦ ତାରିଖରେ ଦୀପାବଳି ଓ ପୟାଶ୍ରାଦ୍ଧ ଆୟୋଜନ ହେବ ବୋଲି କୁହାଯାଇଛି । ମୁକ୍ତିମଣ୍ଡପ ମଧ୍ୟ ସରକାରଙ୍କୁ ଛୁଟି ଘୋଷଣା ପାଇଁ ପ୍ରସ୍ତାବ ରଖିଥିଲେ । ୨୦ ତାରିଖକୁ ଛୁଟି ଘୋଷଣା କରିବା ପାଇଁ ରାଜସ୍ୱ ବିଭାଗ (୯ ପୃଷ୍ଠାରେ)

# ଲଦାଖ ହିଂସା : ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୭ ।୧୦ : ଲଦାଖରେ ସେପ୍ଟେମ୍ବର ୨୪ରେ ହୋଇଥିବା ହିଂସା ଘଟଣାର ବିଚାର ବିଭାଗୀୟ ତଦନ୍ତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ପରିବେଶବିତ୍ ସୋନମ୍ ୱାଙ୍ଗଚୁଙ୍ଗଙ୍କ ନେତୃତ୍ୱରେ ହୋଇଥିବା ଏହି ପ୍ରତିବାଦରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୯୦ ଜଣ ଆହତ ହୋଇଥିଲେ ।

ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବିଏସ୍ ଚୌହାନଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ଏହି ବିଚାର ବିଭାଗୀୟ ତଦନ୍ତ କମିଟିରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ମୋହନ ସିଂହ ପରିହାର ଓ ଆଇଏଏସ୍ ଅଫିସର ତୁଷାର ଆନନ୍ଦ ସଦସ୍ୟ ଅଛନ୍ତି । ତଦନ୍ତ କମିଟି କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଏବଂ ଏହା କିଭଳି ହିଂସାତ୍ମକ ରୂପ ନେଲା ତାହାର ଅନୁସନ୍ଧାନ କରିବ । ଏହାଛଡା ପୋଲିସ କାର୍ଯ୍ୟାନୁଷ୍ଠାନ ଓ ଅତ୍ୟଧିକ ବଳ ପ୍ରୟୋଗ ଅଭିଯୋଗକୁ ମଧ୍ୟ ତଦନ୍ତ କରିବ । ଲଦାଖ ଆପେକ୍ସ ବଡି ପକ୍ଷରୁ ସ୍ଥାନୀୟ ବାସିନ୍ଦାମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିବାର ଅଭିଯୋଗ ହୋଇଥିଲା । ଲଦାଖ ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ ସ୍ଥାନୀୟ ବାସିନ୍ଦାମାନେ ପ୍ରତ୍ୟାଖ୍ୟାନ କରିଥିଲେ । ସ୍ଥାନୀୟ ବାସିନ୍ଦାମାନେ ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି କରିଥିଲେ । ବିଚାର ବିଭାଗୀୟ ତଦନ୍ତ ହେଲେ ନିରପେକ୍ଷତା ବଜାୟ ରହିବ ଓ ଲୋକଙ୍କ ବିଶ୍ୱାସ ଜିତିହେବ ବୋଲି ସେମାନେ ଉଲ୍ଲେଖ କରିଥିଲେ । ଜଷ୍ଟିସ୍ ଚୌହାନ ଏହି ତଦନ୍ତ କମିଟିର ମୁଖ୍ୟ ରହିବେ । କମିଟି ଘଟଣାର ପ୍ରତ୍ୟେକ ଦିଗକୁ ନେଇ ତଦନ୍ତ କରିବ । ସେପ୍ଟେମ୍ବର ୨୪ରେ ପ୍ରତିବାଦକାରୀ ଓ ସୁରକ୍ଷାବଳଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ପ୍ରତିବାଦକାରୀମାନେ ଲଦାଖକୁ ରାଜ୍ୟ ମାନ୍ୟତା ଦେବାପାଇଁ ଦାବି କରିଥିଲେ । ଏହାଛଡା ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ଆଦିବାସୀଙ୍କ ସୁରକ୍ଷା ଦେବାପାଇଁ ମଧ୍ୟ ଦାବି ରଖିଥିଲେ । ଏହି ଆନ୍ଦୋଳନ ସମୟରେ ଗୁରୁତର ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୯୦ ଜଣ ଆହତ ହୋଇଥିଲେ । ଏହାର ଦୁଇଦିନ ପରେ ଜଳବାୟୁ କର୍ମୀ ୱାଙ୍ଗଚୁଙ୍ଗଙ୍କୁ ଜାତୀୟ ସୁରକ୍ଷା ଆଇନ୍‌ରେ ଗିରଫ କରାଯାଇଥିଲା ଓ ତାଙ୍କୁ ଯୋଧପୁର ଜେଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା ।







## ଚନ୍ଦ୍ରଶେଖରପୁର ହତ୍ୟା ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୧୭ ।୧୦ (ସବ୍ୟୁ) : ଚନ୍ଦ୍ରଶେଖରପୁର ଚିନୁକୋଳି ବସ୍ତି ପାଖରେ ୧୨ ତାରିଖ ରାତିରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିଛି କମିଶନରେଟ୍ ପୋଲିସ । ମୃତକଙ୍କ ପରିଚୟ ମିଳିଥିବା ବେଳେ ଅଭିଯୁକ୍ତ ଗିରଫ ହୋଇଛି । ହେଲେ ହତ୍ୟାକାର କାରଣକୁ ନେଇ ଏକପ୍ରକାର ବିବାଦ ସୃଷ୍ଟି ହୋଇଛି । ମଦ ପିଇ ଗାଳିଗୁଲଜ କରୁଥିବାରୁ ଅଜୁ ଓରଫ ଅଜୟ ଦେହୁରିକୁ ଶଙ୍କର ନାୟକ ଓରଫ ବେହେରା ହତ୍ୟା କରିଥିବା ପୋଲିସ କହୁଛି । ହେଲେ ମୃତ ଅଜୁର ପତ୍ନୀଙ୍କ କହିବା କଥା ୩୦ହଜାର ଟଙ୍କା ଲୁଟ୍ ପାଇଁ ଶଙ୍କର ମୋ ସ୍ୱାମୀଙ୍କୁ ହତ୍ୟା କରିଥିଲା । (୯ ପୃଷ୍ଠାରେ)

## ନୂଆପଡା ଉପନିର୍ବାଚନ ପ୍ରସ୍ତୁତି ଆରମ୍ଭ

ଭୁବନେଶ୍ୱର, ୧୭ ।୧୦ (ସବ୍ୟୁ): ନୂଆପଡାରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ଥାନୀୟ ପ୍ରଶାସନିକ ପ୍ରସ୍ତୁତି, ଆଇନଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ସମସ୍ତ ବିଷୟରେ ସମୀକ୍ଷା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ, ଅତିରିକ୍ତ ଡିଜିପି ତଥା ରାଜ୍ୟ ପୋଲିସ ନୋଡାଲ ଅଫିସର ସଞ୍ଜୟ କୁମାରଙ୍କ ସହିତ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀମାନେ ନୂଆପଡା ଗସ୍ତ କରିଛନ୍ତି । ଅବାଧ, ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନ ପାଇଁ (୯ ପୃଷ୍ଠାରେ)






# ସାରାଙ୍କ ଭକ୍ତି



ଅନେକ ସମୟରେ ସାରା ଅଲ୍ଲୀ ଖାନ୍‌ଙ୍କ ବିଭିନ୍ନ ଧର୍ମୀୟ ସ୍ଥଳ ବୁଲୁଥିବାର ଫଟୋ ଭାଇରାଲ ହୋଇଥାଏ । କେତେବେଳେ କେଦାରନାଥ ତ କେତେବେଳେ ରୁଦ୍ରନାଥ, ଏହିଭଳି ଅନେକ ଧର୍ମୀୟ ସ୍ଥାନ ସେ ବୁଲୁଥିବା ସମସ୍ତେ ଦେଖିବାକୁ ପାଇଥାଆନ୍ତି । ଏହାର ଫଟୋ ସେ ସୋସିଆଲ ମିଡିଅମାରେ ପୋଷ୍ଟ ମଧ୍ୟ କରିଥାଆନ୍ତି । ସେହିଭଳି ନିକଟରେ ସେ ବାବା ରୁଦ୍ରନାଥଙ୍କର ଦର୍ଶନ କରିଛନ୍ତି । ଯାହାର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଲୋକମାନେ ସାରାଙ୍କର ଭଗବାନଙ୍କ ପ୍ରତି ଥିବା ଶ୍ରଦ୍ଧାର ଖୁବ ପ୍ରଶଂସା କରୁଛନ୍ତି । ଫ୍ୟାନମାନେ ତାଙ୍କର ଏହି ଅନ୍ଦାଜକୁ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ନିଜ କର୍ମମୟ ଜୀବନରୁ ସେ କିଛି ସମୟ କାଢି ଠାକୁରଙ୍କ ଦର୍ଶନରେ କାଟୁଛନ୍ତି । ସେହିଭଳି ସାରା ମଧ୍ୟ ଏହି ସମସ୍ତ ସମୟକୁ ଖୁବ ଉପଭୋଗ କରିଥାଆନ୍ତି ।

# ରୋବୋଟିକ ଟେଲି ସର୍ଜରୀ

ଭାରତରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବଢାଇବାକୁ ଏସଏସ୍ ଇନୋଭେସନ ନାମକ ଏକ କମ୍ପାନୀ ପ୍ରଥମଥର ପାଇଁ ଦେଶରେ ଟେଲି ରୋବୋଟିକ ସର୍ଜରୀ ୟୁନିଟର ଆରମ୍ଭ କରିଛି । ଏହି ୟୁନିଟଟି ଏକ ବସ ଭଳି ହୋଇଛି । ଏହାକୁ ଯେଉଁ ଅଞ୍ଚଳରେ ଭଲ ଡାକ୍ତରଖାନା ନାହିଁ ସେହି ଅଞ୍ଚଳରେ ସର୍ଜରୀ କରିବା ପାଇଁ ଡିଜାଇନ କରାଯାଇଛି । ଏହି ଗାଡିଟି ପ୍ରସ୍ତୁତ କରିବା ପାଇଁ ୧.୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହାକୁ ସମ୍ପୂର୍ଣ୍ଣଭାବେ ନୂତନ ଜ୍ଞାନକୌଶଳକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି । ଏଥିରେ ୫କେଭିଏର ଜେନେଟର ଓ ୩୮୦ ଲିଟରର ଫୁଏଲ ଟ୍ୟାଙ୍କ ରଖାଯାଇଛି । ଯାହାଫଳରେ କୌଣସି ଦୂରସ୍ଥାନକୁ ଗଲେ କୌଣସି ଅସୁବିଧା ହେଉନାହିଁ । ଏଥିରେ ହାଇ ସ୍ପିଡ ଟେଲିକମ୍ୟୁନିକେସନ ସିଷ୍ଟମ ଅଛି, ଯେଉଁଥିରେ ଇଣ୍ଟରନେଟର ସାହାଯ୍ୟ ମଧ୍ୟ ନେଇହେଉଛି । ନିକଟରେ ଦୁଇଟି ସ୍ଥାନରେ ରୋବୋଟିକ ଟେଲିସର୍ଜରୀ ସଫଳତାର ସହିତ ଏହି ଗାଡି ସାହାଯ୍ୟରେ କରାଯାଇଛି । ଏହା ଲୋକଙ୍କ ପାଇଁ ଖୁବ ଲାଭ ଦାୟକ ବୋଲି ମତ ପ୍ରକାଶ ପାଇଛି ।



# ହାଡକୁ କରନ୍ତୁ ଶକ୍ତ



**ଶରୀର ହାଡ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହାର ଶକ୍ତ ହେବା ନିତାନ୍ତ ଆବଶ୍ୟକ ରହିଛି । ହାଡ ସୁସ୍ଥ ନ ରହିଲେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ । ତେଣୁ ଖାଦ୍ୟରେ ଏଭଳି କିଛି ସାମିଲ କରନ୍ତୁ ଯାହା ଆପଣଙ୍କୁ ସୁସ୍ଥ ରଖିବା ସହିତ ହାଡକୁ ମଧ୍ୟ ସୁସ୍ଥ ରଖିବ ।**

**ଅଖରୋଟ–** ଅଖରୋଟରେ ପ୍ରୋଟିନ୍, କ୍ୟାଲିସିୟମ, ଫସଫରସ୍, ଭିଟାମିନ୍ ଭଳି ଅନେକ ପୋଷଣ ରହିଛି, ଯାହା ଆମ ହାଡ ପାଇଁ ଆବଶ୍ୟକ । ଅଖରୋଟ ମସ୍ତିଷ୍କ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ । ଏହା ବ୍ୟାଡ୍ କଲୋଷ୍ଟ୍ରଲର ସ୍ତର କମ କରିଥାଏ । ଏହାସହିତ ହାଡକୁ ମଜବୁତ କରିଥାଏ ।

**ବାଦାମ–** ବାଦାମରେ ପ୍ରୋଟିନ୍, ଭିଟାମିନ୍, ଓମେଗା ୩, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟର ଭରପୂର ମାତ୍ରାରେ ରହିଛି । ଏହାଛଡା ଏଥିରେ କ୍ୟାଲିସିୟମ ଓ ଫସଫରସ ମଧ୍ୟ ରହିଥାଏ, ଯାହା ହାଡକୁ ମଜବୁତ କରିଥାଏ । ନିୟମିତ ବାଦାମ ଖାଇବା ଫଳରେ ଶରୀରରେ ମେଟାବଲିଜିମ୍ ବଢିଥାଏ । ଏହାସହ ବାଦାମ ଖାଇବା ଫଳରେ ବ୍ୟାଡ୍ କଲୋଷ୍ଟ୍ରୋଲ କମ ହୋଇଥାଏ । ଏହାସହିତ ହାଡକୁ ମଜବୁତ କରିବା ପାଇଁ ପ୍ରତ୍ୟେକଦିନ ବାଦାମ ଖାଆନ୍ତୁ ।



**ସାଲମୋନ୍ ମାଛ–** ସାଲମୋନ୍ ମାଛ ଓମେଗା ୩, ସ୍ୱାସ୍ଥ୍ୟକର ଫ୍ୟାଟ୍ ଓ ଫ୍ୟାଟି ଏସିଡ୍‌ରେ ଭରପୂର ହୋଇଥାଏ । ଶରୀରରେ ଭିଟାମିନ୍ ଡି ର ଅଭାବକୁ ଦୂର କରିବା ପାଇଁ ଏହି ମାଛକୁ ଖାଇବାର ଆବଶ୍ୟକତା ରହିଛି । ଏହି ସମସ୍ତ ପ୍ରୋଟିନ୍ ହାଡକୁ ମଜବୁତ କରିବା ସହିତ ବିକଶିତ ହେବାରେ ସହାୟକ ହୋଇଥାଏ, ତେଣୁ ନିଜ ଖାଦ୍ୟରେ ଏହି ମାଛକୁ ସାମିଲ କରନ୍ତୁ ।

**କ୍ଷୀର–** କ୍ଷୀରକୁ ସୁପର ଫୁଡ୍ କୁହାଯାଇଥାଏ । ଏଥିରେ କ୍ୟାଲ୍‌ସିୟମର ମାତ୍ର ଭରପୁର ଥାଏ, ଯାହା ହାଡକୁ ମଜବୁତ କରିବାରେ ସହାୟକ ହୋଇଥାଏ । କ୍ଷୀରକୁ ନିଜ ଖାଦ୍ୟରେ ଅନେକ ପ୍ରକାରରେ ସାମିଲ କରିହେବ । ତେଣୁ ଏହାକୁ ଆପଣ ଯେଉଁ ଉପାୟରେ ପାରିବେ ନିଜ ଖାଦ୍ୟରେ ସାମିଲ କରିପାରିବେ ।

**ଅଣ୍ଡା–** ଅଣ୍ଡାକୁ ପୋଷକ ତତ୍ତ୍ୱର ଭଣ୍ଡାର କୁହାଯାଇଥାଏ । ଯାହା ଶରୀରରେ ପ୍ରୋଟିନ୍‌ର ମାତ୍ରାକୁ ବଢାଇବାରେ ସହାୟକ ହୋଇଥାଏ । ପ୍ରୋଟିନ୍ ମାତ୍ରା କମ ହେବା ଫଳରେ ହାଡର ବିକାଶରେ ବାଧା ଉପୁଜି ଥାଏ । ତେଣୁ ନିଜ ଦ୍ୟନନ୍ଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ମଟନ୍ କଟଲେଟ୍




**ସାମଗ୍ରୀ–** ୨୦୦ ଗ୍ରାମ ଗ୍ରେଟ୍ ମଟନ୍, ଛୋଟ କଟାହୋଇଥିବା ପିଆଜ ଏକଟା, ସିଝା ଆଳୁ ୨ଟି, ଏକ କପ୍ କର୍ଣ୍ଣଫ୍ଲୋର, ଏକ ଚାମଚ ଭିନେଗାର, ୨ଟି କଞ୍ଚାଲଙ୍କା କଟାହୋଇଥିବା, ଏକ ଚାମଚ ଅଦା ରସୁଣ ପେଷ୍ଟ, ଅଧା ଚାମଚ ଗରମ ମସଲା, ଅଧା ଚାମଚ ଲଙ୍କା ଗୁଣ୍ଡ, କଟା ହୋଇଥିବା ଧନିଆ ପତ୍ର, ଅଧା ଚାମଚ ଚାଟ ମସଲା ।

**ପ୍ରଣାଳୀ–** ମିଡିଅମ୍ ଆଞ୍ଚରେ ପ୍ୟାନ୍ ବସାଇ ତେଲ ପକାଇ ପିଆଜ ଭାଜନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଗ୍ରେଟ୍ ହୋଇଥିବା ମଟନ ପକାନ୍ତୁ । କିଛି ସମୟ ଭାଜିବା ପରେ ଏଥିରେ ଅଦା ରସୁଣ ପେଷ୍ଟ ଓ କଞ୍ଚାଲଙ୍କା ପକାଇ ଭାଜନ୍ତୁ । ଏହାପରେ ଏଥିରେ ଲଙ୍କାଗୁଣ୍ଡ, ଚାଟ ମସଲା, ଲୁଣ ଓ ଗରମ ମସଲା ପକାଇ ଖୁବ୍ କମ ଆଞ୍ଚରେ ରାନ୍ଧନ୍ତୁ । ଏହାପରେ ଧନିଆ ଓ ଅଧା କପ୍ ପାଣି ଦେଇ ୧୦ ମିନିଟ୍ ପାଇଁ ଘୋଡାଇ ରାନ୍ଧନ୍ତୁ । ଏହାପରେ ଏହି ମିଶ୍ରଣକୁ ଥଣ୍ଡା ହେବା ପାଇଁ ଛାଡନ୍ତୁ । ଏହାପରେ ସିଝା ଆଳୁ ସହ ଏହି ମିଶ୍ରଣକୁ ମିଶାଇ କିମା ପ୍ରସ୍ତୁତ କରନ୍ତୁ । ପ୍ରସ୍ତୁତ କିମାକୁ କର୍ଣ୍ଣଫ୍ଲୋର ଓ ଅଳ୍ପ ଲୁଣ ଓ ପାଣି ପକାଇ ଅଟା ଭଳି ଚକଟି ନିଅନ୍ତୁ । ତାପରେ ଏହାକୁ ଛୋଟଛୋଟ ଖଣ୍ଡରେ କାଟି କଟଲେଟ୍ ଆକାର ଦିଅନ୍ତୁ । ଏହାକୁ ଛାଣି ନିଅନ୍ତୁ, ଏବେ ପ୍ରସ୍ତୁତ ହୋଇଗଲା ମଟନ କଟଲେଟ୍ ।

# ଦୀର୍ଘତମ ବିମାନ ଯାତ୍ରା

ନିକଟରେ ଏକ ବିମାନ ନିଜନାଁରେ ଏକ ନିଆରା ରେକର୍ଡ ସାମିଲ କରିଛି । ଏହି ବିମାନଟି ବିଶ୍ୱର ଦୀର୍ଘତମ ବିମାନ ଯାତ୍ରାର ରେକର୍ଡକୁ ନିଜ ନାଁରେ ସାମିଲ କରିଛି । ଏହି ବିମାନଟି ଦୀର୍ଘ ୧୯ ଘଣ୍ଟା ଓ ୨୦ ମିନିଟ୍‌ର ଯାତ୍ରା ସମ୍ପୂର୍ଣ୍ଣ କରିଛି । ଏହି ସମୟରେ ବିମାନଟି ୧୦ ହଜାର କିମିର ରାସ୍ତା ଯାତ୍ରା କରିଛି । ଯାହା ପୂରାବିମାନ ଯାତ୍ରା ଇତିହାସରେ ଏକ ନୂଆ ରେକର୍ଡ । ଏହି ବିମାନଟି ନ୍ୟୁୟର୍କର ଜନ୍‌ଏଫେ କେନେଡି ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଉଡାଣ ଆରମ୍ଭ କରି ଚୀନର ଫୁଜୁ ଚ୍ୟାଙ୍ଗେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ସାରିଥିଲା । ଏହି ରାସ୍ତା ଉଡାଣ ଭରିବାକୁ ସମ୍ପୃକ୍ତ ବିମାନକୁ ୧୯ ଘଣ୍ଟାର ସମୟ ଲାଗିଛି । ତେବେ ବିମାନଟି ଦୀର୍ଘତମ ରାସ୍ତା ନୁହେଁ ବରଂ ସମୟ ପାଇଁ ଏହି ରେକର୍ଡ ନିଜ ନାଁରେ କରିଛି ।



# ସୋସିଆଲ କୋଟ୍ସ



"କ୍ୟାରିୟର ଉପରେ ଯେତେବେଳେ ପ୍ରଶ୍ନ ଉଠିଥିଲା, ସେତେବେଳେ ଖୁବ କଷ୍ଟ ହୋଇଥିଲା । ଖୁବ ପରିଶ୍ରମ କରି ସେଥିରୁ ବାହାରିଛି । ସେତେବେଳେ ଅନେକ ଆର୍ଟିକିଲ ମୋ ବିଫଳତାକୁ ନେଇ ଲେଖାଯାଇଛି ।

**ଗୋବିନ୍ଦା, ଅଭିନେତା**



"ଗୋଟିଏ ପୋଡକାଷ୍ଟକୁ ଚଳାଇବା ପାଇଁ ୮୭ଟି ଆର୍ଟିକିଲ ଲେଖାଯାଇଛି । ତେବେ ଏହା ଖୁବ ଦୁଃଖଦାୟକ । ମୋ ଭଳି ପୁରୁଷ ଛୋଟ ସହରରୁ ଆସି ଖୁବ ପରିଶ୍ରମ କରି ନିଜର କ୍ୟାରିୟର ତିଆରି କରୁଛି । ତାକୁ ଏଭଳି କେହି ବି ନଷ୍ଟ କରିପାରିବେ ନାହିଁ ।

**କରଣ କୁନ୍ଦ୍ରା, ଅଭିନେତା**



"କରଣ ବର୍ତ୍ତମାନ ଗୋଟିଏ ରାଇଟ ସ୍ୱାପ ହିଁ କରୁଛି । ମୋ ମନର ମଣିଷଙ୍କୁ ତାଙ୍କ ଜନ୍ମ ଦିନରେ ଅନେକ ଶୁଭେଚ୍ଛା ।

**ତେଜସ୍ୱୀ ପ୍ରକାଶ, ଅଭିନେତ୍ରୀ**

**୧୯୨୨–** ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍ ସ୍ଥାପିତ ।

**୧୯୫୦–** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତା ଓମ୍ ପୁରୀଙ୍କ ଜନ୍ମ ।

**୧୯୭୬–** ପ୍ରସିଦ୍ଧ ତେଲୁଗୁ ସାହିତ୍ୟିକ ବିଶ୍ୱନାଥ ସତ୍ୟନାରାୟଣଙ୍କ ଦେହାନ୍ତ ।

**୧୯୯୮–** ଭାରତ ଓ ପାକିସ୍ତାନ ମଧ୍ୟରେ ଆଣବିକ ଚୁକ୍ତି ।

**୨୦୦୦–** ଶ୍ରୀଲଙ୍କାରେ ପ୍ରଥମ ଥର ପାଇଁ ବିପକ୍ଷ ସଦସ୍ୟ ଅନୁରା ଭଣ୍ଡାରନାୟକେଙ୍କୁ ସଂସଦ ଅଧ୍ୟକ୍ଷ କରିବାକୁ ସହମତି ।

**୨୦୦୪–** କୁଖ୍ୟାତ ଚନ୍ଦନ ତସ୍କର ବୀରାପାନଙ୍କ ମୃତ୍ୟୁ ।

**୨୦୦୮–** ତତ୍କାଳୀନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀ ରାୟବରେଲୀର ରେଳ କୋଚ୍ ଫ୍ୟାକ୍ଟ୍ରି ପାଇଁ ୧୮୯.୨ କୋଟି ଏକର ଭୂମି ରେଳ ମନ୍ତ୍ରଣାଳୟକୁ ଫେରସ୍ତ କଲେ ।

### ରାଜ୍ୟପାଳ-ଗଣମାଧ୍ୟମ ପ୍ରତିନିଧିଙ୍କ ମତବିନିମୟ

# ୩ ମାସ ଭିତରେ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି





ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଖାଲିଥିବା କୁଳପତି ନିଯୁକ୍ତି ନେଇ ସରକାର ଆଇନ୍ ଆଣିବେ। ଆଗାମୀ ୨ରୁ ୩ ମାସ ଭିତରେ କୁଳପତି ନିଯୁକ୍ତି ଦିଆଯିବ। ଏହା ସହିତ ରାଜ୍ୟରେ ବଢ଼ୁଥିବା ମହିଳା ହିଂସାକୁ ହ୍ରାସ କରିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। କେବଳ ସେତିକି ନୁହେଁ, ପୋଲିସ ଲୋକଙ୍କ ନିକଟତର ହୋଇ ଅପରାଧ ନିୟନ୍ତ୍ରଣ କରିବାକୁ କୁହାଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯୋଜନା ସଂପର୍କରେ ଗଣମାଧ୍ୟମ ଦ୍ୱାରା ଅଧିକ ଜନ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି ।

ରାଜଭବନ ସ୍ଥିତ ଅଭିଶେକ ହଲଠାରେ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହିତ ରାଜ୍ୟପାଳ ଶ୍ରୀ କମ୍ଭମପାଟି ମତବିନିମୟ କରିଥିଲେ। ଶ୍ରୀ କମ୍ଭମପାଟି କହିଥିଲେ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନା, ଅଟଳ ପେନ୍‌ସନ ଯୋଜନା ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଭଳି ପ୍ରମୁଖ ଯୋଜନାଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ । ଅନେକ ଲୋକ ଏ ପର୍ଯ୍ୟନ୍ତ ଏହି ଯୋଜନାଗୁଡ଼ିକ ସଂପର୍କରେ ଅଜ୍ଞ ଅଛନ୍ତି । ଯଦି ଗଣମାଧ୍ୟମ ଦ୍ୱାରା ଏସବୁ ଯୋଜନା ସଂପର୍କରେ ଅଧିକ ପ୍ରଚାରପ୍ରସାର କରାଯାଏ, ତେବେ ଏହାଦ୍ୱାରା ଜନସାଧାରଣ ସଚେତନ ହୋଇପାରିବେ ।

ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ରାଜ୍ୟପାଳ ରାଜ୍ୟରେ ଜନଜାତିଙ୍କ ବିକାଶ, ଶିକ୍ଷା, ଭିତ୍ତିଭୂମି, ଗ୍ରାମୀଣ ବିକାଶ, ସ୍ଥାନାନ୍ତର ଏବଂ ଓଡ଼ିଶାକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ପ୍ରମୁଖ ବିଷୟ ସହ ରାଜ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ । ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ ହାସଲ କରିବାର ସମ୍ଭାବନା ଉପରେ ଆଲୋକପାତ କରି ଆଗକୁ ଥିବା ଆହ୍ୱାନର ମୁକାବିଲା ଏବଂ ସୁଯୋଗ ବିଷୟରେ ଉଲ୍ଲେଖ କରିଥିଲେ । ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏବଂ ଭାରତୀୟ ରେଳବାଇ ଦ୍ୱାରା ହାତକୁ ନିଆଯାଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକ ଉପରେ ଆଲୋକପାତ କରି ଏହା ରାଜ୍ୟରେ ନିବେଶ ଓ ବିକାଶକୁ ବୃଦ୍ଧି କରିବ । ଏତଦ୍‌ବ୍ୟତୀତ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ସମୟରେ ପ୍ରାପ୍ତ ନିବେଶ ପ୍ରସ୍ତାବଗୁଡ଼ିକ ବିଷୟରେ ତଥା ପ୍ରସ୍ତାବିତ ସେମିକଣ୍ଡକ୍ଟର ପ୍ରକଳ୍ପ ସଂପର୍କରେ ରାଜ୍ୟପାଳ ଅବତାରଣା କରି ୨୦୩୬ ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟ ହୋଇପାରିବ । ଆତ୍ମନିର୍ଭରଶୀଳତା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଡ. କମ୍ଭମପାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମ ନିର୍ଭର ଭାରତର ଦୃଷ୍ଟିକୋଣକୁ ଉଲ୍ଲେଖ କରିଥିଲେ । ସମସ୍ତ ବିଭାଗ ଲୋକଙ୍କ ଆବଶ୍ୟକତା ପୂରଣ ଓ ସମସ୍ୟାର ସମାଧାନ ଉପରେ ଧ୍ୟାନ ଦେବାକୁ କହିଥିଲେ । ଅପରାଧ ନିୟନ୍ତ୍ରଣ ପ୍ରସଙ୍ଗରେ ଏହାକୁ ରୋକିବାରେ ସମସ୍ତଙ୍କର ଦାୟିତ୍ୱ ରହିଛି । ଏହା ସହିତ ସମାଜକୁ ସଚେତନ ହେବାକୁ ପଡ଼ିବ ବୋଲି କହିଥିଲେ ।

- ବିକଶିତ ଓଡ଼ିଶା ୨୦୩୬ ପାଇଁ ରୋଡମ୍ୟାପ ପ୍ରସ୍ତୁତ
- ଆସନ୍ତା ମାର୍ଚ୍ଚ ସୁଦ୍ଧା ୯୫% ଘରକୁ ଟ୍ୟାପ ଯୋଗେ ପାଣି

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରଥମ ୬ ମାସର କାର୍ଯ୍ୟକାଳର ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରୁଥିବା ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ଉକ୍ତ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ । ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ପାରସ୍ପରିକ ଆଲୋଚନା ମାଧ୍ୟମରେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ବ୍ରାଉନ୍ ସୁଗର ଜବତ ମାମଲା : ୨ ଆସାମୀଙ୍କୁ ୧୦ବର୍ଷ ଲେଖାଏଁ ଜେଲ୍

କଟକ,(ସବ୍ୟୁ): ୧କେଜି ୩୮ଗ୍ରାମ୍ ବ୍ରାଉନ୍ ସୁଗର ଚାଲାଣ ଘଟଣାର ଶୁଣାଣି କରି କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମୟୂରଭଞ୍ଜ ଅଞ୍ଚଳର ଦୁଇ ଆସାମୀ ଏସ୍.କେ. ତମିର୍ ଏବଂ ଏସ୍.କେ ଇରାସତ୍‌ଙ୍କୁ ୧୦ବର୍ଷ ଲେଖାଏଁ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ସେମାନଙ୍କ ଉପରେ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଦ୍ୱୟ ଅଧିକ ୬ମାସ ଲେଖାଏଁ ଜେଲ୍ ଭୋଗିବେ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । କଟକ ସହରକୁ ଆଠଗଡ଼ ପଟୁ ବ୍ରାଉନ୍ ସୁଗର ଆସୁଥିବା ନେଇ ସିଡିଏ ସେକ୍ଟର ଫେଜ୍-୨ ଥାନା କୌଣସି ସୂତ୍ରରୁ ଖବର ପାଇଥିଲା। ଏହି ସୂଚନା ମୁତାବକ ଫେଜ୍-୨ ଥାନା ପକ୍ଷରୁ ୨୦୨୧ ଜୁନ୍ ୬ ତାରିଖ ଦିନ ମଧୁସୂଦନ ସେତୁ ନିକଟରେ ବିଭିନ୍ନ ଗାଡ଼ି ଯାଞ୍ଚ କରାଯାଇଥିଲା । ଏହି ଯାଞ୍ଚ ବେଳେ ପୁଲିସ୍ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ସମେତ ଜଣେ ନାବାଳକକୁ ବ୍ରାଉନ୍ ସୁଗର ନେଇ ଆସୁଥିବା ବେଳେ ଧରିଥିଲେ । ନାବାଳକକୁ ଜୁଭେନାଇଲ୍‌କୁ ପଠାଇ ଦିଆଯାଇଥିଲା। ଅନ୍ୟ ଦୁଇ ଅଭିଯୁକ୍ତ ଏସ୍.କେ. ତମିର୍ ଏବଂ ଏସ୍.କେ. ଇରାସତ୍‌କୁ ଗିରଫ କରିଥିଲା।

## ୫ କେଜିର ଦୁଇଟି ହାତୀଦାନ୍ତ ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫କେଜି ଓଜନର ଦୁଇଟି ହାତୀଦାନ୍ତ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଚନ୍ଦନ ମହାପାତ୍ର (୨୫), ଶରତ କୁମାର ଖେଟି (୩୦) । ଦୁଇଜଣଙ୍କ ଘର ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ଜିରାତ ଗ୍ରାମରେ ବୋଲି ଏସ୍‌ଟିଏଫ୍ କହିଛି । ଆଠମଲ୍ଲିକ ପାନ୍ଥନିବାସ ପାଖ ଯଦୁପୁର ଛକରେ ୧୬ ତାରିଖ ସନ୍ଧ୍ୟାବେଳେ ଗ୍ରାହକଙ୍କୁ ହାତୀଦାନ୍ତ ବିକ୍ରିର ପାଇଁ ଅପେକ୍ଷା କରିଥିଲେ । ଗୁଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢ଼ାଉ କରି ଚନ୍ଦନ ଓ ଶରତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦାନ୍ତ ଜବତ କରିଥିଲା । ଯାହାର ଓଜନ ୫କେଜି ହେବ ବୋଲି ସୂଚନା ମିଳିଛି । ସେମାନେ ହାତୀ ଶିକାର କରନ୍ତି କିମ୍ବା ଶିକାରୀଙ୍କ ଠାରୁ କିଣିଆଣି ଗ୍ରାହକଙ୍କୁ ବିକ୍ରି କରନ୍ତି ତାହା ସ୍ପଷ୍ଟ ହୋଇନାହିଁ ।

ସେମାନଙ୍କ ଠାରୁ ସଂଗ୍ରହ କରିଥିବା ତଥ୍ୟ ଆଧାରରେ ତଦନ୍ତ ଜାରି ରହିଥିବାରୁ ହାତୀଦାନ୍ତ ଚାଲାଣ ରହସ୍ୟ ପରେ ଜଣାପଡିବ ବୋଲି ଏସ୍‌ଟିଏଫ୍ କହିଛି ।




## ଦୁଇ ବାଇକ୍ ଚୋର ଗିରଫ, ୪ ବାଇକ୍ ଜବତ

ପୁରୀ, (ସବ୍ୟୁ): ଏକ ବାଇକ ଚୋର ଗ୍ୟାଙ୍ଗକୁ ଧରିବାରେ ପୁରୀ ସମୁଦ୍ରକୂଳ ଥାନା ପୋଲିସକୁ ମିଳିଛି ବଡ ସଫଳତା । ବାଇକ୍ ଚୋରି ଅଭିଯୋଗରେ ପୋଲିସ ଦୁଇ ଜଣ ଚୋରଙ୍କୁ ଗିରଫ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତ ଦୁଇ ଜଣ ହେଲେ ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଁବରଡା ଗ୍ରାମର ପ୍ରକାଶ କୁମାର ବାରିକ ଏବଂ ସଦର ଥାନା ଅଂଚଳର ଅଜୟ ବାରିକ। ପୋଲିସ ସୂଚନା ମୁତାବକ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ପେଟ୍ରୋଲ ପମ୍ପ ନିକଟରେ ବିଜୁ ନଗରର ରୟାଲ ରଞ୍ଜନ ମହାରଣା ନାମକ ଜଣେ ଯୁବକ ଗତ ସେପଟେମ୍ବର ୨୫ ତାରିଖ ଦିନ ନିଜ ସ୍କୁଟି ଗାଡ଼ିଟି ପାର୍କିଂରେ ରଖି କିଛି କାମରେ ଯାଇଥିଲେ । ସେ କିଛି ସମୟ ପରେ ଫେରିବା ପରେ ପାର୍କିଂ ସ୍ଥଳରେ ତାଙ୍କ ସ୍କୁଟି କେହି ନେଇ ଯାଇଥିଲେ । ଏହି ଘଟଣାକୁ ନେଇ ରଞ୍ଜନଙ୍କ ବାପା ରାମଚନ୍ଦ୍ର ଓଝା ସମୁଦ୍ରକୂଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ସମୁଦ୍ରକୂଳ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେଠାରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲେ । ଏହାପରେ



ଦୁଇ ଜଣ ଯୁବକ ତାଙ୍କ ସ୍କୁଟି ଗାଡ଼ିକୁ ନେଇ ଯାଉଥିବା ଦେଖିଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଭିଯୁକ୍ତ ଦ୍ୱୟଙ୍କ ଚିହ୍ନଟ ମଧ୍ୟ କରିଥିଲେ । ସଙ୍ଗେ ସଙ୍ଗେ ସମୁଦ୍ରକୂଳ ଥାନା ପୋଲିସ ଚିହ୍ନଟ ହୋଇଥିବା ଯୁବକ ପ୍ରକାଶ କୁମାର ବାରିକ ଏବଂ ଅଜୟ ବାରିକଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଥିଲେ। ହେଲେ ସେମାନେ ଫେରାର ହୋଇ ଯାଇ ଥିଲେ। ଗତ କାଲି ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଦ୍ୱୟ ଙ୍କୁ ଗିରଫ କରି ଥିଲା। ସେମାନଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରି ଥିଲା। ପୋଲିସ ସେମାନଙ୍କ ଠାରୁ ୪ ଟି ହିରୋ ବାଇକ୍ ଏବଂ ଗୋଟିଏ ଇଞ୍ଜିନକୁ ଜବତ କରିଛି । ସମୁଦ୍ରକୂଳ ଥାନା ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶିଲ କୁମାର ମିଶ୍ର ।


## ୬୦ଲକ୍ଷର ବ୍ରାଉନସୁଗର ଜବତ, ମହିଳାଙ୍କ ସମେତ ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ସ୍ପେଶାଲ କ୍ରାଇମ୍‌ୟୁନିଟ୍ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସ୍ପେଶାଲ କ୍ରାଇମ୍‌ୟୁନିଟ୍ ଜଟଣୀ ହରିରାଜପୁର ଛକରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି । ଗିରଫ ବେପାରୀମାନେ ହେଲେ ଲିନା ଓରଫ ଅନୀତା ପରମଗୁରୁ, ରାଜା ଓରଫ ରାଜେନ୍ଦ୍ର କୁମାର ସାହୁ ଓ ସାନୁ ଓରଫ ଶିବପ୍ରସାଦ ଦାସ । ରାଜା ଓ ସାନୁ ଘର ନିମାପଡା ଥାନା ଅନ୍ତର୍ଗତ ଗୋପୀନାଥ ପାଟଣାରେ ହୋଇଥିବା ବେଳେ ଲିନା ଘର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହିରେ ବୋଲି ପୋଲିସ କହିଛି ।

## ଗହଣା ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦୁଇଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଗହଣା ଇନ୍‌ଫୋସିଟି ଥାନା ପୋଲିସ ଜବତ କରିଛି । ଗିରଫ ଦୁଇଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି । ମିତା କାନୁନ୍‌ଗୋଙ୍କ ଏତଲା ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ତଦନ୍ତ କରିବା ସହ ସୁଜାତା ନାୟକ (୨୮), ମାନସ କୁମାର ଚିହ୍ନାରା (୩୦)ଙ୍କୁ ଗିରଫ କରିବା ପରେ ସେମାନଙ୍କ ନିକଟରୁ ଗୋଟିଏ ଚେନ୍, ଦୁଇଖଣ୍ଡ ସୁନା ବାଙ୍ଗଲେ, ଦୁଇହଳ ସୁନା କାନଫୁଲ ଜବତ କରିଛି । ଅଭିଯୋଗକାରିଣୀ କିଟ୍ ରାସ୍ତାରେ ଥିବା ଫାଲକନ ରେସିଡେନ୍ସରେ ରୁହନ୍ତି । ଗିରଫ ହୋଇଥିବା ମହିଳା ଜଣକ ଗତ ଦୁଇ ମାସ ହେବ ତାଙ୍କ ଘରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲେ । ଗତ ୩ ତାରିଖ ଦିନ ଅଭିଯୋଗକାରିଣୀ ସୁନା ଅଳଙ୍କାର ଓ ୨ ହଜାର ଟଙ୍କା ଭୁଲ୍‌ବଶତଃ ଶୋଇବା ଘର ବେଡ୍ ଉପରେ ରଖିଦେଇ ଲକ୍ଷ୍ନୌ ଯାଇଥିଲେ । ଏହାର ସୁଯୋଗ ନେଇ ସହାୟିକା ଜଣକ ଅଭିଯୋଗକାରିଣୀଙ୍କ ଘର ବେଡ୍ ଉପରେ ଥିବା ୪ଟି ଛୋଟ ସୁନା କାନଫୁଲ, ହଳେ ସୁନାଚିଡ଼ି, ଗୋଟିଏ ସୁନା ଚେନ୍ ଏବଂ ୨ ହଜାର ଟଙ୍କାକୁ ଚୋରିକରି ନେଇଯାଇଥିଲା । ଲକ୍ଷ୍ନୌରୁ ଫେରିବା ପରେ ଟଙ୍କା ଓ ସୁନା ଗହଣା ଚୋରି ହୋଇଯାଇଥିବା ମତା ଜାଣିବା ପରେ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ । ଘରୋଇ ସହାୟିକାଙ୍କ ହାତ ଥିବା ଅଭିଯୋଗକାରିଣୀ ପୋଲିସକୁ କହିଥିଲେ । ପୋଲିସ ସୁଜାତାଙ୍କୁ ତା'ଘରୁ କାବୁ କରିବା ପରେ ଗହଣା ଓ ଟଙ୍କା ଜବତ କରିଥିଲା । ପଚରାଉଚରା ବେଳେ ପଟେ ଚୁଡିକୁ ସେ ୮୦ ହଜାର ଟଙ୍କାରେ ଅଭିଯୁକ୍ତ ସୁନା ଦୋକାନୀ ମାନସକୁ ବିକ୍ରି କରିଥିବା କହିଥିଲା । ଦୁଇହଳ ଛୋଟ କାନଫୁଲ ଇନ୍ଦ୍ରଧନୁ ମାର୍କେଟରେ ଥିବା ସୁନା ଦୋକାନୀକୁ ୬ ହଜାର ଟଙ୍କାରେ ବିକ୍ରି କରିଥିବା ମଧ୍ୟ ପୋଲିସକୁ କହିଥିଲା । ସୁଜାତାର ବୟାନ ଆଧାରରେ ମାନସକୁ ପୋଲିସ ଗିରଫ କରିଥିଲା ।



### ଏସ୍‌ଆଇ ଚାକିରି କେଳେଙ୍କାରୀ

# ଦଲାଲ ମୁନା ମହାନ୍ତି ସମେତ ୪ ଗିରଫ

କଟକ, (ସବ୍ୟୁ)ପୁଲିସ ଏସଆଇ ଚାକିରି କେଳେଙ୍କାରୀରେ ଘଟଣାରେ ମୋଷ୍ଟ ୱାଣ୍ଟେଡ଼ ଦଲାଲ ମୁନା ମହାନ୍ତିଙ୍କ ସମେତ ୪ ଜଣକୁ କ୍ରାଇମବ୍ରାଞ୍ଚ ନୟାଗଡ଼ ଦଶପଲ୍ଲାରୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଅଞ୍ଚଳର ମୁନା ମହାନ୍ତି (୩୨), ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା କୁଞ୍ଜବନଗଡ଼ ଅଞ୍ଚଳର ଶ୍ରୀକାନ୍ତ ମହାରଣା ଓରଫ ରିଙ୍କୁ (୩୪),ଦଶପଲ୍ଲା ଅଞ୍ଚଳର ଟି.ଅଭିମନ୍ୟୁ ଦୋରା (୪୯) ଓ ଢେଙ୍କାନାଳ ଜିଲ୍ଲା ମକୁନ୍ଦପୁରର ସୌମ୍ୟା ପ୍ରିୟଦର୍ଶିନୀ ସାମଲ (୨୫) ।ଅଭିଯୁକ୍ତଙ୍କଠାରୁ ପୋଲିସ ୭ ଲକ୍ଷ ଟଙ୍କା ଏବଂ ଗୋଟିଏ ସ୍କର୍ପିଓ ଏବଂ ୨ଟି ହାଇୱା ଜବତ କରିଛି ।ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ୪ ଜଣଙ୍କୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୧୨୩ ରେ ପହଞ୍ଚିଛି ବୋଲି ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି । ଘଟଣାର ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟି ଫେରାର ହେବା ସହ ବାରମ୍ବାର ଠିକଣା ପରିବର୍ତ୍ତନ କରୁଛି ।ତାକୁ ଧରିବା ପାଇଁ ଏବେ ବିଭିନ୍ନ ରାଜ୍ୟରେ ଚଢ଼ାଉ ଜାରି ରହିଛି ।ଏହି ପ୍ରକ୍ରିୟାରେ ମୋଟ ୪୦ ଜଣ ପୁଲିସ ଅଧିକାରୀ ସାମିଲ ଅଛନ୍ତି ।ଜଣେ ଡିଆଇଜିଙ୍କ ସହିତ ୨ ଜଣ ଏସପି ଏହାକୁ ଅନୁଧ୍ୟାନ କରୁଛନ୍ତି । ପ୍ରଥମେ ମୁନା ମହାନ୍ତିକୁ ରିମାଣ୍ଡରେ ଆଣି ପଚରା ଉଚରା କରିଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି । ସୌମ୍ୟା ପ୍ରିୟଦର୍ଶିନୀ ପରୀକ୍ଷାର୍ଥୀମାନଙ୍କୁ ଯୋଗାଡ଼ କରୁଥିଲା ।ଏହାଛଡ଼ା ପରୀକ୍ଷାର୍ଥୀଙ୍କୁ ଆଣିବା ଓ ସାର୍ଟିଫିକେଟ ରଖିବା କାର୍ଯ୍ୟ ମଧ ସୌମ୍ୟା କରୁଥିଲା । ସେହିପରି ସହଯୋଗୀ ଭାବେ ପ୍ରମାଣ ମଧ ସୌମ୍ୟା ନଷ୍ଟ କରୁଥିଲା ବୋଲି ଡିଜି ସୂଚନା ଦେଇଛନ୍ତି । ମୁନା ମହାନ୍ତି କାରରେ ପରୀକ୍ଷାର୍ଥୀଙ୍କୁ ଅଣା ଯାଉଥିଲା । ଅଭିଯୁକ୍ତମାନଙ୍କୁ ଦଶପଲ୍ଲାର ଅଭିମନ୍ୟୁ ଦୋରା ସୁରକ୍ଷା ଯୋଗାଇ ଦେଉଥିଲା । ମୋଷ୍ଟ ୱାଣ୍ଟେଡ଼ ଦଲାଲ ମୁନା ମହାନ୍ତିର ପରିବାର ଲୋକଙ୍କ ଆକାଉଣ୍ଟକୁ ଯାଇଛି ବୋଲି ଡିଜି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଅପର ପକ୍ଷରେ, ବିଜୟନଗରମ୍ ଭଳି ଦିଘା ମଡ୍ୟୁଲ ପାଇଁ ୧୧୦ ପରୀକ୍ଷାର୍ଥୀ ଟ୍ରେନିଂ ପାଇଁ ଯାଇଥାନ୍ତେ । ଏହି ସିଣ୍ଡିକେଟ କାର୍ଯ୍ୟ ଅରବିନ୍ଦ ଦାସ ବୁଝୁଥିଲା । ତେବେ ୨୯ ତାରିଖରେ ଆନ୍ଧ୍ରପ୍ରଦେଶକୁ ୩ଟି ବସରେ ଯାଉଥିବା ୧୧୪ ଜଣ ଆଶାୟୀ ଗିରଫ ହେବା ପରେ ଦିଘା ଆଶାୟୀମାନେ ଆତ୍ମଗୋପନ କରିବାକୁ ସୁଯୋଗ ପାଇଥିଲେ । ବିଜୟ ନଗରମ୍ ମଡ୍ୟୁଲ ବିଷୟରେ ମୁନା ମହାନ୍ତି ବୁଝାସୁଝା କରୁଥିଲା । ଦିଘା ମଡ୍ୟୁଲରେ ଫେରାର ହୋଇଯାଇଥିବା ଆଶାୟୀମାନଙ୍କ ସଂପର୍କରେ ତଦନ୍ତ ଜାରି ରହିଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଏବେ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ୩ଟି ଠିକଣା ପରିବର୍ତ୍ତନ କରିସାରିଲାଣି । ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତକୁ ଅଧିକ ଶାଣିତ କରିଛି । ଡିଆଇଜି ବି ଗଂଗାଧରଙ୍କ ନେତୃତ୍ୱରେ ୬ରୁ ୭ଟି ଟିମ ଗଠିତ ହୋଇ ତଦନ୍ତ କାର୍ଯ୍ୟରେ ଲାଗିଛନ୍ତି । ଏହି କିଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ୧୧୦ଟି ମୋବାଇଲ ଜବତ କରିଛି । ଏହାକୁ ପରୀକ୍ଷା ନିରୀକ୍ଷା ପାଇଁ ଫୋରେନସିକ ଲ୍ୟାବକୁ ପଠାଯାଇଛି । ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟିକୁ ଶୀଘ୍ର ଗିରଫ କରାଯିବ ବୋଲି ଡିଜି ଶ୍ରୀ ମିଶ୍ର କହିଛନ୍ତି ।

### ଜନଭାଗିଦାରୀ ଅଭିଯାନ ଅଧୀନରେ

# କେନ୍ଦୁଝରର ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ସମ୍ମାନିତ



ଭୁବନେଶ୍ୱର (ସବ୍ୟୁ): ଧରତୀ ଆବା ଜନଭାଗିଦାରୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ବିଭୁ ନାୟାରଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର ବୋଲି କହିଛନ୍ତି। ଏଥିସହ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ସମ୍ମାନ ଆମର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି କହିଛନ୍ତି। ଆହୁରିମଧ ଶ୍ରୀ ସିଂହ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି ସେମାନଙ୍କୁ କିପରି ଲାଭ ମିଳିବ ତାହା ଆମର ଲକ୍ଷ୍ୟ ବୋଲି କହିଛନ୍ତି। ଅନ୍ତର୍ଭୁକ୍ତିକରଣ ଶାସନର ଦୃଷ୍ଟିକୋଣ ସହିତ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି।

ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିବା ଧରତୀ ଆବା ଜନଭାଗୀଦାରୀ ଅଭିଯାନ, ଶାସନରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଏବଂ ଆଦିବାସୀ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି । ଏହି ପଦକ୍ଷେପ ଅଧୀନରେ, କେନ୍ଦୁଝର ଜିଲ୍ଲା ଏହାର ଲୋକାଭିମୁଖୀ ଯୋଜନା ପ୍ରଣୟନର ଆଭିମୁଖ୍ୟ, ଅଭିନବ ଯୋଜନା ଏବଂ ଆଦିବାସୀ ସମ୍ପ୍ରଦାୟ ପାଇଁ କଲ୍ୟାଣକାରୀ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ କରିବାରେ ସ୍ୱତନ୍ତ୍ର ଛାପ ଛାଡ଼ି ପ୍ରଶଂସା ସାଉଁଟି ପାରିଛି। ଜାତୀୟ ସ୍ତରରେ ଏଭଳି ମାନ୍ୟତା ପାଇବା ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତିକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଉଛି । ସ୍ଥାନୀୟ ପ୍ରଶାସନ, ବିଭିନ୍ନ ବିଭାଗ ଏବଂ ତୃଣମୂଳ ସ୍ତରର କର୍ମକର୍ତ୍ତାଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଜିଲ୍ଲାର ସଫଳତା ସମ୍ଭବ ହୋଇପାରିଛି ଯେଉଁମାନେ ବିକାଶକୁ ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚାଇବା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିଚାଲିଛନ୍ତି। ଏହି ସଫଳତା କେବଳ କେନ୍ଦୁଝରକୁ ଜାତୀୟ ମାନ୍ୟତା ଆଣିନାହିଁ ବରଂ ଧରତୀ ଆବା ଜନଭାଗୀଦାରୀ ଅଭିଯାନ ଅଧୀନରେ ପରିକଳ୍ପିତ ଅଂଶଗ୍ରହଣମୂଳକ ବିକାଶର ପଥ ଅନୁସରଣ କରିବା ପାଇଁ ଅନ୍ୟ ଜିଲ୍ଲାଗୁଡ଼ିକୁ ପ୍ରେରଣା ପ୍ରଦାନ କରୁଛି ।

## କାଉନସିଲରଙ୍କ ଗଣ ଧାରଣା

ଦଶପଲ୍ଲା,(ସବ୍ୟୁ): ପୂର୍ବ କାର୍ଯ୍ୟସୂଚୀ ଅନୁଯାଇ ବିଭିନ୍ନ ଦାବି ନେଇ ଦଶପଲ୍ଲା ଏନ ଏ ସି ର କାଉନସିଲର ମାନେ ଗଣ ଧାରଣା ଆରମ୍ଭ କରିଛନ୍ତି । କାଉନସିଲର ସୁକଦେ ମିଶ୍ର ଙ୍କ ନେତୃତ୍ୱରେ କାଉନସିଲର ଲକ୍ଷ୍ମୀଧର ସାହୁ, ସନୋଜ କୁମାର ସାହୁ, ସଂଧ୍ୟାରଣୀ ସାହୁ,ରଶ୍ମି ପ୍ରିୟା ଜେନା,ରଶ୍ମିତା ସାହୁ,ଚିତ ରଞ୍ଜନ ଗୋଛି ଆଦି କାଉନସିଲରମାନେ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଛନ୍ତି । ବିଶେଷ ଭାବେ ଏନ ଏ ସି ଦ୍ୱାରା ନିର୍ମିତ ଦୋକାନ ଗୃହ ଗୁଡିକ ବଣ୍ଟନ,ଇ କେ ଓ୍ୱାଇ ସି ହୋଇଥିବା ହିତାଧିକାରୀ ମାନଙ୍କୁ ରାସନ କାର୍ଡ ପ୍ରଦାନ,୨୦୨୪-୨୫ ଓ ୨୦୨୫-୨୬ ମସିହା ପାଇଁ ହୋଇଥିବା ଆକ୍ସନ ପ୍ଲାନ ଗୁଡିକୁ ଟେଣ୍ଡର କରାଯିବା,ସ୍ମାର୍ଟ ପାର୍କ ସମ୍ପୂର୍ଣ କରିବା, ଆଦର୍ଶ ଶ୍ମଶାନ କୁ କାର୍ଯ୍ୟକାରୀ କରିବା , ଏନ ଏ ସି ର ମିଟିଂ ହଲ କୁ କାର୍ଯ୍ୟକାରୀ କରିବା,ସଓ୍ୱାଗତଂ ଗେଟ ନିର୍ମାଣ,ପ୍ରତ୍ୟକ ମାସର ଆୟବ୍ୟୟ ହିସାବ କାଉସିଲର ମାନଙ୍କୁ ପ୍ରଦାନ,ସଓ୍ୱତନ୍ତ୍ର ଆମିଷ ବଜାର ନିର୍ମାଣ, ନାରାୟନଗଞ୍ଜ ହାଟର ସୀମା ନିର୍ଧାରଣ,ଏନ ଏ ସି ଅଫିସ ରେ ବାୟୋମେଟ୍ରିକ ର ବ୍ୟବସ୍ଥା,କନିଷ୍ଠ ଯନ୍ତ୍ରୀ ଓ ପୌର ଯନ୍ତ୍ରୀ ଙ୍କୁ ନିୟମିତ କରିବା,ଓ ଏନ ଏ ସି ମଧ୍ୟରେ ଜବରଦଖଲ ହୋଇ ରହିଥିବା ସରକାରୀ ଜମି କୁ ଉଧାର କରାଯାଇ ବିକାଶ ମୁକଜ କାର୍ଯ୍ୟରେ ବ୍ୟବହାର କରିବା ଆଦି ଦାବି କରାଯାଇଛି ।

## ସ୍ୱାମୀ-ସ୍ତ୍ରୀଙ୍କୁ ମାଡ଼ ମାରି ଯୁବକ କୋର୍ଟ ଚାଲାଣ

ନିମାପଡା,(ସବ୍ୟୁ): ନିମାପଡା ଥାନା ଅନ୍ତର୍ଗତ ଲମ୍ବିଲୋ ଗ୍ରାମର ଜଣେ ଯୁବକ ଉକ୍ତ ଗ୍ରାମର ଜଣେ ମହିଳା ଏବଂ ତାଙ୍କ ସ୍ୱାମୀଙ୍କୁ ମାଡ ମାରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ପୁଲିସ ଏକ ମାମଲା ରୁଜୁ କରି ଶୁକ୍ରବାର ଦିନ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଉକ୍ତ ଗ୍ରାମର ଦିପୁନ ସ୍ୱାଇଁ ପ୍ରକାଶ ଯେ ଲମ୍ବିଲୋ ଗ୍ରାମର ମହିଳା ନୟନା ସ୍ୱାଇଁଙ୍କ ଘର ନିକଟରେ ଏକ ଭୋଜି ଚାଲିଥିବା ବେଳେ ଗ୍ରାମର ଦିପୁନ ଆସି ନୟନାଙ୍କୁ ଗାଳିଗୁଲଜ କରିବା ସହି ମାଡ ମାରିଥିଲା। ନୟନାଙ୍କ ସ୍ୱାମୀ ଏହାର ପ୍ରତିବାଦ କରିବାରୁ ଦିପୁନ ଦମ୍ପତିଙ୍କୁ ମାଡ ମାରିଥିଲା। ଫଳରେ ଦମ୍ପତି ଆହତ ହୋଇଥିଲେ। ଏସଂପର୍କରେ ଥାନାରେ ଅଭିଯୋଗ ହେବାରୁ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ଦିପୁନଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

## ୟୁନିଟ୍-୮ ଡିଏଭିରେ ବିଜ୍ଞାନ ସମ୍ମିଳନୀ – ଟେକ୍ ଟୋପିଆ ୧.୦



ଭୁବନେଶ୍ୱର, (ସବ୍ୟୁ): ବିଜ୍ଞାନ ପ୍ରତି ରୁଚି ଅଭିବୃଦ୍ଧି, ନବସୃଜନକୁ ପ୍ରୋତ୍ସାହନ, ଅଭିଜ୍ଞ ବୈଜ୍ଞାନିକମାନଙ୍କଠାରୁ ନୂତନ ଜ୍ଞାନକୌଶଳ ଗ୍ରହଣ ଆଦି ଉଦ୍ଦେଶ୍ୟ ନେଇ ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮ ପରିସରରେ ଡ.ଏ.ପି.ଜେ ଅବଦୁଲ୍ କଲାମ୍‌ଙ୍କ ଜନ୍ମ ଦିନ ଉପଲକ୍ଷେ ବିଜ୍ଞାନ ସମ୍ମିଳନୀ – ଟେକ୍ ଟୋପିଆ ୧.୦ ଆୟୋଜିତ ହୋଇଯାଇଛି। ଏଥିରେ ବିପିୟୁଟିର ପୂର୍ବତନ ଉପକୂଳପତି ପ୍ରଫେସର ଡ. ଓମ୍‌କାର ନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଲାମ୍‌ଙ୍କ ଜୀବନୀ ଓ ବୈଜ୍ଞାନିକ ମନୋବୃତ୍ତି ବିଷୟରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡ. ସୁଧାଂଶୁ ତ୍ରିପାଠୀ ପରିବେଶ ସୁରକ୍ଷା ପାଇଁ ସବୁଜ ଉଦ୍ୟାନର ଆବଶ୍ୟକତାକୁ ବୁଝାଇଥିଲେ। ସମୃଦ୍ଧ ଭବିଷ୍ୟତ ପାଇଁ ଜଳଜୀବମାନଙ୍କର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦିଗରେ ସଭିଏଁ ଚେଷ୍ଟିତ ହେବା ପାଇଁ କେନ୍ଦ୍ରୀୟ ମଧୁରଜଳ ଜଳକୃଷି ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ସରୋଜ ସ୍ୱାଇଁ ଆହ୍ୱାନ କରିଥିଲେ। ପଠାଣି ସାମନ୍ତ ପ୍ଲାନେଟାରିୟମର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ରହସ୍ୟମୟ ଅନ୍ତରୀକ୍ଷରେ ଗ୍ରହ ଓ ଉପଗ୍ରହମାନଙ୍କ ଚଳନ ଏବଂ ଏଥିରେ ନିହିତ ଆକାଶ ସଙ୍ଗୀତ ବିଷୟରେ ଅବଗତ କରାଇଥିଲେ। ପ୍ରକୃତି ସୁରକ୍ଷା ପ୍ରତିଷ୍ଠାନର ମୁଖ୍ୟ ଡ. ଗୀଥା ରାମସ୍ୱାମୀ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ଶିକ୍ଷା ଅଧିକାରୀ ହିମାଂଶୁ ଶତପଥି ଓ ସଂପ୍ରତି ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁ ଆଦି ଉପସ୍ଥିତ ରହି ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଓ ଉପଯୋଗିତାକୁ ବିଭିନ୍ନ ପ୍ରକଳ୍ପ ଓ ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିଥିଲେ। ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ଛାତ୍ରଛାତ୍ରୀମାନଙ୍କ ପାଇଁ ଦୁଇଟି ବିଜ୍ଞାନ କର୍ମଶାଳା ଆୟୋଜନ କରାଯାଇଥିଲା । ବିଦ୍ୟାଳୟ ବିଜ୍ଞାନ ବିଭାଗ ପକ୍ଷରୁ ଏହି ସଚେତନତାଧର୍ମୀ ସମ୍ମିଳନୀ ଅତ୍ୟନ୍ତ ଉପାଦେୟ ବୋଲି ବିଦ୍ୟାଳୟର ଅଧକ୍ଷା ଈପ୍‌ସିତା ଦାସ ମତବ୍ୟକ୍ତ କରିଥିଲେ।

## ହିନ୍ଦୁସ୍ତାନୀ ସଂଗୀତ ସଭାର ତ୍ରୟୋଦଶ ବାର୍ଷିକ ଉତ୍ସବ




ଭୁବନେଶ୍ୱର, (ସବ୍ୟୁ):. ହିନ୍ଦୁସ୍ତାନୀ ସଂଗୀତ ସଭାର ତ୍ରୟୋଦଶ ତମ ବାର୍ଷିକ ଉତ୍ସବ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ୨ଦିନ ଧରି ଆୟୋଜିତ ଏହି ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବ ରେ ଅତିଥି ଭାବେ ଯୋଗ ଦେଇ ଥିଲେ ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ଅର୍ଥ ବିଭାଗ ପ୍ରଦୀପ କୁମାର ବିଶ୍ୱାଳ ଯୋଗ ଦେଇ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକରି ଆସୁଥିବା ହିନ୍ଦୁସ୍ତାନୀ ସଂଗୀତ ସଭାର ଭୁୟସୀ ପ୍ରଶଂସା କରିଥିଲେ। ବିଶିଷ୍ଟ କବି ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଦେବେନ୍ଦ୍ର ନାଥ ଶତପଥୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅନୁଷ୍ଠାନ ର ଉପ ସଭାପତି ଡ଼ ସର୍ବେଶ୍ୱର ଶତପଥୀ। ସଂପାଦକ ରଘୁନାଥ ସାହୁ ଅନୁଷ୍ଠାନର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକ ପାତ କରିଥିଲେ। ହିନ୍ଦୁସ୍ତାନୀ ସଂଗୀତ ତ୍ରୟୋଦଶ ବାର୍ଷିକ ଶୋଭାୟନିୟର ସଂଗୀତ ପ୍ରଭା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ।

ଗୁରୁ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଧ୍ରୁପଦ ଗାୟନ ଯାହାକି ରାଗ ଭୁପାଳି ରେ ନିବଦ୍ଧ ବନ୍ଦିଶ ପଦ୍ମଶ୍ରୀ ପଣ୍ଡିତ ବଳବନ୍ତରାୟ ଭଟ୍ଟଙ୍କ ଦ୍ୱାରା ରଚିତ। ଶେଷରେ ବୃନ୍ଦ ତବଲା ବାଦନ କରିଥିଲେ ହିନ୍ଦୁସ୍ତାନୀ ସଂଗୀତ ସଭାର ପ୍ରତିଭା ବାନ ଶିଳ୍ପୀ ମାନେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁଶ୍ରୀ ସୂଦୀପ୍ତା ମହାପାତ୍ର। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ଗୁରୁ କୃଷ୍ଣଚନ୍ଦ୍ର ଦାଶ ।

## ପ୍ରଚଣ୍ଡ ଶବ୍ଦ ସହ ଭୂମିକମ୍ପ ଭଳି ଅନୁଭୂତି, ସାରା ଅଞ୍ଚଳବାସୀ ଭୟଭୀତ

ବେତନଟୀ (ସବ୍ୟୁ)-- ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ , ବୈଶିଙ୍ଗା ସମେତ ବିଭିନ୍ନ ଅଞ୍ଚଳ ମାନଙ୍କରେ ଶୁକ୍ରବାର ପାଖାପାଖି ୪.୧୫ ମିନିଟ ସମୟରେ ଭୟଙ୍କର ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଦୁଇ ତିନି ଥର ଏକା ସାଙ୍ଗରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଏହାର ପ୍ରଭାବରେ ଭୂମିକମ୍ପ ଭଳି ଅନୁଭୂତି ହୋଇଥିଲା । ବୈଶିଙ୍ଗା ଅଞ୍ଚଳର ବିଭିନ୍ନ ଘର ଗୁଡିକ ସ୍ୱଳ୍ପ ସମୟ ପାଇଁ ଥରି ପଡିଥିବାର ଦେଖିବାକୁ ମିଳିଥିଲା । ସଙ୍ଗେ ସଙ୍ଗେ ଘରେ ଭିତରେ ଥିବା ଲୋକ ମାନେ ଭୟବୀତ ଅବସ୍ଥାରେ ଜୀବନ ବିକଳରେ ବାହାରକୁ ଧାଇଁ ଆସିଥିଲେ । ଏହି ପ୍ରଚଣ୍ଡ ଶବ୍ଦ କେଉଁଠୁ ଆସିଲା ତାହାର କାରଣ ଅସ୍ୱଷ୍ଟ ଥିବା ଜଣାଯାଇଛି । ସ୍ୱଳ୍ପ ସମୟ ପାଇଁ ହୋଇଥିବା ପ୍ରଚଣ୍ଡ ଶବ୍ଦ ଯୋଗୁଁ ସାରା ବେତନଟୀ ଏବଂ ବଡସାହି ବ୍ଲକ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଯାଇଥିଲା ।

## ଦି ହେରିଟେଜ୍ ସ୍କୁଲର ବାର୍ଷିକ ନାଟ୍ୟୋତ୍ସବ 'ବସୁଧୈବ କୁଟୁମ୍ବକମ୍'



ଭୁବନେଶ୍ୱର (ସବ୍ୟୁ): ପବିତ୍ର ଦୀପାବଳିର ଅବ୍ୟବହିତ ପୂର୍ବରୁ କୋଲକାତା ଚୌଭାଗା ଆନନ୍ଦପୁରସ୍ଥିତ ଦି ହେରିଟେଜ୍ ସ୍କୁଲର ସେକେଣ୍ଡାରୀ କକ୍ଷ ପକ୍ଷରୁ ବାର୍ଷିକ ନାଟ୍ୟୋତ୍ସବ 'ବସୁଧୈବ କୁଟୁମ୍ବକମ୍' ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅନୁଭବ ଦାସଗୁପ୍ତାଙ୍କ ନିର୍ଦ୍ଦେଶନାରେ ଖୁବ୍ ଶିକ୍ଷଣୀୟ, ସଂସ୍କୃତି ଧର୍ମୀ ଓ ମନୋରଞ୍ଜନକାରୀ ନାଟକକୁ ସ୍କୁଲର ଛାତ୍ରଛାତ୍ରୀ ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ଉଦଘାଟନୀ ଉତ୍ସବରେ ସ୍କୁଲର ଅଧକ୍ଷା ଶ୍ରୀମତୀ ସୀମା ସପ୍ରୁ "ବିଭିନ୍ନତା ମଧ୍ୟରେ ଏକତା" ହେଉଛି ଭାରତର ମୂଳମନ୍ତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ହରିକିଷନ୍ ଚୌଧୁରୀ କହିଲେ ୨୪ ବର୍ଷ ତଳେ ସ୍ଥାପିତ କ୍ଷୁଦ୍ର ଅନୁଷ୍ଠାନଟି ଏକ ବିଶାଳ ଦ୍ରୁମ ରୂପକ ବିଶ୍ୱବିଦ୍ୟାଳୟରେ ଉଭା ହେବାକୁ ଯାଉଛି। କାର୍ଯ୍ୟକ୍ରମରେ କଲ୍ୟାଣ ଭାରତୀ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ଅଗ୍ରୱାଲଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶିକ୍ଷକ ଅଭିଷେକ ମଣ୍ଡଳ।

### ଡିଏଭି ଚନ୍ଦ୍ରଶେଖରପୁରରେ ବ୍ରିଟିଶ୍ ଡେପୁଟି ହାଇକମିଶନର୍

# ଆଜିର ଆହ୍ୱାନ ହିଁ ଆସନ୍ତାକାଲିର ସାଫଲ୍ୟ



ଭୁବନେଶ୍ୱର, (ସବ୍ୟୁ): ସମସ୍ୟା ଓ ସଂଘର୍ଷ ମଣିଷକୁ ଦୃଢ଼କରି ଗଢିତୋଳେ। ଆଜିର ଆହ୍ୱାନଗୁଡ଼ିକୁ ସଫଳତାର ସହ ସମ୍ମୁଖୀନ ହୋଇପାରିଲେ ତାହା ଆସନ୍ତାକାଲି ପାଇଁ ଅସାମାନ୍ୟ ସଫଳତା ଆଣିଥାଏ ବୋଲି ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମରେ ଭାଗନେଇ ବ୍ରିଟିଶ୍ ଡେପୁଟି ହାଇକମିଶନର୍ ଡ. ଆଣ୍ଡ୍ରିଉ ଫ୍ଲେମିଂ ମତପ୍ରକାଶ କରିଛନ୍ତି। ଡ.ଫ୍ଲେମିଂ ତା'ଙ୍କ ବକ୍ତବ୍ୟରେ ନିଜର ଅନୁଭୂତି ବର୍ଣ୍ଣନା କରିବା ସହ ଆନନ୍ଦମୟ ଶୈଶବକୁ ବ୍ୟକ୍ତିତ୍ୱଗଠନର ଭିତ୍ତିଭୂମି ରୂପରେ ଅଭିହିତ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଜ୍ଞାନ ଓ କୌଶଳର ସୁସମନ୍ୱୟ ଉପରେ ଗୁରୁତ୍ୱାରୋପ କରି ସେ ସଂପ୍ରତି ବିଦ୍ୟାର୍ଥୀମାନଙ୍କ ଭିତରେ ଅଶେଷ ସମ୍ଭାବନା ଦେଖିପାରୁଥିବା କଥା କହିଥିଲେ। ଭାରତର ବିବିଧତାପୂର୍ଣ୍ଣ ସଂସ୍କୃତିକୁ ଭୂୟସୀ ପ୍ରଶଂସା କରି ଡ.ଫ୍ଲେମିଂ ଏହାକୁ ଦେଶର ଶ୍ରେଷ୍ଠ ପୁଞ୍ଜି ବୋଲି ଆଖ୍ୟା ଦେଇଥିଲେ। ବକ୍ତବ୍ୟ ପରେ ସେ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଭାଗନେଇ ଲୋକେ କଦାପି ଭଲକାମକୁ ଭୁଲନ୍ତି ନାହିଁ ବୋଲି ଅଭିମତ ରଖିଥିଲେ। ନିଜକାମରୁ ସନ୍ତୋଷ ଗ୍ରହଣ କରିପାରିଲେ ଲକ୍ଷ୍ୟହାସଲର ମାର୍ଗ ପ୍ରଶସ୍ତ ହୋଇଥାଏ ବୋଲି ବକ୍ତବ୍ୟଛଳରେ ସେ କହିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ସନ୍ତୋଷ କୁମାର ଶତପଥୀଙ୍କ ପୌରୋହିତ୍ୟରେ ସମାହିତ ଏହି ମନୋଜ୍ଞ ଉତ୍ସବରେ ଅଧକ୍ଷା ଡ.ସୁଜାତା ସାହୁ ସ୍ୱାଗତ ଭାଷଣ ଦେବା ସହ ଆୟୋଜନର ମୌଳିକ ଆଭିମୁଖ୍ୟର ଅବତାରଣା କରିଥିଲେ। ୟଙ୍ଗ ଇଣ୍ଡିଆନ୍ସ, ଭୁବନେଶ୍ୱର ଓ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର କର୍ମକର୍ତ୍ତା ଆୟୁଷ ଜାସୋରିଆ, ଅବନୀଶ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନେ ଲୋକପ୍ରିୟ ରଙ୍ଗବତୀ ଓ ବିବିଧ ନୃତ୍ୟ ପ୍ରଦର୍ଶନ ଜରିଆରେ ମୁଖ୍ୟଅତିଥିଙ୍କୁ ଆପ୍ୟାୟିତ କରିଥିଲେ। ବିଦ୍ୟାଳୟ ତରଫରୁ ଡ.ଫ୍ଲେମିଂଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଭଜନ କୀର୍ତ୍ତନ ମାନସିକ ଶାନ୍ତି ଦେଉଛି

ପୁରୀ, (ସବ୍ୟୁ): ହବିଷ୍ୟାଳୀ କେନ୍ଦ୍ର ମାନଙ୍କ ରେ ପ୍ରତି ସଂଧ୍ୟାରେ ପରିବେଷିତ ହେଉଛି ପାଲା,ଦାସକାଠିଆ, ସଂକୀର୍ତ୍ତନ, ଭଜନ ଓ ପ୍ରବଚନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ।ଏହି ଆଧ୍ୟାତ୍ମିକ ଭାବଧାରା ର ସାଂସ୍କୃତିକ କାର୍ଯ୍ୟକ୍ରମ ହବିଷ୍ୟାଳୀ ମା ମାନଙ୍କୁ କେବଳ ମନୋରଞ୍ଜନ ଦେଉନାହିଁ ବରଂ ମାନସିକ ଶାନ୍ତି ପ୍ରଦାନ ରେ ସହାୟକ ହେଉଛି ବୋଲି କହିଛନ୍ତି ହବିଷ୍ୟାଳୀ ମା ମାନେ।ବଲାଙ୍ଗୀର ର ବୀଣାପାଣି ମିଶ୍ର, ଖୋର୍ଦ୍ଧା ର ରଶ୍ମି ପ୍ରିୟା ବାଇ,ଲକ୍ଷ୍ମୀ ଦେଇ,ସୁଷମା ସ୍ୱାଇଁ, ଗଞ୍ଜାମ ର ସୁଜ୍ଞାନୀ ସାହୁ,କଟକର ମମତାପ୍ରଭା ରାଉତ, ବୌଦ୍ଧ ର ପୂର୍ଣ୍ଣବାସୀ ସାହୁ ପ୍ରମୁଖ ଙ୍କ ମତରେ ଏହା ଏକ ନିଆରା ଅନୁଭବ।ଆମେ ଘର ଦ୍ୱାର ଛାଡି ଆସିଲା ବେଳେ ଆଶଙ୍କା ଥିଲା,ଅଜଣା, ଅଶୁଣା ଲୋକ, ତାଙ୍କ ସହ କେମିତି ମିଶିବୁ, କେମିତି ଚଳିବୁ।ପିଲା ମାନଙ୍କ କଥା ମନେ ପଡିବ। ହେଲେ ଏଠାରେ କଳା ଠାକୁରଙ୍କୁ ଥରେ ଦେଖି ଆଖି ରୁ ଦି ଟୋପା ଲୁହ ଗଡିଗଲା ପରେ ସବୁ ମା ମାନେ ନିଜର ନିଜର ଲାଗିବାକୁ ଲାଗିଲେ।ବୋଧହୁଏ ସେ ଦୁଇ ଟୋପା ଲୁହ ପରିବାର ପ୍ରତି ଥିବା ମୋହ,ଆକର୍ଷଣ କୁ ଧୋଇ ଦେଲା।ହୃଦୟରେ ପିଲା, ପରିବାର ସ୍ଥାନରେ ମହାପ୍ରଭୁ ସ୍ଥାନିତ ହେଲେ।ଦିନ ରାତି ଏଠି କେବଳ ତାଙ୍କରି ଚିନ୍ତା। ଆମେ ଆମ ପାରିବାରିକ ଜଞ୍ଜାଳ ମଧ୍ୟରୁ କେବେ ହେଲେ ଏତେ ଦିନ ପାଇଁ ବାହାରି ମହାପ୍ରଭୁଙ୍କ ଦର୍ଶନ ଲାଗି ଆସି ପାରି ନ ଥାନ୍ତୁ।ତାଙ୍କରି ଡାକରା ରେ ଆସିଛୁ।ଅତି ସୁନ୍ଦର ରେ ଦର୍ଶନ କରୁଛୁ।

### ନୂଆପଡ଼ା ଉପନିର୍ବାଚନ

# କଂଗ୍ରେସ ଜାରି କଲା ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା

ଭୁବନେଶ୍ୱର,(ସବ୍ୟୁ): ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଛି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଭକ୍ତଚରଣ ଦାସଙ୍କ ପକ୍ଷରୁ ଏହି ତାଲିକା ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦିଆଯାଇଛି । ତାଲିକାରେ ସାଂସଦ, ବିଧାୟକ ଓ ବରିଷ୍ଠ ନେତା ସାମିଲ ଅଛନ୍ତି ।

କଂଗ୍ରେସର ପ୍ରଚାର ତାଲିକାରେ ଅଜୟ କୁମାର ଲଲ୍ଲୁ, ଭକ୍ତଚରଣ ଦାସ, ରାମଚନ୍ଦ୍ର କାଡାମ, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ, ରାଜସ୍ଥାନର ସଚିନ ପାଇଲଟ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଏ ରେବନ୍ଥା ରେଡ୍ଡୀ, ମଲ୍ଲୁ ଭଟ୍ଟି ବିକ୍ରମାର୍କ, ଡ଼ଃ ଗିରିଧର ଗୋମାଙ୍ଗ, ନରସିଂହ ମିଶ୍ର, କହ୍ନେୟା କୁମାର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ସାହନୱାଜ ଚୌଧୁରୀ, କିଶୋର ପଟେଲ, ତାରା ପ୍ରସାଦ ବହିନୀପତି, ଡ଼ଃ ସି ଏସ୍ ରାଜନ ଏକ୍କା, ସନ୍ତୋଷ ସିଂହ ସାଲୁଜା, ସସ୍ମିତା ବେହେରା, ଦ୍ୱାରିକା ପ୍ରସାଦ ଯାଦବ, ଜନକ ଧ୍ରୁବ, ତାମ୍ରଧ୍ୱଜ ସାହୁ, ଜଗନ୍ନାଥ ପଟ୍ଟନାୟକ, ଶିବକୁମାର ଦାହିୟା, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଗୁରୁ ରୁଦ୍ରକୁମାର, ସତ୍ୟଭୂଷଣ ସାହୁ, ରାମଚନ୍ଦ୍ର ଖୁଣ୍ଟିଆ, ୱାଇଏନ୍‌ଏସ୍ ଲାଗୁରି, ଅଲକା ଲାମ୍ବା, ଉଦୟ ଭାନୁ ଛିବ, ବରୁଣ ଚୌଧୁରୀ, ମିନାକ୍ଷୀ ବହିନୀପତି, ଅରବିନ୍ଦ ଦାସ, ମନୋଜ ମିଶ୍ର ଓ ଅମିତା ବିଶ୍ୱାଳ ପ୍ରମୁଖ । ସୂଚନାଯୋଗ୍ୟ, ନୂଆପଡ଼ାରେ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଉପନିର୍ବାଚନ ହେଉଛି । ଏଠାରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଭୋଟ୍ ଗ୍ରହଣ କରାଯିବ । କଂଗ୍ରେସ ପକ୍ଷରୁ ନୂଆପଡାରେ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରାଯାଇଛି ।




# ରାଷ୍ଟ୍ରୀୟ ସହରାଞ୍ଚଳ ଭୂମି ସର୍ବେକ୍ଷଣ ନକ୍ସା ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ଭୂ-ସମ୍ବଳ ବିଭାଗ ଆନୁକୂଲ୍ୟରେ ଡିଜିଟାଲ ଇଣ୍ଡିଆ ଜମି ରେକର୍ଡ ଆଧୁନିକିକରଣ ବ୍ୟବସ୍ଥା ଅନ୍ତର୍ଗତ ପାଇଲଟ ଯୋଜନା "ନକ୍ସାରେ ପ୍ରଥମ ପର୍ଯ୍ୟାୟରେ ଦେଶରେ ୧୫୨ଟି ସହରକୁ ସାମିଲ କରାଯାଇଥିବା ବେଳେ ଓଡିଶାର ୪ଟି ପୌରପାଳିକା ମଧ୍ୟରୁ ବାରିପଦା ପୌରପାଳିକାକୁ ସାମିଲ କରାଯାଇଥିବାରୁ ଏହାର କାର୍ଯ୍ୟ ଆରମ୍ଭ ହୋଇଛି । ଆଜି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବାରିପଦା ପୌରପାଳିକାର କାଉନ୍‌ସିଲର ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗର ପାଳିକା ସୀମା ଦାସ, ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା, ବାରିପଦା ତହସିଲଦାର ସପନ କୁମାର ସାହୁ, ଶମାଖୁଣ୍ଟା ତହସିଲଦାର ସାହେବ ରାମ ବାସ୍କେ ଓ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଯୋଗ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ ଯେ, ଇତି ମଧ୍ୟରେ ସେ ମାଶୁରିରେ ନକ୍ସା ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଯୋଗ ଦେଇଥିଲେ । ଏତଦ୍‌ବ୍ୟତୀତ ଭିତ୍ତି ଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ସାଜୁଥିବା ସମସ୍ୟାକୁ ଦୂର କରିବା ସହିତ ସର୍ବୋପରି ଜମି ରେକର୍ଡ ସ୍ୱଚ୍ଛ, ସଠିକ ଏବଂ ସମସ୍ତଙ୍କୁ ଗୋଟିଏ ପ୍ଲାଟଫର୍ମରେ ସହଜରେ ଉପଲବ୍ଧ ହୋଇପାରିବ । ମୋଟ ୩୬ ଟିମୌଜାର ବାରିପଦା ପୌରପାଳିକାର ୨୮ ଟି ଓ୍ୱାର୍ଡ ସହିତ ବାରିପଦା ତହସିଲ ଅଧିନସ୍ଥ ୩୪ଟି ଗ୍ରାମ ସହିତ ଶାମାଖୁଣ୍ଟା ତହସିଲର ୨ଟି ଗ୍ରାମକୁ ଏଥିରେ ସାମିଲ କରାଯାଇଛି । ଏହାର ସଠିକ କାର୍ଯ୍ୟକାରିତା ପାଇଁ ଦୁଇଜଣ ମାଷ୍ଟର ଟ୍ରେନର ଭାବରେ ତାଲିମ ନେଇ ଆସିଛନ୍ତି । ଲୋକମାନଙ୍କ ସହଭାଗୀତା ପାଇଁ ଏହି ଗ୍ରାମ ଗୁଡିକରେ ଏହାକୁ ପ୍ରଚାର କରିବା ସହିତ ସଚେତନତା ସୃଷ୍ଟି କରାଯିବା ପାଇଁ ରାଜସ୍ୱ ନିରୀକ୍ଷକ, ଟ୍ୟାକ୍ସ କଲେକଟରଙ୍କୁ ଓ ଆଉଟସରସିଂ ବ୍ୟକ୍ତିଙ୍କୁ ନେଇ ୧୪ଟି ଟିମ ଗଠିତ ହୋଇଛି । ଖୁବ୍‌ଶୀଘ୍ର ପ୍ରତ୍ୟେକ ଓ୍ୱାର୍ଡରେ ସମ୍ପୃକ୍ତ କାଉନ୍‌ସିଲରଙ୍କ ତତ୍ତ୍ୱାବଧାନରେ କ୍ଷେତ୍ର ସର୍ଭେ ଦଳ ମାନେ ଘରକୁ ଘର ଯାଇ ଜମି ଜମାର ନଥି ସହ ସର୍ଭେ କରି ଫର୍ମ-୨ରେ ଲୋକ ମାନଙ୍କ ପାଖରୁ ତଥ୍ୟ ସମ୍ବଳିତ ଘୋଷଣା ପତ୍ର ସଂଗ୍ରହ କରିବେ । ଲୋକମାନେ ଘୋଷଣା ପତ୍ର ଫର୍ମ-୨ ରେ ତଥ୍ୟ ଦେବା ସମୟରେ ଦୁଇଟି କପିରେ ତଥ୍ୟ ପୂରଣ କରି ଦସ୍ତଖତ କରିବେ, ଗୋଟିଏ କପି ନିଜ ପାଖରେ ରଖିବେ ଏବଂ ଗୋଟିଏ କପି ସର୍ଭେ ଟିମ କୁ ଦେବେ । ଯାଞ୍ଚ ପରେ ମେପ-୨ ପ୍ରଦାନ କରାଯିବ । ଯଦି ଏଥିରେ କାହାରି କିଛି ଅଭିଯୋଗ ଥିବ ତେବେ ଅଭିଯୋଗ ପତ୍ର ଦାଖଲ କରିପାରିବେ ।


ଅଭିଯୋଗ ପତ୍ର ଉପରେ ବିଚାର କରାଯାଇ ଚୂଡାନ୍ତ ନୂଆ ପଟ୍ଟା ପ୍ରଦାନ କରାଯିବ । ଏହି ସର୍ଭେ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅଭିନବ ପ୍ରକାର ଆଇଇସି କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବା ନେଇ ନଗରପାଳ ସୂଚନା ଦେଇଥିଲେ । ଏହି ସର୍ଭେ କାର୍ଯ୍ୟକ୍ରମରେ ସହଯୋଗ ତଥା ଏହାକୁ ସଫଳ କରିବା ପାଇଁ ସହରବାସୀଙ୍କୁ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ପକ୍ଷରୁ ନିବେଦନ କରାଯାଉଛି । ଆଜିର ଶିବିରରେ ପୌରପାଳିକାର ସମସ୍ତ ୱାର୍ଡର ପାରିଷଦ, ସର୍ଭେ ଟିମର ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




# ବିଜେପି ନେତା ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ଆଇନଜୀବୀ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ବିଜେପି ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଲାଞ୍ଜିପଲ୍ଲି - ହଳଦିଆ ପଦର ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଟେଇରା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦଳୀୟ ନେତୃବୃନ୍ଦ ସ୍ୱର୍ଗତ ପୀତବାସ ପଣ୍ଡା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରୁଥିଲେ । ନିର୍ଭୀକ ଓ ସାହସିକତାର ବ୍ୟକ୍ତିତ୍ୱ ଥିଲେ । ଏହା ସହ ସେ ଜଣେ ଗରିବଙ୍କ ସହାୟକ ଏବଂ ଦରଦୀ ବନ୍ଧୁ ଭାବେ ପରିଚିତ ଥିଲେ । ଗତ ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ଦୁର୍ବୃତ୍ତ ମାନେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ । ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲାରେ ଚହଳ ସୃଷ୍ଟି କରିଥିଲା । ଘଟଣା ଅତି ସମ୍ବେଦନଶୀଳ ଓ ଜଣେ ଆଇନଜୀବିଙ୍କୁ ଗୁଳି କରି ହତ୍ୟା କରିବା ନିମନ୍ତେ ଯୋଜନା କରିଥିବା ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ପୋଲିସ ପକ୍ଷରୁ ଦକ୍ଷ ପୋଲିସ ଅଧିକାରୀ ମାନଙ୍କୁ ନେଇ ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଆଜି ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । କ୍ରାଇମବ୍ରାଞ୍ଚ ଓ ବରିଷ୍ଠ ଅଧିକାରୀ ମାନଙ୍କୁ ସହିତ ଆଲୋଚନା କରିଥିଲେ । ଏହି ଘଟଣା ଉପରେ ଆଲୋଚନା କରି ଏହିଭଳି ଆଉ ଘଟଣା ନଉଠିବା ଉପରେ ଦୃଷ୍ଟି ରଖିବାକୁ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ଜଣେ ଆଇନଜୀବୀଙ୍କୁ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ସଂଗ୍ରହ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଗୁଳି କରିଥିବା ଦୁଇ ଜଣ ଅପରାଧୀଙ୍କ ସମେତ ପ୍ରଚ୍ଛଦ ପଟର ଖଳନାୟକଙ୍କୁ ଧରି ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଖଣି ଶିଳ୍ପ ଓ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶି ସୁରଜ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ, ବିଭୁପ୍ରସାଦ ତ୍ରିପାଠୀ ରାଜ୍ୟ ବାର କାଉନସିଲ ସଭାପତି, ଆସିକା ସଂସଦ ଅନିତା ଶୁଭଦର୍ଶୀନୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ,ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି, ପୂର୍ବତନ ଜିଲ୍ଲା ସଭାପତି ଶିଶିର ପାଢୀ, ବରିଷ୍ଠ ଆଇନଜୀବି ତଥା ରାଜନୈତିକ ସମୀକ୍ଷକ ଅଜିତ ସାହୁ, ଟି.ଗୋପି, ସିଦ୍ଧାନ୍ତ ଗଙ୍ଗଦେବ, ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ମହାନ୍ତି, ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଲ,ମଦନମୋହନ ସାହୁ, କୁଞ୍ଜ ବିହାରୀ ପାଣିଗ୍ରାହୀ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଆଇନଜୀବୀ ମଦନ ମୋହନ ପାତ୍ର ମହନ୍ତ ଚିନ୍ମୟାନନ୍ଦ ଦାସ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି କାମନା ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।










## ଜାତୀୟସ୍ତରୀୟ ଧର୍ତି ଆବା ଜନଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଶାର ସଫଳତା

ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କ ଜନଜାତି ମନ୍ତ୍ରାଳୟ ତଥା ଡଃ ରାମଦୟାଲ ମୁଣ୍ଡା ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଝାଡ଼ଖଣ୍ଡର ରାଞ୍ଚି ଠାରେ ପ୍ରଥମ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲ୍‌୨୦୨୫ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ଭାରତର ୧୫ଟି ରାଜ୍ୟରୁ ୧୪୨ଟି ସଂସ୍ଥା ପଞ୍ଜିକରଣ କରିଥିବାବେଳେ ୫୨ଟି କ୍ଷୁଦ୍ର ଓ ପ୍ରାମାଣିକ ଚଳଚିତ୍ର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା। ସେଥିମଧ୍ୟରୁ ଓଡିଶାର ୪ଟି କ୍ଷୁଦ୍ର ଚଳଚିତ୍ର ମଧ୍ୟରୁ ରମେଶ ହେମ୍ବ୍ରମଙ୍କ "ପୁଇସା ଦାରେ ୨ୟ ଏବଂ ଦୀପକ କୁମାର ବେଶ୍ରାଙ୍କ "ପପାୟା ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଓଡିଶା ପାଇଁ ସୁନାମ ଆଣିଛନ୍ତି। ତତ୍‌ସହିତ ଓଡିଶାର ଅନ୍ୟ ଦୁଇଟି ଫିଲ୍ମ ଶ୍ୟାମା ସୁନ୍ଦର ମାଝିଙ୍କ "ବ୍ରେକିଙ୍ଗ ଦି ବାରିୟାର୍ସ ଓ ରାଜମୋହନ ସୋରେନଙ୍କ "ହେଣ୍ଡେ ସୋନା ମଧ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଝାଡ଼ଖଣ୍ଡ ସରକାରଙ୍କ ଅନୁସୂଚିତ ଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଚମର ଲିଣ୍ଡା, ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ରାକେଶ ଓରାଓନ ତଥା ଫିଲ୍ମ ନିର୍ମାତା ମେଘନାଦ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଓଡିଶାର ଏହି ଫିଲ୍ମ ନିର୍ମାତା ମାନେ ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।



# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟରେ ପୁସ୍ତକ ଲୋକାର୍ପଣ ଉତ୍ସବ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଆନୁକୂଲ୍ୟରେ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡଃ ଭରତ ଚନ୍ଦ୍ର ଦାଶଙ୍କ ଲିଖିତ କବିତା ଗ୍ରନ୍ଥ ପ୍ରୀତିସିକ୍ତା'କୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର ଶତପଥୀ ନିଜ ବକ୍ତବ୍ୟରେ ଏହି ପୁସ୍ତକ ନିରସ ପ୍ରାଣରେ ସରସତା ଭରିଦେବ ବୋଲି କହିବା ସହ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଲେଖନୀ ଚାଳନା କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। କବିତା ଗ୍ରନ୍ଥର ରଚୟିତା ଡଃ ଭରତ ଚନ୍ଦ୍ର ଦାଶ ଜୀବନରେ ସେ କାହିଁକି କବି ହେଲେ ତା'ର ଏକ ଆବେଗମୟ ଚିତ୍ର ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଦୋହରିଧରିଥିଲେ। କବିଟିଏ ଓଡାହରଣ ଲୋକାପବାଦକୁ ଦୂରରେ ରଖି ତାଙ୍କ ଭାବରାଜ୍ୟରେ ବିଚରଣ କରୁଥାଏ ଓ ତାର ଅନୁଭୂତିକୁ ରୂପଦେଇ ଅନାମ୍ଧହିଁରେ ହସ ଫୁଟାଉଥାଏ ବୋଲି ସେ ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର ପାଳିଆବିନ୍ଧା ବିଏନ୍‌ଏମ୍‌ଏ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରସ୍ତୁକାର ଡଃ ବିଶ୍ୱରଞ୍ଜନ ଦାସ ଆଲୋଚକ ଭାବରେ ଯୋଗଦାନ କରି କବିମିଶରର ଭାବାବେଗକୁ ନେଇ ସାଂପ୍ରତିକ ସ୍ଥିତିରେ ତାର ମୂଲ୍ୟବୋଧ ସମ୍ବନ୍ଧରେ ଏକ ସାରଗର୍ଭକ ଭାଷଣ ରଖିଥିଲେ। ସାହିତ୍ୟିକ ଭାବାବେଗକୁ ଶୃଙ୍ଖଳରେ ବାନ୍ଧିଦେଲେ ସାହିତ୍ୟ ସଂସ୍କୃତି ହୋଇଯାଏ ଓ କାଳଜୟୀ ହୋଇପାରେ ନାହିଁ ବୋଲି ସେ ମତ ରଖିଥିଲେ। ସଭାପତି ପ୍ରଫେସର ପରିଡ଼ା ସାଂପ୍ରତିକ ସ୍ଥିତିରେ ପ୍ରୀତିର ବାସ୍ତବ ରୂପ କିପରି ସ୍ୱାର୍ଥପରତାରେ ରୂପାନ୍ତରିତ ହୋଇଯାଇ ମଳିନ ପଡ଼ିଯାଉଛି ସେ ଦିଗରେ ନିଜର ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ ପରିଷଦର ସମ୍ପାଦକ ଡଃ ବିଚିତ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଷଦର ସହ-ସମ୍ପାଦକ ଡଃ ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧାପିକା ଡଃ ବିଶେଶ୍ୱରୀ କଳିକା, ଅଧାପକ ରାଜକୁମାର ପାତ୍ର, ହୃଷୀକେଶ ମହାନ୍ତଙ୍କ ସମେତ ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ସାନ୍ତାଳୀ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଗଣ ଯୋଗଦାନ କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଗଛରେ ଝୁଲନ୍ତା ଗଳିତ ମୃତଦେହ ଠାବ

ବାରିପଦା, (ସବ୍ୟୁ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପିଆରଏମ୍ ମେଡିକାଲ ପରିସରରେ ଗଛରେ ଝୁଲନ୍ତା ଅବସ୍ଥାରେ ଅଜଣା ଗଳିତ ମୃତଦେହ ଠାବ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ସକାଳୁ ପ୍ରବଳ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ମେଡିକାଲ ପରିସରରେ ଗଛରେ ଏକ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲେ ଏବଂ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ୧୫ ରୁ ୨୦ଦିନ ତଳର ମୃତଦେହ ବୋଲି ଅନୁମାନ କରାଯାଉଛି । ମାତ୍ର ଏକ ଗଳିତ ଶବର ପରିଚୟ ମିଳିପାରିନାହିଁ । ତେବେ ଏଠାରେ ୨୪ଘଣ୍ଟା ପୋଲିସ ଓ ସିକ୍ୟୁରିଟି ବ୍ୟବସ୍ଥା ଥିବା ସତ୍ତ୍ୱେ ମୃତଦେହ କେଉଁଠୁ ଓ କିପରି ଆସିଲା ସେ ସମ୍ବନ୍ଧରେ ହସ୍ପିଟାଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା । ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ସେ ସମ୍ବନ୍ଧରେ କୌଣସି ସବିଶେଷ ତଥ୍ୟ ମିଳିପାରିନାହିଁ ।

# ବୃନ୍ଦାବନପୁର ରାଣୀପାଳ ସେତୁ ଉଦ୍‌ଘାଟିତ



ଓଡାପଡା, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗୋବିନ୍ଦପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ବୃନ୍ଦାବନପୁର ରାଣୀପାଳ ରାସ୍ତାରେ ସାପୁଆ ନାଳ ଉପରେ ଏକ ନୂତନ ସେତୁର ଶୁଭ ଉଦ୍ଘାଟନ ହୋଇଯାଇଛି । ଗ୍ରାମ ନିର୍ମାଣ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ନିର୍ବାହିଯନ୍ତ୍ରୀ ସୋନାଲି ସ୍ୱରଚିତା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଢେଙ୍କାନାଳ ଲୋକ ସଭା ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଉକ୍ତ ଉତ୍ସବରେ ଯୋଗଦେଇ ଏକ ଉକ୍ତ ସେତୁଟିର ଶୁଭ ଉଦ୍ଘାଟନ କରିଥିଲେ । ଦୀର୍ଘ ଦିନର ଦାବୀକୁ ସରକାର ପୂରଣ କରିବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ଗମନାଗମନ ସୁବିଧା ହେବବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ବିଜେପି ପୂର୍ବତନ ସଭାପତି ନରେଶ ମହାପାତ୍ର , ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ପ୍ରକାଶ ପଣ୍ଡା, ସନ୍ତୋଷ ନାଏକ, ଭାଗ୍ୟଲକ୍ଷ୍ମୀ ନାଏକ, ଇତିଶ୍ରୀ ସାହୁ, ସହଦେବ ପୃଷ୍ଟି ଉପସ୍ଥିତ ଥିଲେ । ବିଭାଗୀୟ ଉପନିର୍ବାହୀ ଯନ୍ତ୍ରୀ ଶିବରାଜ ପ୍ରେଟି, କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଂଜନ ବେହେରା କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲାରେ ଯୁବକଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା, (ସବ୍ୟୁ) : ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାରିପଦା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ପ୍ରତିମା ପାତ୍ର ଅଭିଯୁକ୍ତ ବଳରାମ ମୁଣ୍ଡା(୨୩)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୨୧ ମସିହା ନଭେମ୍ବର ୨୪ତାରିଖ ସନ୍ଧ୍ୟା ସମୟରେ ମୟୂରଭଞ୍ଜ ଜିଲ୍ଲା ଜାମଦା ଥାନା ଅଞ୍ଚଳର ବଡକୁଲେଇବିରା ଗ୍ରାମର ବଳରାମ ମୁଣ୍ଡା ଉକ୍ତ ଗ୍ରାମର ଏକ ନାବାଳିକାକୁ ଏକୁଟିଆ ପାଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ । ପରେ ପୀଡିତା ଜଣଙ୍କ ଏ ସମ୍ପର୍କରେ ଘରେ ଜଣାଇଥିଲେ । ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଜାମଦା ଥାନାରେ ୮୧/୨୧ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶୁକ୍ରବାର ୧୭ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୭ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସୀଙ୍ଗିପୁରରେ ସୁରଭି କାର୍ଯ୍ୟକ୍ରମ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ସିଙ୍ଗିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯାହାଡ଼ା କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହାଡୁବନ୍ଧୁ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ମୁଖ୍ୟବକ୍ତା ଭାବରେ ବିଇଓ ଅଭିମନ୍ୟୁ ସାହୁ, ଅତିଥିଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଦିପ୍ତିରେଖା ନାଥ, ସହକାରୀ ଯନ୍ତ୍ରୀ ବିକ୍ରମ ସୋରେନ, ଏବିଇ ଓ ବିଭୁତି ଭୁଷଣ ପାତ୍ର, ସମିତିସଭ୍ୟା ମମତା ଦାସ, ପିଇଓ କାଳୁ ଚରଣ ସ୍ୱାଇଁ, ପୂର୍ବତନ ସରପଂଚ ପ୍ରଫୁଲ୍ଲ ଦାସ, ଏସଏମସି ସଭାପତି ବୁଲୁ ଦାସ, ସିଆରସିସି ବ୍ରଜବନ୍ଧୁ ନାୟକ, ଜେ. ଏସ ପୂର୍ଣ୍ଣ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଯାହାଡ଼ା କ୍ଲଷ୍ଟର ଅଧିନସ୍ଥ ସାତ ଗୋଟି ବିଦ୍ୟାଳୟର ୭୫୦ ଜଣ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ସେଥିମଧ୍ୟରୁ ୧୨୦ ଜଣଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ରେଳ ଧାରଣାରୁ ଡିଏଫଓ ଗାଡି ଚାଳକଙ୍କ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ଆଙ୍କୁଲି ଓଭରବ୍ରିଜ ନିକଟ ରେଳଧାରଣାରୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ(ଡିଏଫଓ)ଙ୍କ ଗାଡି ଚାଳକଙ୍କ ମୃତଦେହ ଜବତ ହୋଇଛି । ମୃତକ ଜଣଙ୍କ ହେଲେ ଲାଞ୍ଜିପଲ୍ଲୀ ଇନ୍ଦିରାନଗରର ପ୍ରଥମ ଲାଇନର ସନୋଜ କୁମାର ଶଙ୍ଖୁଆ(୪୨) । ଏନେଇ ସରକାରୀ ରେଳବାଇ ଥାନା(ଜିଆରପି)ରେ ୯୦/୨୫ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଚାଲି ଆସିବାରୁ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ପିଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଶୁକ୍ରବାର ବଢି ଭୋର ଆଙ୍କୁଲି ଓଭରବ୍ରିଜ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଜିଆରପିକୁ ଖବର ମିଳିଥିଲା । ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ନିକଟରୁ ମିଳିଥିବା ପରିଚୟପତ୍ର ତାଙ୍କ ଠିକଣା ବିଷୟରେ ଜଣାପଡିଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ସନୋଜ ଅନେକ ବର୍ଷ ହେବ ଆଉଟସୋର୍ସିଂ ଜରିଆରେ ଡିଏଫଓଙ୍କ ଗାଡି ଚାଳକ ଭାବେ କାର୍ଯ୍ୟ କରିବା ସହ ନିଜ ସହଯୋଗୀଙ୍କ ସହ ମିଶି ତହସିଲ ଅଫିସ ନିକଟରେ ଏକ ଫାଷ୍ଟଫୁଟ ଦୋକାନ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଡିଏଫଓ କାର୍ଯ୍ୟାଳୟରେ ଡ୍ୟୁଟି ସାରି ଦୋକାନକୁ ଯାଇଥିଲେ। ହେଲେ ରାତିରେ ଘରକୁ ସେ ଆଉ ଫେରିନଥିଲେ।

ବିଳମ୍ବ ହେବାରୁ ପରିବାର ଲୋକେ ଦୋକାନକୁ ଆସି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳନଥିଲା । ହେଲେ ରେଳ ଧାରଣାରେ ତାଙ୍କ ମୃତଦେହ ପଡିଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ସନୋଜ କିଛି ଦିନ ହେବ ମାନସିକ ଚାପରେ ରହିଥିବା ସୂଚନା ମିଳିଛି ।

# କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ଚୋରି ଘଟଣା

# ୨ ଜଣଙ୍କୁ ଗିରଫ କଲା ପୋଲିସ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରରେ ଜୁଲାଇ ମାସରୁ କ୍ରମାଗତ ଭାବେ ହେଉଥିବା ଚୋରି ଗୁଡ଼ିକର ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛି । ଏହି ସିରିଏଲ ଚୋରିରେ ସାମିଲ ମୂଖ୍ୟ ଆସାମୀ ଅନୀଲ ଗମାଙ୍ଗକୁ ପୋଲିସ ଧରିବା ସହ ତା ଠାରୁ ମିଳିଥିବା ସୂଚନାକୁ ଆଧାର କରି ଜଣେ ସହଯୋଗୀ ସଞ୍ଜିତ ନାୟକକୁ ଗିରଫ କରିଛି । ସେମାନଙ୍କ ଠାରୁ ପୋଲିସ ୫ଟି ଲ୍ୟାପଟପ୍, ୩ଟି ଅଲ୍ ଇନ୍ ୱାନ କମ୍ପ୍ୟୁଟର, ଗୋଟିଏ ପ୍ରୋଜେକ୍ଟର, ଅନେକ ଗୁଡ଼ିଏ କମ୍ପ୍ୟୁଟର ସାମଗ୍ରୀ ଜବତ କରିଛି । ଅନୀଲ ଶିକ୍ଷିତ ହୋଇଥିବା ସହ ସହରର ଆରଟିଓ ଅଫିସ ନିକଟରେ ତିନି ମହଲା ଅଟ୍ଟାଳିକାରେ ରହୁଥିବା ଅନୀଲ ଏଭଳି ଚୋରୀରେ ସାମିଲ ଥିବା ଅନ୍ୟମାନଙ୍କୁ ଚକିତ କରିବା ସହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଜୁଲାଇ ମାସ ୧୫ ତାରିଖ ଓ ଅଗଷ୍ଟ ୧୫ ତାରିଖ ଦିନ ଛତ୍ରପୁରର ତାଡେପଲ୍ଲୀ ସାହି ସ୍ଥିତ ଓକେସିଏଲର ଜିଲ୍ଲା ମୂଖ୍ୟ କେନ୍ଦ୍ର ରେଖୋସ୍ ଡିଜିଟାଲ ଏଜୁକେସନରୁ ୯ଟି ଲ୍ୟାପଟପ୍, ୩ଟି ଅଲ୍ ଇନ୍ ୱାନ କମ୍ପ୍ୟୁଟର, ପ୍ରୋଜେକ୍ଟର, ସ୍କାନର, ପ୍ରିଣ୍ଟର ଆଦି ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିଲା । ଏହାପରେ ସେପ୍ଟେମ୍ବର ମାସ ୧୫ ତାରିଖ ଦିନ ଛତ୍ରପୁରର ଆଉ ଏକ କମ୍ପ୍ୟୁଟର କେନ୍ଦ୍ର ଏଡୁକେରରେ ଚୋରି ସହ ନିଆଁ ଲଗାଇ ଦେଇଥିଲା । ଏହି ସମସ୍ତ ଚୋରୀ ଏକ ନିର୍ଦ୍ଦିଷ୍ଟ ପ୍ୟାଟର୍ନରେ ହୋଇଥିବାରୁ ଏହା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଆଜି ଛତ୍ରପୁର ସ୍ଥିତ ପୋଲିସ ମୂଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ସମସ୍ତ ତଥ୍ୟ ପ୍ରଦାନ କରିବା ସହ ଅପରାଧୀଙ୍କ ପ୍ୟାରେଡ କରାଇ ଥିଲେ । ପୋଲିସ ସାଇବର ସେଲର ସହଯୋଗ ସହ ସ୍ୱତନ୍ତ୍ର ସୂତ୍ରରୁ ଖବର ପାଇ ଅପରାଧୀଙ୍କୁ ଗିରଫ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ସାମଗ୍ରୀ ଜବତ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ । ପରେ ଗଞ୍ଜାମ ଏସପି ଉକ୍ତ ଉଦ୍ଧାର ହୋଇଥିବା ସାମଗ୍ରୀ ଗୁଡିକୁ ଓକେସିଏଲର ଗଞ୍ଜାମ ଜିଲ୍ଲାର ମୂଖ୍ୟ ଏସ ରେଖା ମହାନ୍ତିଙ୍କୁ ଫେରାଇ ଥିଲେ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବ୍ୟବସ୍ଥା: ୫ବର୍ଷ ଧରି ଗାଦି ମାଡି ବସିଛନ୍ତି

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାଶିକ୍ଷା କାର୍ଯ୍ୟାଳୟରେ ଦିର୍ଘ ଦିନ ଧରି ଅନେକ କର୍ମଚାରୀ ଗାଦି ମାଡି ବସିଛନ୍ତି। ସରକାରଙ୍କ ସମସ୍ତ ନିତୀ ନିୟମକୁ ଉଲଙ୍ଘନ କରି ବର୍ଷ ବର୍ଷ ଧରି ବହୁ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିଲେ ମଧ୍ୟ ବଦଳି ହେଉନାହିଁ। ଢେଙ୍କାନାଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅନେକ କର୍ମଚାରୀ ଦିର୍ଘ ଦିନ ଧରି ରହିଛନ୍ତି। ଫଳରେ ବହୁ ଅନିୟମିତତା ହେଉଥିବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା।ସରକାରଙ୍କ ଜିଏ ବିଭାଗ ନିୟମ ଅନୁସାରେ ମିନିଷ୍ଟ୍ରିଆଲଷ୍ଟାଫ ପ୍ରତି ତିନି ବର୍ଷରେ ଥରେ ୫୦ ପ୍ରତିଶତ ବଦଳି କରାଯାଇଥାଏ। କିନ୍ତୁ ଜିଲ୍ଲା ଶିକ୍ଷାକାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରତାପ କୁମାର ମହାପାତ୍ର ଦିର୍ଘ ସାଢେ ୫ବର୍ଷ ଧରି ସେଠାରେ କାର୍ଯ୍ୟ କରୁଥିବା ବେଳେ ବଡବାବୁ ୫ବର୍ଷରୁ ଅଧିକ ରହିଛନ୍ତି। ସେହିପରି ସନ୍ତୋଷ କୁମାର ସାହୁ ,ପ୍ରିୟଦର୍ଶୀ ମିଶ୍ର ଏବଂ ଧଳବାବୁ ମଧ୍ୟ ୪ବର୍ଷରୁ ଅଧିକ ସମୟ ରହି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ନାମରେ ବହୁ ଅଭିଯୋଗ ରହିଥିବାର ଜଣାପଡିଛି। ଏହାକୁ ନେଇ ମାଧ୍ୟମିତ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ଗତ ଅଗଷ୍ଟ ୨୦ ତାରିଖରେ ରାଜ୍ୟରେ ଥିବା ଜିଲ୍ଲା ଶିକ୍ଷାକାର୍ଯ୍ୟାଳୟରେ ତିନି ବର୍ଷରୁ ଅଧିକ ଦିନ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଜିଲ୍ଲା ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀ ମାନେ ଗାଦି ମାଡି ବସିଥିଲେମଧ୍ୟ ସେମାନଙ୍କୁ ବଦଳି କରାଯାଉନଥିବାରୁ ଅସନ୍ତୋଷ ଦେଖାଦେଇଛି ।

# ରାଜ୍ୟସ୍ତରୀୟ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ଚୟନ ଶିବିର ଯୋଗଦେବା ନିମନ୍ତେ ଏମ୍‌ଏସସିବି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କ ଭୁବନେଶ୍ୱର ଗସ୍ତ

ବାରିପଦା, (ସବ୍ୟୁ) : ଆଗାମୀ ସାଧାରଣତନ୍ତ୍ର ଦିବସ ନିମନ୍ତେ ଦିଲ୍ଲୀର ରାଜପଥରେ ଆୟୋଜିତ ହେବାକୁ ଯାଉଥିବା ପ୍ୟାରେଡ୍‌ରେ ଭାଗ ନେବାପାଇଁ ଜାତୀୟ ସେବା ଯୋଜନା ପକ୍ଷରୁ ପ୍ୟାରେଡ ଚୟନ ଶିବିର ଆୟୋଜିତ ହୋଇଯାଇଅଛି। ଏହି ଅବସରରେ ରାଜ୍ୟ ସ୍ତରୀୟ ପ୍ରାକ୍-ସାଧାରଣତନ୍ତ୍ର ପରେଡ ଚୟନ ଶିବିର ୨ଦିନ ଧରି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହେଉଛି, ଏଥିରେ ଯୋଗଦେବା ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ପ୍ୟାରେଡ୍




ଚୟନ ଶିବିରରେ ମନୋନୀତ ହୋଇଥିବା ୧୬ଜଣ ସ୍ୱେଚ୍ଛାସେବୀଙ୍କ ସମେତ ସୀମାନ୍ତ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡଃ ଶରତ କୁମାର ପଡିଆରୀ ଭୁବନେଶ୍ୱର ଗସ୍ତ କରିଛନ୍ତି । ଗସ୍ତ କରିଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଶୁଭେଚ୍ଛା ଜଣାଇଛନ୍ତି । ଗସ୍ତ ସମୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍‌ଏସଏସ ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ, ଏନ୍‌ଏସଏସ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ, ବିଭାଗୀୟ ଅଧିକାରୀ ସୁସ୍ମିତା ପାତ୍ର, ସହାୟକ ଅଜୟ କୁମାର ବଳ ଏବଂ ପୋଗ୍ରାମ ଅଫିସର ହୋରମୋହନ ମହାନ୍ତ ଉପସ୍ଥିତ ଥିଲେ। ଏହି ଶିବିରରେ ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ସ୍ୱେଚ୍ଛାସେବୀ ମାନେ ଭାଗନେବେ ଏଥିରେ ଯୋଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନେ ଆଗକୁ ପୂର୍ବ-ଜୋନ ପ୍ରାକ୍ ସାଧାରଣତନ୍ତ୍ର ଚୟନ ଶିବିରରେ ଯୋଗଦେବେ ।

## ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ

ଠାକୁରଗଡ ,(ସବ୍ୟୁ) : ବିଶ୍ୱ ଯୁବ କେନ୍ଦ୍ର,ବଣୀନାଳୀ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଗୋଳ ଜିଲ୍ଲାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ପରିଷଦ ଅଧକ୍ଷ୍ୟା, ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରି, ବିଶ୍ ଯୁବ କେନ୍ଦ୍ରର ନିର୍ଦ୍ଦେଶକ,ମନୋଜ କୁମାର ମହାପାତ୍ର, ମହାବିଦ୍ୟାଳୟର ଅଧାପକ ଅସିତ କୁମାର ଜେନା ଓ ଅଧାପିକା ସୁମିତ୍ରା ସ୍ୱାଇଁ,ଶୁଭ୍ରାସିନୀ ପ୍ରଧାନ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପରେ କାର୍ଯ୍ୟକ୍ରମର ମୂଖ୍ୟ ଉଦେଶ୍ୟ ବିଷୟରେ ଅବଗତ କରାଯାଇଥିଲା । ୧୧ ଅକ୍ଟୋବର ୨୦୨୫ ରୁ ୨୬ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଯାଉଥିବା ୧୦୦ ଦିନିଆ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ କୁ ଜିଲ୍ଲା ପରିଷଦ ଅଧକ୍ଷ୍ୟା, ଅନୁଗୋଳ ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଶିଶୁ କନ୍ୟାଙ୍କ ଗୁରୁ, ଅଧିକାର, ସମାଜରେ ଘଟୁଥିବା ସମସ୍ୟା ଯେପରି ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନାଓ ତାର ନିରାକରଣ ଉପରେ ବିଶ୍ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ଆଲୋକପାତ କରିଥିଲେ । ସର୍ବଶେଷରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବାଲ୍ୟ ବିବାହ ନିରାକରଣ ପାଇଁ ଏକ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୫୦ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ ଯୁବ କେନ୍ଦ୍ରର ଅଭୟ ଚରଣ ସ୍ୱାଇଁ, ପୂଜା ସ୍ୱାଇଁ, ଗୋଲକ ବିହାରୀ ଗାଁ ପରିଚାଳନା କରିଥିଲେ ।

# ୧୫ ଲକ୍ଷର ଗଞ୍ଜେଇ, ୨ କାର୍ ଜବତ: ୪ ଗିରଫ

ଅନୁଗୋଳ ,(ସବ୍ୟୁ): ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢ଼ଉ କରାଯାଇ ୧୫ ଲକ୍ଷ ଟଙ୍କାର ଚୋରା ଗଞ୍ଜେଇ ସହ ଦୁଇଟି କାର ମଧ୍ୟ ଜବତ କରାଯାଇଛି । ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳର ସୌମ୍ୟରଞ୍ଜନ ପ୍ରଧାନ, ବବୁଲୁ ପ୍ରଧାନ, ପୁରୀର ପ୍ରଶାନ୍ତ ରାଉତରାୟ ଏବଂ ଅନୁଗୋଳର ପ୍ରଦୀପ ଦାସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଯାଇଛି । ସକାଳେ ଦୁଇଟି ଦାମୀ କାରରେ ଜରପଡ଼ା ଆଡୁ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅନୁଗୋଳ ଡେପୁଟି ଅବକାରୀ ଅଧିକ୍ଷକ ନୀଳାଦ୍ରି ନାୟକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ରମ୍ଭା ବାଗ, ଏସଆଇ ରଞ୍ଜିତା ହରିଚନ୍ଦନ, ଗାୟତ୍ରୀ ମାଝୀ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀମାନେ ସଦଳବଳ ଚଢ଼ଉ କରିଥିଲେ । ଅବକାରୀ ବିଭାଗ ଟିମ୍ ଜରପଡ଼ା ଅଭିମୁଖେ ଯାଉଥିବା ବେଳେ ଦୁର୍ଗାପୁରଠାରେ ଗାଡ଼ି ଦୁଇଟିକୁ ଧରି ଯାଞ୍ଚ କରିଥିଲେ । ଦୁଇଟି ଗାଡ଼ିରୁ ବିପୁଳ ଚୋରା ଗଞ୍ଜେଇ ବାହାରିଥିଲା । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

# ପଦ୍ମାବତୀପୁର ପଞ୍ଚାୟତ ଏକଡାଳଠାରେ ମେଗା ସ୍ୱାସ୍ଥ୍ୟ ଶିବିର



ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ପଦ୍ମାବତୀପୁର ପଂଚାୟତର ଏକଡାଳ ଗ୍ରାମ ଠାରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଏରିଆ ସିଏସଆର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମେଡିକାଲ୍ ଅଫିସର ତଥା ଜଗନ୍ନାଥ କୋଲିୟରୀ ଡିସ୍ପେନସାରୀର ଡାକ୍ତର ଶଶୀଧର ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲଣ୍ଡା ଡିସ୍ପେନସାରୀର ଶିଶୁ ବିଶେଷଜ୍ଞ ଡାକ୍ତର ରାକେଶ କୁମାର ଏବଂ ଅନନ୍ତ ଡିସ୍ପେନସାରୀର ଡାକ୍ତର କ୍ରିଷ୍ଣା କୁମାରୀ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି ଶିବିରରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ବିତରଣ କରାଯାଇଥିଲା । ଏହି ଶିବିରରେ ଜଗନ୍ନାଥ, ଅନନ୍ତ ଓ ବଲଣ୍ଡା ଡିସ୍ପେନସାରୀର ଫାର୍ମାସିଷ୍ଟ ବିଶ୍ୱମ୍ଭର ସାହୁ, ସୁଜିତ ଦାସ ଓ ଅଭିଷେକ ଶତପଥିଙ୍କ ସହିତ ରାଜେଶ ନନ୍ଦି, ସନ୍ତୋସିନୀ ସାହୁ, ସ୍ମରଣିକା ବେହେରା, ଦେବୀପ୍ରିୟା ପ୍ରଧାନ, ଗୌତମ ନାଏକ, ଆମ୍ବୁଲାନସ୍ ଡ୍ରାଇଭର ତ୍ରିନାଥ ସାହୁ, ସୁଶାନ୍ତ କୁମାର ପାଣି ଓ ସେଂଟଜନ୍ ଆମ୍ବୁଲାନ୍ସ ଅନୁଗୋଳର ଅବୈତନିକ ଯୁଗ୍ମ ସଂପାଦକ ତଥା ଏମସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ର ଡିଭିଜନ୍ କମାଣ୍ଡର ଦୀନବନ୍ଧୁ ପ୍ରଧାନ, ଆମ୍ବୁଲାନସ୍ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ପମିତ୍ରା ପ୍ରଧାନ, ଅନିଲ ଥମ୍ଭ ପ୍ରମୁଖ ସହଯୋଗ କରିଥିଲେ । ଶିବିରରେ ରକ୍ତଚାପ, ମଧୁମେହ, ଶିଶୁମାନଙ୍କର ଏବଂ ବିଭିନ୍ନ ପ୍ରକାରର ରୋଗର ୧୦୪ ଜଣଙ୍କୁ ଚିକିତ୍ସା କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଂଚ ଖୁଲଣା ପରିଡା, ଦିପେନ୍ଦ୍ର କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ, ଦିଲ୍ଲିପ୍ ଦେହୁରୀ, ପ୍ରମୋଦ ପ୍ରଧାନ, ପ୍ରାଣବନ୍ଧୁ ଦାସ, ଗୁରୁଦେବ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପରିଡା, କୃଷ୍ଣ ଚନ୍ଦ୍ର ଦାସ, ଅଜିତ୍ ବିଶ୍ୱାଳ, ନାରଣ ବିଶ୍ୱାଳ, କୁମୁଦ ଚନ୍ଦ୍ର ଦେହୁରୀ, ଦୁଷ୍ମନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ବିନା ସୁରକ୍ଷା ଉପକରଣରେ କାମ କରୁଛନ୍ତି ଶ୍ରମିକ

ବଅଁରପାଳ ,(ସବ୍ୟୁ): ଅନୁଗୋଳ ଜିଲ୍ଲାରେ ଥିବା କଳକାରଖାନା, ଖଣି,କୋଠା ବାଡ଼ି ଗୁଡିକରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଲୋକମାନେ ଜିବନକୁ ବାଜି ଲଗାଇ ବିପଦ ପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ର ଓ ରାଜ୍ୟ ଶ୍ରମ ବିଭାଗ ଅଧିକାରୀମାନେ ନିୟମିତ ଜିଲ୍ଲାରେ ଥିବା ଶିଳ୍ପ ଅନୁଷ୍ଠାନ, ଖଣି ଓ କୋଠା ବାଡ଼ି ଗୁଡିକରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁନଥିବାରୁ ଦୁର୍ଘଟଣା ପରେ ନିରୀହ ଶ୍ରମିକ ମୃତ୍ୟୁବରଣ କରୁଛନ୍ତି । ଘଟଣାରୁ ପ୍ରକାଶ ନାଲକୋ କଲୋନୀ ମଧ୍ୟରେ ଥିବା ଏକ ପୁରୁଣା ହଷ୍ଟେଲ ଘରକୁ ଭାଙ୍ଗିବା ପାଇଁ ରାଜ୍ୟ ବାହାର ଅଣ ଓଡିଆ ଠିକାଦାର ନିଯୁକ୍ତି ହୋଇଛି । ସଂପୃକ୍ତ ଠିକାଦାର କଲିକତା ଅଞ୍ଚଳରୁ ପ୍ରାୟ ୨୫ ଜଣ ଶ୍ରମିକଙ୍କୁ ଆଣି ହଷ୍ଟେଲ ଘର ଭାଙ୍ଗିବା କାର୍ଯ୍ୟରେ ନିୟୋଜିତ କରିଛନ୍ତି । ବିନା ସୁରକ୍ଷା ଉପକରଣରେ ଶ୍ରମିକମାନେ ୧୨ ଘଣ୍ଟା ଧରି କାର୍ଯ୍ୟ କରୁଛନ୍ତି । ଶ୍ରମିକମାନେ କାମ କରୁଥିବା ସମୟରେ ସୁରକ୍ଷା ହେଲମେଟ,ସୁରକ୍ଷା ବେଲଟ ଓ ସେଫ୍ଟିଜୋତା ପିନ୍ଧି ନଥିଲେ । ଏଥିସହିତ କାର୍ଯ୍ୟ ସ୍ଥାନରେ କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା ନାହିଁ । ବିନା ସୁରକ୍ଷା ବ୍ୟବସ୍ଥାରେ ଠିକାଦାର ଜଣକ ଦୀର୍ଘ ଦିନ ହେଲା କାର୍ଯ୍ୟ କରୁଥିବା ବେଳେ ଶ୍ରମ ବିଭାଗ ଅଧିକାରୀ ମାନେ କିଭଳି ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସଂପୃକ୍ତ ଠିକାଦାର ଅଣ ଓଡିଆ ଶ୍ରମିକମାନଙ୍କୁ ଆଣି କାମ କରୁଥିବାରୁ ସ୍ଥାନୀୟ ଶ୍ରମିକ ମାନେ କାମ ନପାଇ ବେକାର ହୋଇ ବସିଛନ୍ତି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛ । ନାଲକୋ ନଗର ଥାନା ଅଞ୍ଚଳର ଜଣେ କବାଡି ବ୍ୟବସାୟୀ ଓ ଜଣେ ଦଲାଲ ସଂପୃକ୍ତ ଅଣ ଓଡିଆ ଠିକାଦାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବାରୁ ସ୍ଥାନୀୟ ଶ୍ରମିକଙ୍କ ମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି । ଠିକାଦାର ଜଣକ ସ୍ଥାନୀୟ ଶ୍ରମିକଙ୍କୁ ନେଇ କାର୍ଯ୍ୟ କଲେ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଓ ସୁରକ୍ଷା ଉପକରଣର ଦେବାକୁ ପଡ଼ିବ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ଏମସିଏଲର ୨୯ତମ ଆଞ୍ଚଳିକ ଖଣି ରେସ୍କ୍ୟୁ ପ୍ରତିଯୋଗିତା ଉଦ୍‌ଯାପିତ

# ଖଣିର ସୁରକ୍ଷାକୁ ପ୍ରାଧାନ୍ୟତା : ସିଏମଡ଼ି



ତାଳଚେର, (ସବ୍ୟୁ) : ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ ରାଂଚି ଓ ଏମିଏଲର ମିଳିତ ସହଯୋଗରେ ୨୯ତମ ଆଂଚଳିକ ଖଣି ରେସ୍କ୍ୟୁ ପ୍ରତିଯୋଗିତାର ଉଦଯାପନୀ ସମାରୋହ ତାଳଚେର ସ୍ଥିତ ସିଡ଼ବ୍ଲୁଏସ୍‌ଏସ୍ କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଂଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରିବା ସହ ଅତିଥି ପରିଚୟ, ସମସ୍ତ କର୍ମକର୍ତାଙ୍କୁ ସମ୍ମାନୀତ କରାଯାଇଥିଲା। ତାଳଚେର ଏରିଆ ପକ୍ଷରୁ ଆୟୋଜିତ ଖଣି ରେସ୍କ୍ୟୁର ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ଦକ୍ଷିଣ ପୂର୍ବକ୍ଷେତ୍ର ରାଂଚି ଉପନିର୍ଦ୍ଦେଶକ ଡ଼ଃ ଶ୍ୟାମସୁନ୍ଦର ପ୍ରସାଦ ଯୋଗଦେଇ ଖଣିରେ ବିଭିନ୍ନ ଦୁର୍ଘଟଣା ସମୟରେ ସ୍ୱତନ୍ତ୍ରଭାବେ ରେସ୍କ୍ୟୁଟିମ ପଂହଚି ତୁରନ୍ତ ସଠିକ ଭାବେ ତାଙ୍କ କାର୍ଯ୍ୟ ତୁଲାଇବା ସହ ଖଣି ଶ୍ରମିକମାନଙ୍କୁ ବିପଦ ମୁଖରୁ ଉଦ୍ଧାର କରୁଥିବାରୁ ସର୍ବ ପ୍ରଥମେ ସେମାନଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏମସିଏଲର ସିଏମଡ଼ି ଉଦୟ କାଓଲ ଅଧକ୍ଷତା କରି ପ୍ରକାଶ କରିଥିଲେ ଯେ, ଏମସିଏଲ ବିଭିନ୍ନ ଖଣିରେ ରେସ୍କ୍ୟୁ ଟିମ ସ୍ୱତନ୍ତ୍ରଭାବେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ବିପଦ ମୁଖରୁ ଉଦ୍ଧାର କରି ଆସୁଛନ୍ତି ଓ ବିଶେଷତଃ ଭାବେ ଖଣିର ସୁରକ୍ଷାକୁ ସବୁ ସମୟରେ ପ୍ରାଧାନ୍ୟତା ଦେଇ ଆସୁଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ ଡ଼ିଏମଏସ୍ ଭୂବନେଶ୍ୱର ଏକେ ମିଶ୍ର ଡ଼ାଇରେକ୍ଟର ଏଚଆର କେଶବ ରାଓ, ସିଭିଓ ପିକେ ପଟେଲ, ଡ଼ିଟି (ପି ଆଣ୍ଡ ପି) ସଞ୍ଜୟ ଝା, ଜିଏମ ଏକେ ଧଳ, ସୁରକ୍ଷା ରେସ୍କ୍ୟୁ ଜିଏମ ସିପିଗର୍ବ ପ୍ରମୁଖ ଯୋଗଦାନ କରି ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥିଭାବେ ଶ୍ରମିକ ସଂଗଠନ ଏଆଇଟୟୁସିର ଏସକେ ଶର୍ମା, ଆଇଏନଟିୟୁସି ସୌଭାଗ୍ୟ ପ୍ରଧାନ, ଡ଼ିଏମଏସ୍ ସଞ୍ଜିବ ମହାପାତ୍ର, ଏଚଏମଏସ୍ ଶଙ୍କର ବେହେରା, ସିଷ୍ଟା କୁଞ୍ଜ ବିହାରୀ ବେହେରା, ଅଫିସର ସଂଘର ଆରକେ ମଲ୍ଲୀକ ଯୋଗଦେଇ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ତାଳଚେର ଏରିଆ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭୂୟଶି ପ୍ରସଂଶା କରିଥିଲେ। ଗତ ୧୪ ତାରିଖ ଠାରୁ ରେସ୍କ୍ୟୁ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାର କୃତୀପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷର ତାଳଚେର ଏରିଆ ଜିଏମ ଏଏ ଅନସାଂରୀ ଧନ୍ୟବାଦ୍‌ଅର୍ପଣ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ତାଳଚେର ଖଣିର ସମସ୍ତ ଅଧିକାରୀ, କର୍ମଚାରୀ, ଶ୍ରମିକମାନେ ଉପସ୍ଥିତ ଥିଲେ ।

# ଶିକ୍ଷୟିତ୍ରୀଙ୍କଠାରୁ ଲୁଟିନେଲେ ସୁନାଚେନ, କାନଫୁଲ

ଠାକୁରମୁଣ୍ଡା,(ସବ୍ୟୁ):ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ଗୁହାଳଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟ ର ସରକାରୀ ଶିକ୍ଷୟିତ୍ରୀ ସୁନିତା ଟିଉଲି ବିଦ୍ୟାଳୟକୁ ଯାଉଥିବା ବେଳେ ସୁନାଚେନ ଏବଂ କାନଫୁଲ ଲୁଟି ନେଲେ ଦୁର୍ବୃତ୍ତ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସୁନିତା ଟିଉଲି ନିଜ ସ୍କୁଟି ଯୋଗେ ନିଜଘର ବାଘମୁଣ୍ଡା ଡଙ୍ଗାଦିହା ସାହି ରୁ ଗୁହାଳଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟ କୁ ଯାଉଥିବା ବେଳେ ପଛରୁ ଦୁଇ ଜଣ ଦୁର୍ବୃତ୍ତ ଏକ କଳାରଙ୍ଗ ପୋଲସର ବାଇକରେ ଆସି ସୁନିତାଙ୍କ ଓଢ଼ଣି କୁ ଟାଣି ଦେବାରୁ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଦୁଇ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ସୁନା ଚେନ ଓ କାନଫୁଲ ଛଡ଼ାଇ ନେଇଥିଲେ। ସୁନିତା ପାଟି କରିବାରୁ ଦୂରରେ ଗାଈ ଚରାଉଥିବା ଲୋକ ଆସିଥିଲେ ଦ୍ରୁତ ଗତିରେ ବାଇକ ଚଲାଇ ପଳାଇଥିଲେ। କିଛି ସମୟ ପରେ ଖବର ପାଇ ପ୍ରଧାନ ଶିକ୍ଷକ ଦଶରଥ ବିଶ୍ୱ ଘଟଣା ସ୍ଥଳରେ ପହଞ୍ଚି ସୁନିତାଙ୍କୁ ବିଦ୍ୟାଳୟକୁ ନେଇଥିଲେ। ପରେ ସୁନିତା ଠାକୁରମୁଣ୍ଡା ଥାନା ରେ ଲିଖିତ ଅଭିଯୋଗ କରିବା ପରେ ଠାକୁରମୁଣ୍ଡା ଥାନା ଏସ ଆଇ ଅନିତା ସ୍ୱାଇଁ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

# ମା'କାଳିଡ୍ରା ଟ୍ରକ୍ ମାଲିକ ସଂଘର ଧାରଣା : ୧୪ କୋର୍ଟଚାଲାଣ

ଭଣ୍ଡାରୀ ପୋଖରୀ,(ସବ୍ୟୁ): ମା'କାଳିଡ୍ରା ଟ୍ରକ ମାଲିକ ସଂଘର ୧୪ ଜଣ ଧାରଣାକାରୀଙ୍କୁ ପୁଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସଂଘ ପକ୍ଷରୁ ୧୬ ନଂ ଜାତୀୟ ରାଜପଥ ଭଣ୍ଡାରୀ-ନାରାୟଣପୁର ଟୋଲଗେଟ ସମ୍ମୁଖରେ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ଜନାଧାରଣା ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ପୁଲିସ ଧାରଣାକାରୀଙ୍କୁ ଉଠାଇ ନେଇଥିଲା। ଏଥିସହ ଧାରଣାକାରୀଙ୍କ ଦ୍ୱାରା ଅଟକ ଥିବା ଧାମରାରୁ ମାଲ ପରିବହନ କରିଥିବା ୨୦ଟି ଟ୍ରକକୁ ପୁଲିସ ଜବତ କରିଥିଲା। ଧାରଣାକାରୀମାନଙ୍କୁ ପୁଲିସ ପ୍ରଥମେ ଭଣ୍ଡାରୀପୋଖରୀ ଥାନା, ପରେ ଗ୍ରାମାଞ୍ଚଳ ଥାନା ଓ ରିଜର୍ଭ ପୋଲିସ ପଡ଼ିଆ ପୁଲିସ କାର୍ଯ୍ୟାଳୟକୁ ନେଇ ଅଟକ ରଖିଥିଲା। ୨ୟ ପର୍ଯ୍ୟାୟ ଧାରଣା ସମୟରେ ଗତ ସେପ୍ଟେମ୍ବର ୧୨ ତାରିଖରେ ଜଉଧରଗୋଲା ଟ୍ରକ ଆସୋସିଏସନ ପକ୍ଷରୁ ସମ୍ପାଦକ ସୁବ୍ରତ କୁମାର ଦାସଙ୍କ ଦ୍ୱାରା ମା କାଳିଡ୍ରା ଟ୍ରକ ମାଲିକ ସଂଘ ବିରୋଧରେ ଅଭିଯୋଗ ଆଧାରରେ ରୁଜୁ ହୋଇଥିବା ୪୦୭/୨୫ ନଂ ମାମଲା ବଳରେ ୧୪ ଜଣ ଧାରଣାକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି। ଅପରପକ୍ଷେ ଭଣ୍ଡାରୀ ପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନ୍ତର୍ଭୁକ୍ତ ଟ୍ରକଗୁଡ଼ିକୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗରେ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି। ଜିଲ୍ଲା ଓ ଜିଲ୍ଲା ବାହାରର ଟ୍ରକ ମାଲିକ ସଂଘଗୁଡ଼ିକୁ ପରିବହନ ସୁଯୋଗ ମିଳୁଥିବା ବେଳେ ବୈମାତୃକ ମନୋଭାବ ଯୋଗୁଁ ଏଥିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରି ମା'କାଳିଡ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ବାରମ୍ବାର ଧାରଣା ହୋଇଛି। ପ୍ରତ୍ୟେକ ଧାରଣା ସମୟରେ ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ଦିଆଯାଉଥିବା ପ୍ରତିଶ୍ରୁତିକୁ ପରେ ଏଡ଼ାଇ ଦିଆଯାଉଛି। ପେଟପାଟଣା ପାଇଁ ଟ୍ରକ ବ୍ୟବସାୟ ଚଳାଉଥିବା ମାଲିକମାନେ ନିରାଶ ହୋଇ ପଡ଼ିଛନ୍ତି। ଏଥିପାଇଁ ସଂଘ ପକ୍ଷରୁ ୩ ଦଫା ଦାବି ରଖାଯାଇଛି। ଧାମରା ବନ୍ଦରରୁ ୧୫ ଶତାଂଶ ମାଲ ପରିବହନ ସୁଯୋଗ ମିଳିବା, ଧାମରାର ସ୍ଥାନୀୟ ସଂଘ ବ୍ୟତୀତ ଜିଲ୍ଲାର ଅନ୍ୟ ସମସ୍ତ ସଂଘଙ୍କୁ ସମାନ ପରିବହନ ସୁବିଧା ଯୋଗାଇ ଦିଆଯିବା ଓ ଜଉଧରଗୋଲା ଟ୍ରକ ଆସୋସିଏସନ ପକ୍ଷରୁ ମା କାଳିଡ୍ରା ଟ୍ରକ ମାଲିକ ସଂଘ ବିରୋଧରେ ଦିଆଯାଇଥିବା ଏଫ.ଆଇ.ଆର. ପ୍ରତ୍ୟାହାର କରାଯିବା ଆଦି ଦାବି କରାଯାଇଛି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକର ୧୬ ଟି କ୍ଲଷ୍ଟର ମଧ୍ୟରୁ ୧୦ ଟି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ବ୍ଲକ ସାତକୋଶିଆ କ୍ଲଷ୍ଟରର ଉଦଘାଟନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସୁପ୍ତ ଥିବା ପ୍ରତିଭାର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ବୋଲି ମତ ଦେଇଥିଲେ ଓ। ସାତକୋଶିଆ ହାଇସ୍କୁଲ ପରିସରରେ ଆୟୋଜିତ ସୁରଭି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିଶୁ ହସିଲେ ଦୁନିଆ ହସିବ ।ତେଣୁ ପ୍ରାଥମିକ ସ୍ତରରୁ ପିଲା ଭିତରେ ଥିବା ପ୍ରତିଭାକୁ ଚିହ୍ନଟ କରିବା ଓ ସୁଯୋଗ ଦେବା ସୁରଭିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ରଖିଥିଲେ । ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ କହିଲେଯେ, ସବୁ ଶିକ୍ଷା ଭିତରେ ଆମକୁ ଭଲ ମଣିଷ ହେବାକୁ ପଡିବ । ଭଲ ମଣିଷ ହେଲେ ଆମେ ଯାହା କରିବା ସେଥିରେ ଆମ ସମାଜ ଉପକୃତ ହେବ । ସିଆରସିସି ଜ୍ୟୋତିରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଚାନ୍ଦମଣି ଜାରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ସାତକୋଶିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରଣା, ସାତକୋଶିଆ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁବନ କୁମାର ପାତ୍ର, ପୂର୍ବତନ ସିଆରସିସି ସୁଶାନ୍ତ କୁମାର ନାୟକ, ଅଖାପାଲାଣ କ୍ଲଷ୍ଟର ସିଆରସିସି ମନୋରଞ୍ଜନ ଲୁହୁରା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସାତକୋଶିଆ ମଧ୍ୟାହ୍ନଚାରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସାହୁଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ସାତକୋଶିଆ ଗ୍ରାମପଞ୍ଚାୟତର ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।ସହଦେ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ସୁକାନ୍ତି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଟ୍ରାକ୍ଟର ଭର୍ତ୍ତି ତିଆରି ବାଣ ଓ ବାରୁଦ ଜବତ କଲା ପୁଲିସ

ବେତନଟୀ ,(ସବ୍ୟୁ): ଗତ କିଛି ସପ୍ତାହ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବାଙ୍କୁରାପଡ଼ା ଗ୍ରାମର ଅନୀଲ ପାତ୍ରଙ୍କ ଘରେ ବାଣ ବିସ୍ଫୋରଣ ଯୋଗୁଁ ମୃତ୍ୟୁ ୫ ହେବା ପରଠୁ ବିଭିନ୍ନ ସ୍ଥାନରେ ଭିନ ଭିନ ସମୟରେ ଅବୈଧ ଚଢାଉ କରି ବିପୁଳ ପରିମାଣର ବାଣ ଏବଂ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ , ବାରୁଦ ଜବତ କରିଚାଲିଛି ପୁଲିସ ।ତେବେ ଏହିଭଳି ବ୍ୟବସାୟୀ ମାନେ ପ୍ରଶାସନକୁ ଖେଲାଡିରେ ରଖି କିଛି ଅନ୍ୟ ଗ୍ରାମର ସାଧାରଣ ଲୋକଙ୍କ ଜୀବନକୁ ବାଜିରେ ଲଗାଇ ବାଣ ଗଚ୍ଛିତ ରଖୁଛନ୍ତି, ଯାହା ପୁଲିସର ଚିନ୍ତା ବଢ଼ାଇ ଦେଇଛି । ଶୁକ୍ରବାର ପୂର୍ବାହ୍ନ ସମୟରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ତାଙ୍କ ଟିମ ସହିତ ବିଶେଷ ସୂତ୍ରରୁ ଖବର ପାଇ ପୁରୁଣିଆ ଗାଁ ଭିତରେ ଥିବା ବୈଦ୍ୟନାଥ ଧରଙ୍କ ଏକ ପରିତ୍ୟକ୍ତ ଘରେ ଆଚମ୍ବିତ ଚଢ଼ାଉ କରିଥିଲେ ଏବଂ ସେଠାରୁ ଏକ ଟ୍ରାକ୍ଟର ଭର୍ତ୍ତି ଅପ୍ରତ୍ୟୁ ହାତ ତିଆରି ବାଣ ଓ ବାରୁଦ ଜବତ କରିଥିବା ବେଳେ ଅଭିଯୁକ୍ତ ଫେରାର ଥିବାର ଜଣାଯାଇଛି । ସେହିପରି ଗୁରୁବାର ସନ୍ଧ୍ୟାରେ ବିଭିନ୍ନ ରାତିରେ ବିଶେଷ ସୂତ୍ରରୁ ଖବର ପାଇ ବୈଶିଙ୍ଗା ପୁଲିସ ମହୁଲପାଟଣା ଗ୍ରାମର ମନ୍ଦିରେ ଥିବା ବାସନ୍ତୀ ପୂଜା ମଣ୍ଡପ ଓ ଏକ ନିର୍ମାଣାଧୀନ କୋଠାରୁ ୧୨ବସ୍ତାରୁ ଅଧିକ ହାତ ତିଆରି ବାଣ ମଧ୍ୟ ଜବତ କରିଥିଲା ଏବଂ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ଥିଲା । ମାତ୍ର ଦୁଇ ଦିନ ପୂର୍ବରୁ ବୈଶିଙ୍ଗା ଥାନା ଅଧୀନ ପଦ୍ମାନଭାପୁର ଗ୍ରାମର ଜନବସତି ଭିତରେ ଥିବା ଏକ ପରିତ୍ୟକ୍ତ ଗୋଦାମ ଗୃହରୁ ୧୦୭ବସ୍ତା ବିସ୍ଫୋରକ ପ୍ରସ୍ତୁତି ସାମଗ୍ରୀ ସମେତ ୧୨୦କିଲୋ ମେଟାଲ ପାଉଡର ଜବତ କରି ଏକ ବଡ଼ ଦୁର୍ଘଟଣାରୁ ଗ୍ରାମବାସୀଙ୍କୁ ଉଦ୍ଧାର କରିଥିବାବେଳେ ଅଭିଯୁକ୍ତ ଏବେବି ଫେରାର ଥିବାର ଜଣାଯାଇଛି ।

# ଲଙ୍ଗଳେଶ୍ୱରରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ



ବାଲେଶ୍ୱର,(ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଉପଲକ୍ଷେ ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଲଙ୍ଗଳେଶ୍ୱର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଗୁରୁବାରସନ୍ଧ୍ୟାରେ ଲଙ୍ଗଳେଶ୍ୱର ସ୍ଥିତ ହରପାର୍ବତୀ ମନ୍ଦିର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ହରପାର୍ବତୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ୭୯ଟି ଦୀପଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ତଥା ବିଭିନ୍ନ କ୍ଷେତ୍ରରେ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଦେଶ ତଥା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ତେଣୁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଏବଂ ହରପାର୍ବତୀ ତାଙ୍କୁ ଦୀର୍ଘାୟୁ ଓ ସୁସ୍ଥ ରଖନ୍ତୁ ଓ ଏହିପରି ସେ ଓଡ଼ିଶା ବାସୀଙ୍କ ସେବା କରି ଚାଲୁଥାନ୍ତୁ ବୋଲି ବିଧାୟିକା ସୁବାସିନୀ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନିଲ ମହାନ୍ତି, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା ଚକ୍ରଧର ଗିରି, ଭଗବାନ ଗିରି, ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ଅଜୟ କୁମାର ସାମଲ, ସୁବ୍ରତ ପଣ୍ଡା, ମହେଶ୍ୱର ଜେନା, ଦେବ କୁମାର ଦେ, ଅଜୟ ପାତ୍ର , ମହିଳା ବିଜେଡ଼ି ସଭାପତି କସ୍ତୁରୀବାଳା ପାତ୍ର, ଲିପିକା ରାଉଳ, ଯୁବ ଛାତ୍ର ବିଜେଡି ସଦସ୍ୟ ଅନୁପମ ମହାନ୍ତି, ଦିଲୀପ ଦଳାଇ, ସୁଶାନ୍ତ ବେହେରା, ଶାନ୍ତନୁ ବେରାଙ୍କ ସମେତ ବହୁ ଯୁବ, ଛାତ୍ର,ମହିଳା ଓ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଚିକିତ୍ସାଧୀନ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବେତନଟୀ ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଥାନା ଅଧୀନ ବନ୍ଧସାହି ଗ୍ରାମର ସ୍ୱର୍ଗତଃ ଭୁଗୁଲୁ ମୁର୍ମୁଙ୍କ ପୁଅ ବାୟା ମୁର୍ମୁ (୪୦) ଗୁରୁବାର ପାଖ ଗାଁ କୁ କାମ କରିବାକୁ ଯାଇଥିଲା । ତେବେ ବିଳମ୍ବିତ ସନ୍ଧ୍ୟାରେ ତାଙ୍କର ମୁହଁ ସମେତ ଶରୀରରେ ଅନେକ ସ୍ଥାନରେ କ୍ଷତାକ୍ତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଫେରିବା ପରେ ରକ୍ତ ବାନ୍ତି କରିଥିଲେ । ତାଙ୍କ ସ୍ତ୍ରୀ ବାୟାର ଏଭଳି ଅବସ୍ଥା ଦେଖି ବ୍ୟସ୍ତ ହୋଇ ପଡ଼ିବା ସହ ସଙ୍ଗେ ସଙ୍ଗେ ଗାଡି ଯୋଗେ ବେତନଟୀ ଡାକ୍ତରଖାନା ନେଇଯାଇଥିଲେ । ସେଠାରେ ବାୟାର ଅବସ୍ଥା ଆହୁରି ଗୁରୁତର ହୋଇ ପଡିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ଡାକ୍ତରଖାନା ପଠାଇ ଦିଆଯାଇଥିଲା । ବାୟାର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯିବା ଯୋଗୁଁ ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ବୈଶିଙ୍ଗା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମୃତକଙ୍କ ସ୍ତ୍ରୀର ଲିଖିତ ଅଭିଯୋଗକ୍ରମେ ପୁଲିସ ୫୧/୨୫ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ତଦନ୍ତ ଚଳାଇଛି ବୈଶିଙ୍ଗା ପୁଲିସ । ଏବେବି ମୃତ୍ୟୁର ସଠିକ କାରଣ ତଦନ୍ତାଧୀନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# କୁରୁଣ୍ଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ଶିବିର

ଖଇରା,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ସ୍ୱାସ୍ଥ୍ୟ ଉପକେନ୍ଦ୍ର) ପରିସରରେ ଗୁରୁବାର ଦିନ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଏହି ଶିବିରରେ ସିକିଲ ସେଲ, ମାଲେରିଆ, ମଧୁମେହ, ନିମୋନିଆ ତଥା ଅନ୍ୟ ଅଣସଂକ୍ରାମକ ରୋଗ ଚିହ୍ନଟ କରାଯିବା ସହ ମାଗଣା ଔଷଧ ବିତରଣ କରାଯାଇଥିଲା। ପରେ ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଉପସ୍ଥିତ ଡାକ୍ତର,ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ବିଭିନ୍ନ ପ୍ରକାର ଯୋଗ ଶିଖାଇଥିଲେ । ଡା ଦେବକାନ୍ତ ପାଢୀ, ଜିଲ୍ଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ସରପଞ୍ଚ ରଘୁନାଥ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମନ୍ତ ସାମଲ,ଏଏନଏମ ସଂଯୁକ୍ତାରାଣୀ ଦାସ, ସିଏଚଓ ଦିବ୍ୟାଭାରତୀ ସାହୁ, ଜୟପ୍ରକାଶ ପାତ୍ର,ଆଶା ପବିତ୍ରା ଜେନା ଓ କନକଲତା ଜେନା ପ୍ରମୁଖ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ସଚେତନତା ଉପରେ ଆବଶ୍ୟକ ପରାମର୍ଶ ଦେଇଥିଲେ ।

# ପାଣିରେ ବୁଡି ଦୁଇମୃତ

ଢେଙ୍କିକୋଟ ,(ସବ୍ୟୁ):କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ଫାଣ୍ଡି ଭୋଳବେଡ଼ା ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମରେ ଖେଳିଯାଇଛି ଦୁଃଖରଛାୟା । ଦୁଇଦିନରେ ପାଣିରେ ବୁଡି ଦୁଇଜଣଙ୍କ ଜୀବନ ଯାଇଛି । ଜଣେ ମା' ଦଶମା ମୁଣ୍ଡା ତା ଦୁଇବର୍ଷର ଝିଅ କବିତା ମୁଣ୍ଡାକୁ ପାଖ ପୋଡେଶୀ ଘରେ ଜିମା ଦେଇ ଗାଇଈ ଚରାଇବାକୁ ଯାଇଥିବାବେଳେ ମା କୁ ଖୋଜିବାକୁ ଯାଇ ଝିଅଟି ରାସ୍ତା କଡରେ ଥିବା ପୋଖରୀ ରେ ପଡ଼ି ଜୀବନ ହାରିଛି । ସେହିପରି ଅନ୍ୟ ଜଣେ ନରସିଂହ ନାୟକ (୬୨) ନାମକ ବୃଦ୍ଧ ଆଜି ନିକଟବର୍ତ୍ତୀ ପୋଖରିକୁ ଗାଧୋଇବାକୁ ଯାଇ ଗଭୀର ପାଣିରେ ବୁଡି ଜୀବନ ଯାଇଛି । ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରି ଦୁଇଟି ଅପମୃତ୍ୟୁ ମାମଲା ରୁଜୁକରି ପୋଷ୍ଟ ମୋଟମ କରାଇଛନ୍ତି । ଉକ୍ତ ଗ୍ରାମରେ ଦୁଇ ଦୁଇଟି ମୃତ୍ୟୁ ଯୋଗୁଁ ଶୋକରଛାୟା ଖେଳିଯାଇଛି ।

# ଭିନ୍ନ ଢଙ୍ଗରେ ଦିପାବଳୀ ପାଳିଲେ ସାରକୋଣା ସରପଞ୍ଚ

ଖଇରା,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ସାରକୋଣା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ନାୟକ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଦିପାବଳୀ ଅବ୍ୟବହିତ ପୂର୍ବରୁ ପଞ୍ଚାୟତକୁ ଭତ୍ତା ନେବାକୁ ଆସିଥିବା ଦିବ୍ୟାଙ୍ଗ,ବିଧବା ଓ ବୁଢାବୁଢୀଙ୍କୁ ରସଗୋଲା ଖୁଆଇ ସେମାନଙ୍କ ଗହଣରେ ଦିପାବଳୀ ପାଳିଛନ୍ତି । ଶୁକ୍ରବାର ଦିନ ସରପଞ୍ଚ ଶ୍ରୀ ନାୟକ ନିର୍ବାହୀ ଅଧିକାରୀ ରଞ୍ଜିତ ସାମଲଙ୍କ ଓ ଜିଆରଏସ କଳ୍ପନା ମୁଖିଙ୍କ ସହ ମିଶି ୩୫୦ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବାଣ୍ଟି ମିଠା ଖୁଆଇବା ସହ ବୁଢାବୁଢୀ ହିତାଧିକାରୀଙ୍କ ପାଦଛୁଇଁ ପ୍ରଣାମ କରି ଆଶିର୍ବାଦ ନେବାକୁ ଭୁଲି ନଥିଲେ । ସେ ଦାୟିତ୍ୱରେ ରହିବା ପରଠାରୁ ଏହି ପରମ୍ପରା ବଜାୟ ରଖିଛନ୍ତି । ଏହିଭଳି ବରିଷ୍ଠ ଓ ଦିବ୍ୟାଙ୍ଗ ଆଶିର୍ବାଦ ତାଙ୍କୁ ଆଗକୁ ବଢିବାକୁ ବାଟ ଦେଖାଇବ ବୋଲି ସରପଞ୍ଚ ଶ୍ରୀ ନାୟକ କହିଛନ୍ତି ।

# ଡାକ୍ତର ବ୍ରଜସୁନ୍ଦର ସ୍ୱାଇଁଙ୍କ ଆକ୍ରମଣ : ୩ ଗିରଫ

ସୋର,(ସବ୍ୟୁ): ସୋର କଲେଜଛକ ନିକଟସ୍ଥ ଏକ କ୍ଲିନିକ ଆଗରେ ଡାକ୍ତରଙ୍କୁ କଟୁରୀରେ ଆକ୍ରମଣ ଘଟଣାରେ ସୋର ପୁଲିସ ଶୁକ୍ରବାର ଦିନି ଜଣେ ନାବାଳିକ ସହିତ ୪ ଜଣଙ୍କୁ ଗିରଫ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗତ ସେପ୍ଟେମ୍ବର ୧୭ ତାରିଖ ସଂଧ୍ୟାରେ ଡାକ୍ତର ଶ୍ରୀ ସ୍ୱାଇଁ ନିଜ କ୍ଲିନିକରୁ ରୋଗୀ ଦେଖି ସାରି ଘରକୁ ଯିବା ପାଇଁ କ୍ଲିନିକ ଆଗରେ ଥିବା ତାଙ୍କ କାର ନିକଟକୁ ଯାଉଥିଲେ। ଏହି ସମୟରେ ଛଅ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ପଛରୁ ତାଙ୍କୁ ଦୁଇଟି କଟୁରୀରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କ ବାପା ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୋରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ଅଧିକ ଚିକିତ୍ସାପାଇଁ କରାଯାଇଥିଲା। ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମ ଡିଏସ୍ପି ଶୁଭ୍ରାଂଶୁ ନାୟକଙ୍କ ନେତୃତ୍ୱରେ ଏକ ଟିମ ଗଠିତ ହୋଇଥିଲେ। ଗୁରୁବାର ଦିନ ଏହି ଟିମ ସନ୍ଧାନ ପାଇଁ ସେମାନଙ୍କ ମଧ୍ୟରୁ ବରୁଣସିଂର ଅଭିମନ୍ୟୁ ନାୟକଙ୍କ ପୁଅ ସୂର୍ଯ୍ୟକାନ୍ତ ନାୟକ, ଶ୍ରୀଜଙ୍ଗ ଗ୍ରାମର ଅର୍ଜୁନ ସ୍ୱାଇଁଙ୍କ ପୁଅ ତାପସ ସ୍ୱାଇଁ, ଅଯୋଦ୍ଧା ପାଟନା ଗ୍ରାମର ଆଦିତ୍ୟ ନାରାୟଣ ସିଂକୁ ଗିରଫ କରାଯିବା ସହିତ ଘଟଣାରେ ସଂପୃକ୍ତ ଜଣେ ନାବାଳକକୁ ଅଟକ ରଖି ତଦନ୍ତ ଚାଲୁ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ କ୍ରାଇମ ଡିଏସ୍ପି ଏବଂ ଶ୍ରୀ ନାୟକ ଏବଂ ଆଇଆଇସି ସୁଦୀପ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡ଼ଙ୍ଗ ପଞ୍ଚାୟତ ଅଢ଼େଇ ଦୁଆର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଗାଁ ପୋଖରୀରୁ ମିଳିଛି।ସୂଚନାନୁସାରେ, ଗ୍ରାମର ମଙ୍ଗୁଳିଆ ହାତୀ (୩୮) ଚଳିତ ମାସ ଗତ ୧୪ ତାରିଖ ମଙ୍ଗଳବାର ରାତିରେ ଖାଇ ସାରିବା ପରେ ଶୌଚ ହେବା ପାଇଁ ଗାଁ ପୋଖରୀ ଆଡ଼େ ଯାଇଥିଲେ। ପୋଖରୀରେ ଶୌଚ ହେଉଥିବା ବେଳେ ଗଭୀର ପୋଖରୀ ଭିତରକୁ ଖସି ପଡ଼ିଥିଲେ। ଦଳ ଭର୍ତ୍ତି ପୋଖରୀରେ ପ୍ରବଳ ପାଣି ଥିବାରୁ ପାଣି ଭିତରେ ବୁଡି ଯାଇଥିଲେ। ପରିବାର ଏବଂ ସମ୍ପର୍କୀୟମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ବି କୌଣସି ଖବର ମିଳି ନ ଥିଲା। ନିଖୋଜର ଦୁଇଦିନ ପରେ ଶୁକ୍ରବାର ପ୍ରାୟ ୧୦ଟା ସମୟରେ ତାଙ୍କର ମୃତ ଦେହ ଗାଁ ପୋଖରୀରେ ଭାସୁଥିବା ଲୋକମାନେ ଦେଖିଥିଲେ। ମୃତକଙ୍କର ଏକ ୧୩ ବର୍ଷର ଝିଅ ଏବଂ ୪ ବର୍ଷର ପୁଅ ଅଛି। ନନ୍ଦିପଦା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୨୬୭ ମଲା ଲୋକ ନେଇଛନ୍ତି ରାସନ ଚାଉଳ

କେନ୍ଦୁଝର,(ଜିପ୍ର): କେନ୍ଦୁଝର ସଦର ବ୍ଲକରେ ଏକାଧିକ ପଞ୍ଚାୟତରେ ମଲା ଲୋକଙ୍କ ନାମରେ ରାସନ ଚାଉଳ ଉଠିଛି । ପ୍ରାୟ ୨୬୭ ଜଣ ମଲା ଲୋକ ସ୍ୱର୍ଗରୁ ଆସି ମାସମାସ ଧରି ଚାଉଳ ନେଇଥିବା ଅଡିଟରୁ ଜଣାପଡ଼ିବା ପରେ ପରେ ପ୍ରଶାସନିକ ସ୍ତରରେ ତନାଘନା ଆରମ୍ଭ ହୋଇଛି। ସୂଚନା ଅନୁସାରେ, ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦୁଝର ସଦର ବ୍ଲକରେ ମୋଟ ୨୬୭ ଜଣ ମଲା ଲୋକ ଚାଉଳ ଉଠାଇଛନ୍ତି। ମଇଦାନକେଲ, ପର୍ଜନପୁର, କାଉଁରିକଳା, କଣ୍ଡରାପଶି, ରଘୁନାଥପୁର, ରାଇସୁଆଁ, ବରଦାପାଳ, ଜନାର୍ଦ୍ଦନପୁର, ମହାଦେଇଯୋ ନୂଆଗାଁ, ବାଉରିପଦା, ପଳାଶପଙ୍ଗା ଭଳି ପଞ୍ଚାୟତରେ ଏହି ୨୬୭ ଜଣ ମଲା ବର୍ଷବର୍ଷ ଧରି ଚାଉଳ ନେଇଛନ୍ତି। ବାଉରିପଦା ପଞ୍ଚାୟତର ଦୁଇଟି ଉଦାହରଣ ନିଆଯାଉ। ଏହି ପଞ୍ଚାୟତ ଅନ୍ତର୍ଗତ କୁଶପ ଗାଁର ସୁନାଫୁଲ କାରୁଆଙ୍କ ନାମରେ ରାସନ କାର୍ଡ ରହିଛି। ଏହି କାର୍ଡରେ ୫ ଜଣଙ୍କ ନାମ ଥିବାବେଳେ ସୁନାଫୁଲଙ୍କର ୨୦୨୨ ମେ ୨୦ ତାରିଖରେ ମୃତ୍ୟୁ ହୋଇଛି। ଏହା ପରେ ୮ ମାସ ପର୍ଯ୍ୟନ୍ତ ସେ ରାସନ ଚାଉଳ ପାଉଥିଲେ। ତାଙ୍କ ନାମରେ ମୋଟ ୫୫ କିଲୋ ଚାଉଳ ଉଠାଯାଇଛି। ସେହିପରି ବାଉରିପଦା ପଞ୍ଚାୟତ ବନମାଳୀପୁର ଗ୍ରାମର ମଦନ ମହାନ୍ତଙ୍କ ରାସନ କାର୍ଡରେ ତାଙ୍କ ପରିବାରର ୪ଜଣ ସଦସ୍ୟଙ୍କ ନାମ ରହିଛି। ୨୦୨୨ ମେ ୮ ତାରିଖରେ ଏହି କାର୍ଡରେ ସାମିଲ ଥିବା କୌଶଲ୍ୟା ମହାନ୍ତଙ୍କ ମୃତ୍ୟୁ ହୋଇଥିଲା। ୨୦୨୨ ଡିସେମ୍ବର ମାସ ପର୍ଯ୍ୟନ୍ତ ତାଙ୍କ ନାଁରେ ଚାଉଳ ଉଠୁଥିଲା। ରଘୁନାଥପୁର ପଞ୍ଚାୟତର ଧକୋଠା ଗ୍ରାମର ବାସିନ୍ଦା ହେଉଛନ୍ତି ମାଳତୀ ମହାନ୍ତ। ତାଙ୍କ ନାମରେ ରାସନ କାର୍ଡ ଥିବାବେଳେ ଏଥିରେ ତିନିଜଣ ସଦସ୍ୟ ସାମିଲ ଅଛନ୍ତି। ଏଥିମଧ୍ୟରୁ ମନୋହର ମହାନ୍ତଙ୍କର ୨୦୨୧ ମେ ମାସ ୧୮ ତାରିଖରେ ମୃତ୍ୟୁ ହୋଇଛି। ଏହାପରେ ମଧ୍ୟ ତାଙ୍କ ନାମରେ ୨୫୦ କେଜି ଚାଉଳ ପ୍ରଦାନ କରାଯାଇଛି। ସେହିପରି କାଠବାରି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର କାଞ୍ଚନ ମହାକୁ ରାସନ କାର୍ଡରେ ପରିବାରର ୨ ଜଣ ସଦସ୍ୟ ସାମିଲ ଅଛନ୍ତି। କାଞ୍ଚନଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କ ନାମରେ ୪୫୦ କିଲୋ ଚାଉଳ ଉଠିଛି। ଏହିଭଳି ଭାବେ ମୋଟ ୨୬୭ ଜଣ ଭୂତ ହିତାଧିକାରୀଙ୍କ ନାମରେ ଚାଉଳ ଉଠିଛି।

# ଦୁର୍ନୀତି ବିରୋଧୀ ଲଢେଇକୁ ଶାଣିତ କରାଯିବ : ଜିଲ୍ଲା କଂଗ୍ରେସ ସଭାପତି

ଭଦ୍ରକ, (ସବ୍ୟୁ): ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ ନଳିନୀକାନ୍ତ ମହାନ୍ତି ଆନୁଷ୍ଠାନିକ ଭାବେ ପ୍ରଥମ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଉକ୍ତ ସମ୍ମିଳନୀ ଶ୍ରୀ ମହାନ୍ତି ୩ ଟି କଥା ମୁଖ୍ୟତଃ କହିଛନ୍ତି। ପ୍ରଥମତ ସରକାରଙ୍କ ଅଥବା ଜିଲା ପ୍ରଶାସନର ଜନସ୍ୱାର୍ଥ ନୀତି ବିରୋଧରେ କଂଗ୍ରେସ ଦଳ ତାର ଲଢେଇକୁ ଶାଣିତ କରିବ। ଦୁର୍ନୀତି ବିରୋଧରେ ଲଢେଇରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ପଞ୍ଚାୟତ ସ୍ତରରୁ ବ୍ଲକ, ସହରାଞ୍ଚଳ ଓ ଜିଲା ସଦର ମହକୁମା ଯାଏ ଶାସକ ଦଳର ଓ ସରକାରୀ କଳର ଦୁର୍ନୀତିକୁ ଲୋକଲୋଚନକୁ ଅଣାଯିବ। ଦ୍ୱିତୀୟରେ ଶ୍ରୀ ମହାନ୍ତି କହିଛନ୍ତି ଯେ ଜିଲା କଂଗ୍ରେସରେ କୌଣସି ଗୋଷ୍ଠୀବିବାଦ ନାହିଁ । ସମସ୍ତଙ୍କୁ ସାଥିରେ ନେଇ ସଙ୍ଗଠନକୁ ମଜବୁତ କରାଯିବ। ବରିଷ୍ଠଙ୍କୁ ଦଳ ଭିତରେ ଉଚିତ ସମ୍ମାନ ଦିଆଯିବ। ପ୍ରତି ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ଖସଡା ପ୍ରସ୍ତୁତ କରାଯିବ। ଏଥିସହ କୈଣସି ବି କାରଣରୁ ଅତୀତରେ ଦଳ ଛାଡି ଚାଲି ଯାଇଥିବା ନେତା,କର୍ମୀଙ୍କୁ ଦଳକୁ ଫେରାଇ ଆଣିବା ଲାଗି ଏକ ସ୍ୱତନ୍ତ୍ର 'ଘରବାହୁଡା' ଅଭିଯାନ ଆରମ୍ଭ ହେବ । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଶୁଭେନ୍ଦୁ ରାୟ ମହାପାତ୍ର,ଓଡିଶା ପିସିସି ଅନୁସୂଚିତ ଜାତି ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦକ ଅମିତା ବାଳା ଆଚାର୍ଯ୍ୟ, ସବିତା ଚାନ୍ଦ,ସଓ୍ୱସ୍ତିକା ପଣ୍ଡା, ନାରୀ ନେତ୍ରୀ ଶର୍ମିଷ୍ଠା ପଣ୍ଡା,ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ସମ୍ପାଦକ ରଞ୍ଜନ ଜେନା, ଆରଜିପିଆରଏସ ର ସାଧାରଣ ସମ୍ପାଦକ ପଦ୍ୟୁମ୍ନ ଦାସ, ଟାଉନ ସଭାପତି ମୋକିତ ଖାଁ,ଯୁବ ନେତା ବଳରାମ ରାଉତ, କାଉନସିଲର ସାହିଲ କାଦ୍ରୀ,ଯୁବ ନେତା ଇଲିଆସ ଖାଁ, ବ୍ଲକ ସଭାପତି ପୀତବାସ ଧଳ, ରାଜୁ ରାୟ,ବିଜୟ ବାରିକ, ମନୋଜ ମଲ୍ଲିକ, ମୀର ଶାହାଜାନ, ରାଜକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲରେ ବାଇକ୍ ପିଟି ହୋଇ ଜଣେ ମୃତ

ସୋର,(ସବ୍ୟୁ):ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ଉପରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ ପୋଲ ବାଡାକୁ ଧକା ଦେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି।ସୂଚନା ଅନୁସାରେ ଭଦ୍ରକ ରାଣୀତାଲ ଷ୍ଟେସନ ଅଂଚଳର ଲଧର ମୁର୍ମୁ ଓ ମକରନ୍ଦ ସରେନ ଶୁକ୍ରବାର ଅପରାହ୍ନରେ ରାଣୀତାଲରୁ ବାଇକ ଯୋଗେ ବାରିକପୁର ହାଟକୁ ଦ୍ରୁତ ଗତିରେ ଆସୁଥିବା ବେଳେ ଏହି ସ୍ଥାନରେ ଭାରସାମ୍ୟ ହରାଇ ପୋଲବାଡାକୁ ଧକା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବାଇକ ଚାଳକ ଲଧରର ମୃତ୍ୟୁ ହୋଇଯାଇଥିବା ବେଳେ ମକରନ୍ଦ ଗୁରୁତର ଆହତ ହୋଇଥିଲେ। ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମକରନ୍ଦଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ।ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ।ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ,ସୋର ଥାନା ଏସଆଇ ପ୍ରଭାକର ସାହୁ ଏବଂ ଏଏସଆଇ କେଶବ ବେଶ୍ରା ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଶବକୁ ଅଗ୍ନିଶମ ବିଭାଗ ଆମ୍ବୁଲାନ୍ସରେ ସୋର ମେଡ଼ିକାଲ କୁ ପଠାଇଥିଲେ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣା ଗ୍ରସ୍ତ ବାଇକଟିକୁ ଜବତ କରିବା ସହିତ ଶବକୁ ଜବତ କରି ବ୍ୟବଛେଦ ପାଇଁ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ରାଇସୁଆ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



କେନ୍ଦୁଝର,(ସବ୍ୟୁ): ରାଇସୁଆଁ କଲେଜ କ୍ରିଡା ଶିକ୍ଷକ ଶ୍ୟାମସୁନ୍ଦର ମହାନ୍ତ ଅବସର ନେଇଥିବାରୁ ତାଙ୍କ ପାଇଁ ଗୁରୁବାରଦିନ କଲେଜ ଅଧକ୍ଷ ରତିନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ଏକ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଶ୍ୟାମସୁନ୍ଦର କଲେଜ ଆରମ୍ଭ ହେବା ଦିନଠାରୁ ଏହି କଲେଜ ରେ କ୍ରୀଡା ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କର ଅବସରରେ ଆୟୋଜିତ ବିଦାୟ କାଳିନ ସମ୍ବର୍ଦ୍ଧନା ସଭାରେ ନିଜର ବକ୍ତବ୍ୟ ରଖିବା ସମୟରେ ଅଧକ୍ଷ ରତିନ୍ଦ୍ର ପରିଡା ଭାବବିହ୍ୱଳ ହୋଇପଡ଼ିଥିଲେ ।ଏହି କାର୍ଯ୍ୟକ୍ରମକୁ ବିପିନ ବିହାରୀ ସାହୁ ପରିଚାଳନା କରିଥିବାବେଳେ ଶ୍ୟାମଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସଞ୍ଜୟ ପ୍ରଧାନ, ସୁଜାତା ମହାପାତ୍ର, ପୁନମ ମିଶ୍ର, ଲାଇବ୍ରେରୀୟାନ ଅଜୟ କୁମାର ସାହୁ , କିରାଣୀ ନିର୍ମଳ ସାହୁ, ଯୁଧିଷ୍ଠିର ମହାନ୍ତ, ଓ ମିହିର ମହାନ୍ତ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ରହିଥିବା ବେଳେ ବିଦାୟୀ କ୍ରୀଡା ଶିକ୍ଷକ ତାଙ୍କ ବକ୍ତବ୍ୟ ସମୟରେ ଭାବବିହ୍ୱଳ ହୋଇପଡିଥିଲେ । ସମସ୍ତ ସହକର୍ମୀ ତାଙ୍କର ଆଗାମୀ ଜୀବନର ମଙ୍ଗଳ କାମନା କରିଥିଲେ ।

# ପୋଷଣ ଓ ପରିବେଶ ସୁସ୍ଥତାର ଦୁଇମୁଖୀ ସନ୍ଦେଶ
# ଫକୀର ମୋହନ ବିଶ୍ୱବିଦ୍ୟାଳୟର ସଂଯୁକ୍ତ ପ୍ରୟାସ



ବାଲେଶ୍ୱର ,(ସବ୍ୟୁ):ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜନସଂଖ୍ୟା ଅଧ୍ୟୟନ ବିଭାଗ ଦ୍ୱାରା ପୋଷଣ ମାସ ଏବଂ ଗୋଟିଏ ବୃକ୍ଷ ମା ପାଇଁ ବିଷୟକ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ, ମାତୃ ଓ ଶିଶୁ ପୋଷଣ ନିମନ୍ତେ ସମାଜିକ ଦାୟିତ୍ୱ, ସଚେତନତା ଏବଂ ସୁସ୍ଥ ପରିବେଶ ସୃଷ୍ଟିର ଆବଶ୍ୟକତାକୁ ଅନୁଭବ କରି ଏହି କାର୍ଯ୍ୟକ୍ରମଟିର ଆୟୋଜନ କରାଯାଇଥିଲା। ଜୀବପ୍ରଯୁକ୍ତି ବିଭାଗର ଅତିରିକ୍ତ ଅଧ୍ୟାପକ ଡ଼କ୍ଟର ବିଷ୍ଣୁପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଅଂଶଗ୍ରହଣ କରି ପୋଷଣ, ମାତୃ ସ୍ୱାସ୍ଥ୍ୟ ଏବଂ ପରିବେଶ ସୁସ୍ଥତାର ମଧ୍ୟରେ ସଂପର୍କ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସଭାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଓ ଜନସଂଖ୍ୟା ଅଧ୍ୟୟନ ବିଭାଗର ମୁଖ୍ୟ ଡ଼କ୍ଟର ଗ୍ରେସ୍ ବାହାଲେନ୍ ମୁଣ୍ଡୁ ସଭାର ସୁପରିଚାଳନା କରିଥିଲେ । ସହାୟକ ଅଧ୍ୟାପକ ଡ଼କ୍ଟର ଜଗନ୍ନାଥ ବେହେରା ସ୍ୱାଗତ ସମ୍ବୋଧନ ଦେଇଥିଲେ ।ଏହି ଅବସରରେ ସମୀର କୁମାର ଜେନା, ମାନସ କୁମାର ପତ୍ରୀ, ଏବଂ ସାମାଜିକ କାର୍ଯ୍ୟ ବିଭାଗର ସହାୟକ ଅଧ୍ୟାପିକା ସୁପ୍ରିୟା ରାଉତ ଯୋଗଦେଇ ନିଜର ଗୁରୁତ୍ୱପୂର୍ଣ୍ଣ ଅଭିମତ ପ୍ରଦାନ କରିଥିଲେ । ଉଭୟ ବିଭାଗର ଅଧ୍ୟାପକ-ଅଧ୍ୟାପିକାବୃନ୍ଦ ଓ ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଫଳରେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା ।ପୋଷଣ ମାସ ପାଳନ ସହିତ, ବିଶ୍ୱବିଦ୍ୟାଳୟ ଦ୍ୱାରା ଗ୍ରହୀତ ମର୍ଦ୍ଦରାଜପୁର ଏବଂ ରସାଳପୁର ଗ୍ରାମର ଅଙ୍ଗନବାଡି ସହକର୍ମୀମାନଙ୍କ ସହଯୋଗରେ ମହିଳା-ପ୍ରସବ ଓ ଶିଶୁ-ମାତୃ ଇତ୍ୟାଦି ସଂପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ସହ ସେମାନଙ୍କ ପାଇଁ ସଠିକ୍ ପୋଷଣର ଆବଶ୍ୟକତା ତଥା ସୁସ୍ଥତା ଜନିତ ସଚେତନତା କାର୍ଯ୍ୟଶିବିର ଆୟୋଜିତ ହୋଇଥିଲା ।ସଭାର ସମାପନୀ ଅଂଶରେ ଗୋଟିଏ ବୃକ୍ଷ ମା ପାଇଁ ଅଭିଯାନ ଅନ୍ତର୍ଗତ ଗଛଚାରା ବିତରଣ କାର୍ଯ୍ୟକ୍ରମ ହୋଇଥିଲା, ।

# ଆନ୍ଧ୍ରକେଶରୀ ବିଶ୍ୱବିଦ୍ୟାଳୟ ଏନ୍‌ସିଟିଇ ଯୁଜିସି ନିୟମକୁ ଫୁ
# ସମୟ ପୂର୍ବରୁ କୋର୍ସ ସାରି ନିୟମ ବିରୁଦ୍ଧ କାର୍ଯ୍ୟ କରୁଛି

ବାଲେଶ୍ୱର,(ସବ୍ୟୁ):ସମଗ୍ର ଓଡ଼ିଶାରେ ଶିକ୍ଷିତ ଯୁବକ ଯୁବତୀ ମାନେ ଶିକ୍ଷକତା କରିବା ଦିଗରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ଛତୁ ଫୁଟିଲା ଭଳି ନାନାଦି ପ୍ରକାରର ବି.ଇଡି ଅନୁଷ୍ଠାନରେ ପାଠ ପଢ଼ିବା ପାଇଁ ଆଡ଼ମିସନ ନେଉଛନ୍ତି ।ଏ ସମସ୍ତ ଅନୁଷ୍ଠାନ ବିଶେଷ କରି ଆନ୍ଧ୍ରପ୍ରଦେଶ ମୁଁହା ହେଉଛନ୍ତି । ଯୋଗୀ ବେମାନା, ଆଚାର୍ଯ୍ୟ ନାଗର୍ଜୁନା ଏବଂ ଆନ୍ଧ୍ର କେଶରୀ ବିଶ୍ୱ ବିଦ୍ୟାଳୟ ଭଳି ନାନାଦି ପ୍ରକାରର ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱ ବିଦ୍ୟାଳୟ ସହ ଇକ୍ୟୁଭେଲେଣ୍ଟ ଥିବା ଯୋଗୁଁ ସମସ୍ତ ଅନୁଷ୍ଠାନ ପିଲାମାନଙ୍କୁ ଉପରୋକ୍ତ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଲେଜ ମାନଙ୍କରେ ଆଡ଼ମିସନ ନେଉଛନ୍ତି । ଏତଦ୍‌ଭିନ୍ନ ଅନ୍ୟାନ୍ୟ ୟୁନିଭର୍ସିଟି ମାନଙ୍କରେ ମଧ ପିଲାମାନେ ଆଡ଼ମିସନ କରାଉଛନ୍ତି । ସମସ୍ତ ୟୁନିଭର୍ସିଟି ଏନ୍‌ସିଟିଇ ଏବଂ ୟୁଜିସି ନିୟମ ପାଳନ କରୁଥିବା ବେଳେ,ଆନ୍ଧ୍ର କେଶରୀ ବିଶ୍ୱ ବିଦ୍ୟାଳୟ ସମସ୍ତ ନିୟମକୁ ପଛରେ ପକାଇ ନିଜ ମନମୁଖୀ ବିଚାର କରୁଛି ।ବି.ଇଡି କୋର୍ସ କରିବା ପାଇଁ ଏନ୍‌ସିଟିଇ ଏବଂ ୟୁଜିସିର ଗାଇଡ଼ଲାଇନ କହୁଛି ଏହି କୋର୍ସ କୋଡିଏରୁ ଚବିଶ ମାସ ମଧ୍ୟରେ ସାରିବାକୁ ହେବ ଅର୍ଥାତ ଦୁଇ ବର୍ଷ ଅବଧି ମଧ୍ୟରେ ।ଏହା ପୂର୍ବରୁ ଯଦି କୋର୍ସ ସରେ, ତେବେ ସରିଥିବା ସାର୍ଟିଫିକେଟ୍ ରେ କୌଣସି ମାନ୍ୟତା ରହିବ ନାହିଁ ।ଆନ୍ଧ୍ର ବ୍ୟତୀତ ଓଡ଼ିଶା ଏବଂ ଅନ୍ୟାନ୍ୟ ପ୍ରଦେଶରୁ ଶତାଧିକ ପିଲା ବି.ଇଡି କରିବା ନିମନ୍ତେ ଆନ୍ଧ୍ର ପ୍ରଦେଶ ମୁହାଁ ହେଉଥିବାରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଅନୈତିକ ଭାବେ ପ୍ରଚୁର ମାତ୍ରାରେ ଅର୍ଥ ଲାଭ ଆଶାରେ କୋର୍ସ ଅବଧି ପୂର୍ବରୁ ଅର୍ଥାତ ନଅ ମାସରୁ ବାର ମାସ ମଧ୍ୟରେ ସାରି ଦେଉଛି ।ଗାଇଡ଼ ଲାଇନ ଅନୁସାରେ ଅବଧି ପୂର୍ବରୁ କୋର୍ସ ସରିବାର ଅର୍ଥ,ସାର୍ଟିଫିକେଟର କୌଣସି ମାନ୍ୟତା ରହିବ ନାହିଁ ।ଏହି ପ୍ରକାର ହେଲେ ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତବର୍ଗ ପରିବାରର ଯୁବକ ଯୁବତୀମାନେ ବହୁ କଷ୍ଟରେ ପୈଠ କରୁଥିବା ଅର୍ଥ ରାଶି, ସମୟ ଅପଚୟ କରି ଅଧ୍ୟୟନ କରୁଥିବା ଅଧ୍ୟବସାୟ ସମସ୍ତ ସ୍ୱାହା ହୋଇଯିବ । ଶତାଧିକ ପିଲାଙ୍କର ମାନସିକ,ଆର୍ଥିକ ତଥା ଶୈକ୍ଷିକ କ୍ଷେତ୍ରରେ ମେରୁଦଣ୍ଡ ଭାଙ୍ଗିଯିବା ଶ୍ରେୟ ହେବ ।ଏନ୍‌ସିଟିଇ ଏବଂ ୟୁଜିସି ର ନିୟମକୁ ଅବାଧରେ ଆନ୍ଧ୍ର କେଶରୀ ବିଶ୍ୱବିଦ୍ୟାଳୟ ଫୁ' କରୁଥିବାରୁ ଅନେକ ଶିକ୍ଷିତ ମହଲରୁ ନିନ୍ଦା ହେଉଛି ଏବଂ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନେକ ଛାତ୍ର ଏବଂ ଅଭିଭାବକ ମାନେ ଦାବି କରୁଛନ୍ତି । ଅନ୍ୟଥା ଅନେକ ପିଲାମାନଙ୍କର ଶିକ୍ଷାଗତ ଭବିଷ୍ୟତ ପୁରା ଅନ୍ଧକାର ହୋଇଯିବ,ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସାମ୍ପ୍ରତିକ ଶିକ୍ଷାନୀତି ବିରୁଦ୍ଧରେ ଯାଉଥିବା ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱ ବିଦ୍ୟାଳୟ ଠୁ ଦୂରେଇ ରହିବା ପାଇଁ ଯୁବକ ଯୁବତୀ ମାନଙ୍କୁ ପରାମର୍ଶ ।ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ସୃଷ୍ଟି କରୁଛିକି ଆନ୍ଧ୍ର ପ୍ରଦେଶରେ ତିନି ବିଶ୍ୱ ବିଦ୍ୟାଳୟ ଆଚାର୍ଯ୍ୟ ନାଗାର୍ଜୁନା,ଯୋଗୀ ବେମାନା ଏବଂ ଆନ୍ଧ୍ର କେଶରୀ ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ପିଲାଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ପ୍ରତିଯୋଗିତା ମୂଳକ ଭାବେ ପରୀକ୍ଷା କରିବା ପିଲାମାନଙ୍କ କ୍ୟାରିୟର ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବ ନାହିଁତ...??

(ଶ୍ରୀମଭଗବଦ୍ ଗୀତା ୧୮/୬୬)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ )

**ସର୍ବଧର୍ମ୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣ ବ୍ରଜ ।**
**ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।। ୬୬ ।।**

ସର୍ବଧର୍ମ୍ମାନ୍ ପରିତ୍ୟଜ୍ୟ (ମଭକ୍ତ୍ୟୈବ ସର୍ବଂ ଭବିଷ୍ୟତୀତି ଦୃଢ଼ବିଶ୍ୱାସେନ ବିଧିନିଷେଧାତ୍ମକଂ କାର୍ଯ୍ୟଂ ତ୍ୟକ୍ତ୍ୱା ଇତ୍ୟର୍ଥଃ)) ଏବ ମାଂ ଶରଣଂ ବ୍ରଜ (ମଦେକଶରଣୋ ଭବ) (ଏବଂ ବର୍ତ୍ତମାନଃ କର୍ମ୍ମତ୍ୟାଗନିମିତ୍ତଂ ପାପଂ ସ୍ୟାତ୍ ଇତି) ମା ଶୁଚଃ (ଶୋକଂ ମା କାର୍ଷୀଃ), (ଯତଃ) ଅହଂ ତ୍ୱାଂ (ମଦେକଶରଣଂ) ସର୍ବପାପେଭ୍ୟଃ ମୋକ୍ଷୟିଷ୍ୟାମି ।। ୬୬ ।।

# ଅବସରପ୍ରାପ୍ତ ଦଣ୍ଡିତ କର୍ମଚାରୀଙ୍କୁ ପେନ୍‌ସନ୍ ନ ମିଳିବା ମାମଲା

ଗତ ୨୦୧୦ରୁ ୨୦୧୨ ମଧ୍ୟରେ ଅବସର ନେଇଥିବା ନଅ ଜଣ ସରକାରୀ କର୍ମଚାରୀ, ରାଜ୍ୟର ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ । ୧୯୮୮ର ଦୁର୍ନୀତି ନିବାରଣ ଆଇନଦ୍ୱାରା ସେମାନେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇ ଥିବାରୁ ସେମାନଙ୍କର ସାମୟିକ ପେନ୍‌ସନ ୨୦୧୭ ମସିହାରୁ ବନ୍ଦ ଥିଲା । ସେହି ନଅ ଜଣ ସରକାରୀ କର୍ମଚାରୀ ସେମାନଙ୍କୁ ସାମୟିକ (ପ୍ରୋଭିଜିନାଲ) ପେନ୍‌ସନ ନ ମିଳିବା ଘଟଣାରୁ ସେମାନେ ଓଡ଼ିଶା ହାଇକୋର୍ଟରେ ପେନ୍‌ସନ ପାଇବାକୁ ଆବେଦନ କରିଥିଲେ । ମାତ୍ର ଓଡ଼ିଶା ହାଇକୋର୍ଟ ସେମାନଙ୍କ ପେନ୍‌ସନ୍ ପ୍ରାପ୍ତି ଆବେଦନକୁ ଅଗ୍ରାହ୍ୟ କରି ଦେଇଛନ୍ତି । ଗତ ଅକ୍ଟୋବର ୧୩ (୨୦୨୫)ର ଏ ସଂକ୍ରାନ୍ତୀୟ ମାମଲାକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ଓଡ଼ିଶା ହାଇକୋର୍ଟର ବିଚାରପତି ଆର୍. କେ. ପଟ୍ଟନାୟକ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ ଅପରାଧରେ ଜଡ଼ିତ ଏହି ସରକାରୀ କର୍ମଚାରୀମାନେ ସେମାନଙ୍କ ଆପରାଧିକ ମାମଲା ପାଇଁ ଆବେଦନ କରିଥିଲେ, ତାହା ସେମାନଙ୍କର ପେନ୍‌ସନ୍ ପାଇବାର ହକ୍ ରହିଛି ବୋଲି ଧରିନେବା ଠିକ୍ ନୁହେଁ । ଏହି ନଅ ଜଣ ସରକାରୀ କର୍ମଚାରୀ ଦୁର୍ନୀତି ମାମଲାରେ ଛନ୍ଦି ହୋଇ ଯେଉଁ ଆବେଦନ ଅଦାଲତରେ କରିଥିଲେ, ତାହା ବିଚାରାଧୀନ ଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ସେମାନଙ୍କ ସାମୟିକ ପେନ୍‌ସନ୍ ୨୦୧୭ ମସିହାରୁ ବନ୍ଦ ଥିବାରୁ ସେମାନେ ତାହାକୁ ଚାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଆବେଦନ କରିଥିଲେ । ସେମାନେ ସମସ୍ତେ ୨୦୧୦ ରୁ ୨୦୧୨ ମସିହା ମଧ୍ୟରେ ଅବସର ଗ୍ରହଣ କରିଥିଲେ । ତେଣୁ ସେମାନଙ୍କ ମାସିକ ତଥା ସାମୟିକ ପେନ୍‌ସନ ବନ୍ଦ ଥିବାରୁ ତାହାର ପୁନଃ ପ୍ରଚଳନ ପାଇଁ ସେମାନେ ଚାହିଁଥିଲେ । ସେମାନେ ସେମାନଙ୍କ ଆବେଦନରେ ଦର୍ଶାଇଥିଲେ ଯେ ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଥିଲେ ମଧ୍ୟ ତାହା ବିରୋଧରେ ଆବେଦନ କରି ସେମାନେ ସଫଳ ହେବାର ସମ୍ଭାବନା ଥିବାରୁ, ସେମାନଙ୍କୁ ଅବସର ନେବା ପରେ ଯେଉଁ ସାମୟିକ ପେନ୍‌ସନ୍ ମିଳି ଆସୁଥିଲା, ତାହା ସ୍ଥଗିତ ଥିବାରୁ ପୁନଃ ପ୍ରଚଳନ ପାଇଁ ସେମାନେ ଆବେଦନ କରିଛନ୍ତି । ସେମାନେ ଏହି ଆବେଦନରେ ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ସେମାନଙ୍କର ଚିକିତ୍ସା ପ୍ରଭୃତି ଖର୍ଚ୍ଚ ତୁଲାଇବାକୁ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାଛଡା ସୁସ୍ଥ ଜୀବନଯାପନ କରିବାକୁ ସେମାନେ ଅର୍ଥର ଆବଶ୍ୟକତା ଅନୁଭବ କରୁଛନ୍ତି । ଅପରପକ୍ଷେ ହାଇକୋର୍ଟ ଦର୍ଶାଇଥିଲେ ଯେ ଦୋଷୀ ସାବ୍ୟସ୍ତ ହୋଇ ସସ୍‌ପେଣ୍ଡ ହୋଇଥିଲେ ମଧ୍ୟ କେବଳ ଆବେଦନ କରିଦେଲେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଆପେ ଆପେ ପେନ୍‌ସନ୍ ଯେ ମିଳିଯିବ, ସେପରି ଭାବିବା ଠିକ୍ ନୁହେଁ ।

ଉଲ୍ଲେଖନୀୟ ଯେ ଅନେକ ସରକାରୀ କର୍ମଚାରୀ ଦୁର୍ନୀତିର ଆଶ୍ରୟ ନେଇ ଲକ୍ଷପତି ନୁହେଁ, କୋଟିପତି ମଧ୍ୟ ହୋଇଛନ୍ତି । ପ୍ଲଟ, ଘର, କୋଠାବାଡ଼ି ଓ ଗାଡ଼ି ମୋଟର କିଣି ସେମାନେ ଯେପରି ଆୟ ବର୍ହିଭୂତ ସମ୍ପତ୍ତିରେ ବିଳାସପୂର୍ଣ୍ଣ ଜୀବନଯାପନ କରି ଆସୁଥିଲେ, ସେତେବେଳେ ସେମାନେ ପ୍ରକୃତ ଅବସ୍ଥା କିମ୍ବା ଜନସାଧାରଣଙ୍କ ପ୍ରକୃତ ଅସୁବିଧା ବିଷୟରେ ଚିନ୍ତା କରି ପାରୁ ନଥିଲେ । ସେମାନେ ଭାବୁଥିଲେ ଯେ ଦୁର୍ନୀତି କରି ସେମାନେ ଚଉଦ ପୁରୁଷ ପାଇଁ ସମ୍ପତ୍ତି ରଖି ଦେଇ ପାରିବେ । ମାତ୍ର ପ୍ରକୃତପକ୍ଷେ ସେୟା ସମ୍ଭବ ହୁଏ ନାହିଁ । ଜନସାଧାରଣଙ୍କଠାରୁ ଉତ୍କୋଚ ନେଇ ପ୍ରକୃତରେ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଓ ବିଳାସମୟ ଜୀବନଯାପନଦୀର୍ଘଦିନ ଯାଏଁ କରିହୁଏ କି ?

ସରକାରଙ୍କର ଏଠି ପରିବର୍ତ୍ତନ ହୋଇଛି । ଯେଉଁ କଂଗ୍ରେସ ସରକାର ଦୁର୍ନୀତି ଓ ବ୍ୟଭିଚାର କରିଛନ୍ତି ବୋଲି ଅଭିଯୋଗ କରି ବିଜୁ ଜନତା ଦଳ ପରି ଏକ ଆଞ୍ଚଳିକ ଦଳ କ୍ଷମତାସୀନ ହୋଇଥିଲା, ଶେଷବେଳକୁ ଦୁର୍ନୀତିର ଚରମ ସୀମାରେ ଉପନୀତ ହେବାରୁ ଲୋକେ ବିଜୁ ଜନତା ଦଳକୁ କ୍ଷମତାଚ୍ୟୁତ କରିଦେଲେ । ତେଣୁ ଏବର ସରକାର ଆହୁରି ଅନେକ ଦୁର୍ନୀତିର ପର୍ଦ୍ଦାଫାସ କରି ପାରିଲେ, ଭଲ ଭାବେ ଶାସନ କରିବାର ସୁଯୋଗ ପାଇ ପାରିବେ, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ-ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କାଳର ଦେବୀ ମା'କାଳୀ



**ଦିଲ୍ଲୀପ ଶତପଥୀ**

କ୍ରମବର୍ଦ୍ଧିଷ୍ଣୁ ମାନବତାର ବିକାଶ ସହିତ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ବିଲୟ ପ୍ରକ୍ରିୟା ମୂଳରେ ପୁରୁଷର ଭୂମିକା ଠାରୁ ନାରୀର ଭୂମିକା ଯେ ସର୍ବାଗ୍ରେ ଏହା କହିବା ନିଃସନ୍ଦେହ । ମାତୃଶକ୍ତିର ଅଧିକାରିଣୀ ମାଆ ଜନନୀ ରୂପେ ସୃଷ୍ଟିକାରିଣୀ ଏବଂ ଯୁଗେ ଯୁଗେ ପୂଜିତା । ମାନବ ସମାଜ କେଉଁ ଆବହମାନ କାଳରୁ ମାତୃ ଶକ୍ତି କୁ ବନ୍ଦନା ଓ ଆରାଧନା କରି ଆସୁଛି । ଯେଉଁ ସୃଷ୍ଟିର ରହସ୍ୟ ଭେଦ କରିବା ପୁରୁଷ ପକ୍ଷେ ଅସମ୍ଭବ, ସେହି ସୃଷ୍ଟିକୁ ସୁନ୍ଦର ରୂପେ ସଜେଇ ଥାଏ ମାଆ । ତେଣୁ ପ୍ରକୃତି ରୂପିଣୀ ନାରୀ ଶକ୍ତିକୁ ଆଦିଶକ୍ତି କୁହାଯାଏ । ଭିନ୍ନ ଭିନ୍ନ ହିନ୍ଦୁ ପୁରାଣ ଶାସ୍ତ୍ର, ବେଦ କିମ୍ବଦନ୍ତୀ ଓ ଲୋକକଥା ଇତ୍ୟାଦି ଅଧ୍ୟୟନରୁ ଜଣାଯାଏ ଦେବତା ମାନଙ୍କ ଦୁର୍ଦ୍ଦିନରେ ଦୁଷ୍ଟ ଦାନବମାନଙ୍କ ଅତ୍ୟାଚାରର ବିନାଶ ପାଇଁ ମହାମାୟାଙ୍କର ଆର୍ବିଭାବ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଦାନ ସଂହାର, ପାପର ବିନାଶ କରି ଶାନ୍ତି ପ୍ରତିଷ୍ଠା କରିବା । ଏହାର ବିସ୍ତୃତ ବର୍ଣ୍ଣନା ଭଗବତ ପୁରାଣରେ ମିଳେ । କେତେବେଳେ ମାଆଙ୍କୁ ଦଶଭୁଜା ରୂପେ ତ କେତେବେଳେ ଅଷ୍ଟଭୁଜା ରୂପେ ଦେଖାଯାଆନ୍ତି । ଭିନ୍ନ ଭିନ୍ନ ରୂପ ମଧ୍ୟରେ ଅଭୟ ଦାୟିନୀ ରୂପ, ଖଡ୍ଗ ତ୍ରିଶୂଳ ଧାରିଣୀ ରୂପ ପୁଣି କେତେବେଳେ ଉଗ୍ର ରୂପ ରକ୍ତ ପିପାସୁ ଭୟଙ୍କର କାଳରୂପୀ କୃଷ୍ଣ କାୟ, ଚତୁର୍ଭୁଜା, ନଗ୍ନା, ଲୋଳଜିହ୍ୱା, ଛିନ୍ନ ମସ୍ତକ ମାଳିନୀ ରୂପେ ଦେଖିବାକୁ ମିଳିଥାଏ ।

ବେଦ ଉପନିଷଦ ଏବଂ ପୁରାଣ ବର୍ଣନା ଅନୁସାରେ ମାଆଙ୍କର ଆରାଧନା ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟରେ କରାଯାଏ । ପ୍ରଥମତଃ ଶାନ୍ତି, ସଦ୍‌ଭାବନା, ମଙ୍ଗଳ ଦାୟିନୀ, ଅଭୟ ଦାୟିନୀ ଅଭିଷ୍ଟ ସାଧନ ନିମନ୍ତେ ଏବଂ ଦ୍ୱିତୀୟତଃ ତନ୍ତ୍ର ପୂଜା ଗୁପ୍ତ ସାଧନା ନିମନ୍ତେ । ଋକ ବେଦରେ ମାଆ ନିଜକୁ ରାଷ୍ଟ୍ର ଶକ୍ତି ରୂପେ ବର୍ଣ୍ଣନା କରି କହିଛନ୍ତି- ***'ଅହଂ ରାଷ୍ଟ୍ର ସଙ୍ଗମନୀ ବସୁନାଂ'***

ଅଥର୍ବ ବେଦ ଶୀର୍ଷରେ ନିଜ ଶକ୍ତି ର ପରିଚୟ ଦେବାକୁ ଯାଇ ମାଆ କହିଛନ୍ତି - ***'ଅହଂ ମାନନ୍ଦାନାନନ୍ଦଉ,ଅହଂ ବିଜ୍ଞାନାବିଜ୍ଞାନେ ,ଅହଂ ବ୍ରହ୍ମା ବ୍ରାହ୍ମଣୀ ବେଦିତବ୍ୟେ,ଅହଂ ପଞ୍ଚଭୁତାନ୍ୟ ପଞ୍ଚଭୂତାନି ।'***

ଚଣ୍ଡୀ ପୁରାଣ ବର୍ଣନା ଅନୁସାରେ ସହସ୍ର ବର୍ଷ ପୂର୍ବେ ସତ୍ୟ ଯୁଗରେ ରମ୍ଭ ନାମକ ରାକ୍ଷସର ମୃତ୍ୟୁ ପରେ, ତାର ପତ୍ନୀ ମହିଷୀ ଅଗ୍ନିକୁ ଝାସ ଦେଇ ନିଜ ପ୍ରାଣ ବିସର୍ଜନ କରିଥିଲା । ସେହି ଅଗ୍ନିରୁ ଦୁଇ ରାକ୍ଷସ ମହିଷାସୁର ଏବଂ ରକ୍ତବୀର୍ଯ୍ୟର ଉତ୍ପତ୍ତି ହୁଏ । ମହିଷାସୁର ଅତ୍ୟନ୍ତ ବଳଶାଳୀ ଏବଂ ନିର୍ଦ୍ଦୟ ଥିଲା । ପ୍ରକୃତରେ ରକ୍ତବୀର୍ଯ୍ୟ ହିଁ ରାକ୍ଷସ ରମ୍ଭର ଦ୍ୱିତୀୟ ଜନ୍ମ ଥିଲା । ସମୟକ୍ରମେ ନିଜକୁ ଅଧିକ ବଳଶାଳୀ ଏବଂ ଅମରତ୍ୱ ପ୍ରାପ୍ତି ପାଇଁ ବ୍ରହ୍ମାଙ୍କୁ କଠୋର ତପସ୍ୟା କଲା । ବ୍ରହ୍ମଦେବ ସନ୍ତୁଷ୍ଟ ହୋଇ ବର ଦାନର ଜିଜ୍ଞାସା କରନ୍ତେ, ରକ୍ତବୀର୍ଜ ଅମର ବର ମାଗିଦେଲା । ବ୍ରହ୍ମ ଦେବ ଅମରତ୍ୱ ବ୍ୟତୀତ ଅନ୍ୟ ବର ମାଗିବା ପାଇଁ ଆଦେଶ ଦେଲେ । ରକ୍ତବୀର୍ଜ୍ୟ ଏକ ଅଦ୍ଭୁତ ବର ମାଗି ବସିଲା ଦେବ,ଦାନ, ମାନବ ପଶୁ ପକ୍ଷୀ, ଅଗ୍ନି, ଜଳ, ଅସ୍ତ୍ର ଶସ୍ତ୍ର କେଉଁଥିରେ ତାର ମୃତ୍ୟୁ ନହେଉ । ତା'ର ଶରୀରର ପ୍ରତିଟି ରକ୍ତ ବିନ୍ଦୁ ଭୂମି ସ୍ପର୍ଶ ମାତ୍ରେ ସହସ୍ର ରକ୍ତ ବୀର୍ଜ ଜନ୍ମ ନେବେ । ବ୍ରହ୍ମାଙ୍କର ତଥାସ୍ତୁ ବାଣୀ, ରକ୍ତବୀର୍ଜ୍ୟକୁ ଆହୁରି ବଳିୟାନ ଏବଂ ନିର୍ଭୟ କରିଦେଲା । ସ୍ୱର୍ଗ,ମର୍ତ୍ତ୍ୟ, ପାତାଳ ସବୁ ନିଜ ଅକ୍ତିଆରକୁ ଆଣିବାକୁ ଲାଗିଲା । ନିଜ ପରାକ୍ରମରେ ସମସ୍ତଙ୍କୁ ବିନାଶ କଲା । ସୂଚନା ମିଳେ ଯେ ରକ୍ତବୀର୍ଜ୍ୟ ଥିଲା ମହିଷାସୁରର ସେନାପତି ।



ଦେବାସୁର ଯୁଦ୍ଧରେ ମହିଷାସୁରର ପ୍ରବଳ ପରାକ୍ରମ ଇନ୍ଦ୍ର ଆସନ ଟଳମଳ କରିଥିଲାଓ। ପରାଜୟ ସୁନିଶ୍ଚିତ ଜାଣି ଦେବୀ ମାଆଙ୍କର ଆର୍ବିଭାବ ହୋଇଥିଲା । ଦେବତାମାନେ ଦେବୀଙ୍କୁ ବିଭିନ୍ନ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ କରି ଯୁଦ୍ଧ ପାଇଁ ପ୍ରେରିତ କରିଥିଲେ । ମାଆ କାତ୍ୟାୟନୀ ରୂପରେ ତାଙ୍କର ସହଯୋଗୀ ଚଉଷଠୀ ଯୋଗିନୀ ଏବଂ ନବକୋଟି କାନ୍ତାନୀ ମାନଙ୍କୁ ନେଇ ପ୍ରବଳ ପରାକ୍ରମୀ ମହିଷାସୁରକୁ ବଧ କରିଥିଲେ । ପରେ ପରେ ଅନ୍ୟ ରାକ୍ଷସ ଗଣ ଯେପରି ଧୁମ୍ରଲୋଚନ, ଚଣ୍ଡ,ମୁଣ୍ଡ ଇତ୍ୟାଦି ନିହତ ହୋଇଥିଲେ । ମହିଷାସୁରର ମୃତ୍ୟୁ ରକ୍ତବୀର୍ଜ୍ୟକୁ ଭୀଷଣ କ୍ରୋଧିତ କରିଥିଲା । ନିଜେ ଦେବୀଙ୍କ ସହିତ ଯୁଦ୍ଧ କରିବା ପାଇଁ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲା । ମା ଦୁର୍ଗା ରକ୍ତବୀର୍ଜ୍ୟ ସହିତ ଯୁଦ୍ଧରେ ଦେଖିଲେ ରାକ୍ଷସର ପ୍ରତି ରକ୍ତ ବିନ୍ଦୁ ଭୂମି ପତିତ ହେବା ମାତ୍ରକେ ସହସ୍ର ରକ୍ତବୀର୍ଜ୍ୟ ସୃଷ୍ଟି ହୋଇ ଆହୁରି ଭୟଙ୍କର କରୁଥିଲେ ଯୁଦ୍ଧକୁ । ମାଆ ଆଶ୍ଚର୍ଯ୍ୟ ଏବଂ କ୍ରୋଧାନ୍ୱିତା ହୋଇ, ରାକ୍ଷସମାନଙ୍କୁ ମାରି ଚାଲିଲେ । ହେଲା ନିଷ୍ଫଳ, ଯେତିକି ମାରୁଥିଲେ ତା ଠାରୁ ଅଧିକ ଜନ୍ମ ନେଉଥିଲେ । ମାଆଙ୍କ ଚକ୍ଷୁ ଲୋହିତ ବର୍ଣ୍ଣ ହେଲା, ତୃତୀୟ ନେତ୍ରରୁ ଅଗ୍ନି କ୍ଷରଣ ହେଲା । ଅଗ୍ନିର ଉତ୍ତାପରେ ଶରୀର ବସ୍ତ୍ର ହୀନ, କୃଷ୍ଣ କାୟ ହୋଇଗଲା । ମା' ହାତରେ ଖପରା ପାତ୍ର ଧରି ଛିନ୍ନ ମସ୍ତକ କ୍ଷରିତ ରକ୍ତ ପାନ କରିବାକୁ ଲାଗିଲେ । ଶରୀର ହୋଇଗଲା ବୃହତ ଉତ୍ତପ୍ତ ଲୌହ ପିଣ୍ଡ । ପାଦର ଉତ୍ତାପରେ ମାଟିରେ ପଡୁଥିବା ପ୍ରତି ରକ୍ତ ବିନ୍ଦୁ ଭସ୍ମ ହେଉଥିଲା । ଶରୀର ଯେଉଁଠି ଭସ୍ମ ହେଉଥିଲା ରକ୍ତ ବା ରୁହନ୍ତା କିପରି ! କାଳୀ ମାତାଙ୍କ ପ୍ରକୋପରେ ନିଶ୍ଚିହ୍ନ ହେଲା ରକ୍ତବୀର୍ଜ୍ୟ । ଦେବୀଙ୍କର ଏହି ରୂପ ଚାମୁଣ୍ଡେଶ୍ୱରୀ ରୂପ । ସପ୍ତସତୀ ଚଣ୍ଡୀ ବା ଦୁର୍ଗା ସପ୍ତସତୀରେ ଦେବୀଙ୍କ ସ୍ତୋତ୍ରରେ ଉଲେଖ ଅଛି-

***'ଦ୍ରଷ୍ଟାମ କରାଳ ବଦନେ ,ଶିରୋମାଳା ବିଭୂଷଣେ,ଚାମୁଣ୍ଡେ ମୁଣ୍ଡ ମାଥନେ, ନାରାୟଣୀ ନମସ୍ତୁତେ ।'***

ଉଗ୍ରରୂପୀ ମା' ଚାମୁଣ୍ଡାଙ୍କ କୋପରେ ଚଣ୍ଡ ମୁଣ୍ଡ, ଶୁମ୍ଭ, ନିଶୁମ୍ଭ, ତାମ୍ରା, ଅନ୍ଧକାସୁର, ଉଗ୍ରବୀର, ବିଟଳ, ଦୁର୍ଧାର, ଦୁର୍ମୁଖ ଆଦି ବହୁ ଦାନବ ନିଃଶେଷ ହୋଇଥିଲେ । ଦେବୀ ଚାମୁଣ୍ଡେଶ୍ୱରୀ ଅର୍ଥାତ ମା' କାଳୀଙ୍କ ପାଦ ତଳେ ସହସ୍ର ରାକ୍ଷସ ମୃତ୍ୟୁ ବରଣ କରିଥିଲେ । ଚତୁଃର୍ଦିଗରେ ମୃତ୍ୟୁର ତାଣ୍ଡବ,ଭୟଙ୍କର ସେ ଦୃଶ୍ୟ । ମାଆଙ୍କର ମୁକୁଳା କେଶ, ବିବସନା ଶରୀର, ଶ୍ରୀହୀନ ମାତୃ ଶକ୍ତିର ଏ ପ୍ରକାର ରୂପ ପାଇଁ ଦେବ, ଦାନ ସମସ୍ତଙ୍କୁ ଦାୟୀ କରି କ୍ରୋଧ ଜର୍ଜରିତ ମା' ସମସ୍ତଙ୍କୁ ବିନାଶ କରି ଚାଲିଲେ । ଚାରିଆଡେ ହାହାକାର ଧ୍ୱଂସ ସ୍ତୁପ, ସଂହାର କାରିଣୀ ମାଆ'ଙ୍କର କ୍ରୋଧର ଅବସାନ ଘଟିଲା ନାହିଁ । ମୃତ୍ୟୁର ଭୟଙ୍କର ତାଣ୍ଡବ ଲୀଳାରେ ସବୁକିଛି ଧ୍ୱଂସ ବିଧ୍ୱଂସ ହୋଇ ଚାଲିଲା । ଦେବତାମାନଙ୍କର ସମସ୍ତ ପ୍ରାର୍ଥନା ନିଷ୍ଫଳ ହେଲା । ଶେଷରେ ଯୁଦ୍ଧ କ୍ଷେତ୍ରରେ ମାଆଙ୍କର ଜୟ ଯାତ୍ରା ମାର୍ଗରେ, ଦେବାଧିଦେବ ମହାଦେବ ଶୟନ କଲେ । ମାଆଙ୍କର ପାଦ ଶିବଙ୍କର ବକ୍ଷାଘାତ କଲା । ମା' କାଳୀ ପ୍ରଶ୍ନ କଲେ କିଏ ତୁହି ଦୁଷ୍ଟ ପାପୀ? ମହାଦେବ ଉତ୍ତର ଦେଲେ ମହାକାଳୀ ମୋର ଇଷ୍ଟ ଦେବୀ । ମା କାଳୀ ତୁଷ୍ଟ ହୋଇ ପଥରୋଧର ଅଭିପ୍ରାୟ ପୁଛନ୍ତେ ଶିବ ଶଙ୍କର କହିଲେ- ***'ଦୁଇ କର ଯୋଡ଼ି ପୁଣି ,ବୋଇଲେ ଶଙ୍କର,ଭୋ ଦୁର୍ଗେ ହୋଇବୁ ତୁହି***

***ଭାରିଜା ମୋହର ।'***
***(ସାରଳା ମହାଭାରତ, ଦ୍ରୋଣ ପର୍ବ)***

ତତ୍‌କ୍ଷଣାତ ମା' କାଳୀ ଜିଭ କାମୁଡି ପକାଇଲେ । ମହାଦେବ ନିଜ ଜଟା ଖୋଲି ମାଆଙ୍କର ନିବସ୍ତ୍ର ଶରୀରକୁ ଆବୃତ କରାଇଲେ । ଅମାବାସ୍ୟାର ଅନ୍ଧକାର ରାତ୍ରିରେ ମାଆଙ୍କର କୋପ ମୂର୍ତ୍ତି ଶାନ୍ତ ମୂର୍ତ୍ତିରେ ଶୋଭା ପାଇଲା । ସ୍ୱର୍ଗରୁ ପୁଷ୍ପ ବୃଷ୍ଟି ହେଲା । ସମସ୍ତ ଦେବତା ଗଣ ଏବଂ ସମଗ୍ର ଜଗତ, ଶକ୍ତି ଏବଂ ଶିବଙ୍କୁ ମହା କାଳୀ ଏବଂ ମହା ଭୈରବ ରୂପରେ ଦର୍ଶନ କଲେ ଏବଂ ଆଶୀର୍ବାଦ ପ୍ରାପ୍ତ ହେଲେ ।

ମା'କାଳୀଙ୍କୁ ବିଭିନ୍ନ ରୂପରେ ପୂଜା କରାଯାଏ ଯଥା-ମହାକାଳୀ, ଶ୍ମଶାନକାଳୀ, ରକ୍ଷାକାଳୀ, ଶ୍ୟାମାକାଳୀ ଓ ନିତ୍ୟକାଳୀ । ମହାପ୍ରଭୁ ଜଗନ୍ନାଥଙ୍କ ପୂଜା ସମୟରେ ମୁଣ୍ଡରେ ଓଢଣୀ ଓ ନାକରେ ନାକୁଆସୀ ଦିଆଯାଇ ପୂଜା କରାଯାଏ । ତେଣୁ ତନ୍ତ୍ର ଶାସ୍ତ୍ରରେ କୁହାଯାଇଛି-

***'ନୀଳାଦ୍ରୌ ଶ୍ରୀଜଗନ୍ନାଥ ସାକ୍ଷାତ ଦକ୍ଷିଣ କାଳୀକାଃ ।'***

ମାଆ ସବୁବେଳେ ଅଭୟଦାୟିନୀ, ସ୍ନେହମୟୀ, ମଙ୍ଗଳକାରିଣୀ, ଐଶ୍ୱର୍ଯ୍ୟଦାୟିନୀ ଏବଂ କଷ୍ଟ ନିବାରିଣୀ ହୋଇଥାନ୍ତି । ଭାରତବର୍ଷର ଶ୍ରେଷ୍ଠ ମା'କାଳୀଙ୍କ ସାଧକ ଭାବରେ ମହାପୁରୁଷ ରାମକୃଷ୍ଣ ପରମହଂସ ସର୍ବାଗ୍ରେ ରୁହନ୍ତି, ଯାହାଙ୍କ ଜନ୍ମ କଲିକତାର ହୁଗୁଳି ଜିଲ୍ଲାରେ ୧୮୩୬ ମସିହା ଫେବୃଆରୀ ୧୮ ତାରିଖରେ । ତାଙ୍କର ବିବାହ ହୋଇଥିଲା ତେଇଶି ବର୍ଷ ବୟସରେ ସାରଦା ଦେବୀଙ୍କ ସହିତ । ସେତେବେଳେ ସେ ମାତ୍ର ପାଞ୍ଚ ବର୍ଷର କନ୍ୟା । ରାମକୃଷ୍ଣଙ୍କର ସାରାଜୀବନ ଗଙ୍ଗା ନଦୀ କୂଳସ୍ଥ ଦକ୍ଷିଣେଶ୍ୱରୀ ମା' କାଳୀଙ୍କ ମନ୍ଦିରରେ କେବଳ ସାଧନାରେ ବିତି ଥିଲା । ମା'ଙ୍କୁ ସେ ପ୍ରତ୍ୟକ୍ଷ ଦର୍ଶନ କରୁଥିଲେ । ସାରଦା ଦେବୀ ଅଠର ବର୍ଷ ପ୍ରାପ୍ତ ହୁଅନ୍ତେ, ଦକ୍ଷିଣେଶ୍ୱର ଆସିଲେ । ଶ୍ରୀରାମକୃଷ୍ଣ ତାଙ୍କୁ ଅତି ସମାଦରରେ ଗ୍ରହଣ କଲେ ଏବଂ ତାଙ୍କୁ ଦେବୀ ଷୋଡ଼ଶୀ ତ୍ରୀପୁରାସୁନ୍ଦରୀ ଜ୍ଞାନରେ ଯଥାବିଧି ପୂଜା କରିଥିଲେ ଏବଂ ଅତି ଯତ୍ନ ସହକାରେ ଆପଣା ନିକଟରେ ରଖିଥିଲେ । ତାଙ୍କ ସୁଖସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା କରି ଧର୍ମଜୀବନ-ଯାପନରେ ନାନାଭାବରେ ସାହାଯ୍ୟ କରିଥିଲେ । ପରସ୍ପର ମଧ୍ୟରେ ସେମାନଙ୍କର ନିବିଡ଼ ପ୍ରୀତିବନ୍ଧନ ଥିଲା । ହେଲେ କୌଣସି ଶାରୀରିକ ବା ଦୈହିକ ସମ୍ପର୍କ ନଥିଲା । ସାରଦାଦେବୀ ଏକଦା କହିଥିଲେ, 'ଆହା, ସେ ମୋ ସହିତ କିପରି ବ୍ୟବହାର କରିଛନ୍ତି ! ଦିନେହେଲେ ମୋ ମନରେ ବ୍ୟଥା ଲାଗିଲା ଭଳି କିଛି କହିନାହାନ୍ତି । ଗୋଟିଏ ଫୁଲର ଆଘାତ ମଧ୍ୟ ମୋତେ ଦେଇନାହାନ୍ତି ଛ...ଯେଉଁଥିରେ ମୁଁ ଭଲରେ ରହିବି, କେବଳ ସେହି ବ୍ୟବସ୍ଥା ହିଁ କରିଛନ୍ତି ।'

ନାରୀଗଣଙ୍କ ପ୍ରତି ଶ୍ରୀରାମକୃଷ୍ଣଙ୍କର ମାତୃବୁଦ୍ଧି । ...ସେ କହିଥିଲେ, 'ନାରୀ ଆଦିଶକ୍ତି, ମା' କାଳୀ, ନାରୀ ସର୍ବଂସହା ଧରିତ୍ରୀ, ପାଳନକର୍ତ୍ତ୍ରୀ । ଶ୍ରୀରାମକୃଷ୍ଣଙ୍କ ସହ ଏକତ୍ରବାସ ଫଳରେ ସାରଦା ଦେବୀଙ୍କ ଅନ୍ତରରେ ବିଶ୍ୱମାତୃତ୍ୱର ଅକୁଣ୍ଠ ଚେତନା ଜାଗ୍ରତ ହୋଇଥିଲା । ସେ ଯେ ଜଗଜ୍ଜନନୀ । ଶ୍ରୀରାମକୃଷ୍ଣଦେବ ନିଜର ଦେହତ୍ୟାଗ ପୂର୍ବରୁ ସାରଦା ଦେବୀଙ୍କ ଉପରେ ଜୀବତ୍ରାଣ ଓ ଜୀବକଲ୍ୟାଣ-କାର୍ଯ୍ୟର ସମ୍ପୂର୍ଣ୍ଣ ଭାର ଅର୍ପଣ କରିଥିଲେ । ସେ ମଧ୍ୟ ଆଦେଶ ମନେକରି ସେହି ସମସ୍ତ ଦାୟିତ୍ୱ, ଆନ୍ତରିକତା ସହ ପୂର୍ଣ୍ଣ କରିଥିଲେ । ସେହି ମାତୃତ୍ୱରେ ଧନୀ-ନିର୍ଦ୍ଧନ, ପଣ୍ଡିତ-ମୂର୍ଖ, ବ୍ରାହ୍ମଣ-ଚଣ୍ଡାଳ, ସନ୍ନ୍ୟାସୀ-ଗୃହୀ, ସ୍ତ୍ରୀ-ପୁରୁଷ ତଥା ସଜ୍ଜନ-ଦୁର୍ଜ୍ଜନ ଭେଦ ନ ଥିଲା । ସେ ଥିଲେ ସଭିଙ୍କର ମା', ସେ ଥିଲେ ପ୍ରକୃତ ମା' ବିଶ୍ୱ ଜନନୀ ।

**ମାତୃ ପିତୃ କୃପା ୫୦୮, ନୂଆସାହି,**
**ନୂଆପଲ୍ଲୀ, ଭୁବନେଶ୍ୱର ୭୫୧୦୧୨**
**ମୋ-୯୪୩୭୧୭୫୭୬୪**

# ବିପ୍ଳବୀ ସାରଙ୍ଗଧର ଦାସ- ଏକ ଶ୍ରଦ୍ଧାଞ୍ଜଳି



**ଡାକ୍ତର ରବି ରଂଜନ ସାହୁ**

ବିପ୍ଳବୀ ଜନନେତା ସାରଙ୍ଗଧର ଦାସଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ଗଡ଼ଜାତ ପ୍ରଜା ଆନ୍ଦୋଳନର ବାସ୍ତବ ଚିତ୍ର ତଥା କରୁଣ କାହାଣୀ ସଂପର୍କରେ ଅନେକ କଥା ଜଣାପଡ଼େ । ଢେଙ୍କାନାଳର ହରେକୃଷ୍ଣପୁର ଗ୍ରାମରେ ଏକ ମଧ୍ୟବିତ୍ତ ପରିବାରରେ ୧୯ ଅକ୍ଟୋବର ୧୮୮୭ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ସୁଦୂର ଜାପାନ ଓ ଆମେରିକାରେ ଉଚ୍ଚଶିକ୍ଷା ଲାଭ କରି ସେ ଯେଉଁ ଚରମ ତ୍ୟାଗର ବଳିଷ୍ଠ ନିଦର୍ଶନ ରଖିଯାଇଛନ୍ତି, ତାହା ବିରଳ । ରାଜନୈତିକ ମୂଲ୍ୟବୋଧ ପ୍ରତିଷ୍ଠା କ୍ଷେତ୍ରରେ ସାରଙ୍ଗଧରଙ୍କ ଆଦର୍ଶ ସ୍ମରଣୀୟ ଓ ଗ୍ରହଣୀୟ । ବିଦେଶରୁ ଫେରି ନିଜ ଜନ୍ମମାଟିରେ ଉନ୍ନତ ପ୍ରଣାଳୀରେ ଚିନି ଶିଳ୍ପ ପ୍ରତିଷ୍ଠା ପାଇଁ ସେ ଯେଉଁ ଉଦ୍ୟମ କରିଥିଲେ, ତାହା ତାଙ୍କ ପ୍ରଗତିଶୀଳ ଚିନ୍ତାଧାରାର ପରିଚୟ ଦିଏ । ଚିନିଶିଳ୍ପ ସମ୍ପର୍କରେ ବିଦେଶରୁ ସେ ଯେଉଁ ବୈପ୍ଳବିକ ଜ୍ଞାନ ଅର୍ଜନ କରିଥିଲେ, ତାହାର ବିନିଯୋଗ ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ । ମାତ୍ର ଢେଙ୍କାନାଳର ତତ୍‌କାଳୀନ ରାଜା ତାଙ୍କୁ ତାହା କରାଇ ଦେଲେ ନାହିଁ । ତାଙ୍କର ସମସ୍ତ ଶ୍ରମ ବ୍ୟର୍ଥ ହେଲା ତଥାପି ସେ ଭାଙ୍ଗି ପଡ଼ି ନ ଥିଲେ ।

ରାଜତନ୍ତ୍ର ପ୍ରତି ତାଙ୍କ ମନରେ ଘୃଣା ଜାତ ହେଲା । ସେ ଅନୁଭବ କରିଥିଲେ ଯେ, ଦେଶରୁ ରାଜତନ୍ତ୍ରର ଉଚ୍ଛେଦ ନ ହେଲେ ସାର୍ବଜନୀନ ପ୍ରଗତି ସମ୍ଭବ ହୋଇପାରିବ ନାହିଁ । ତେଣୁ ରାଜତନ୍ତ୍ର ବିରୋଧରେ ଆରମ୍ଭ ହେଲା ଅବିଶ୍ରାନ୍ତ ସଂଗ୍ରାମ । ବେଠି ଓ ବେଗାରୀ ବିରୋଧରେ ସେ ସ୍ୱର ଉଠାଇଲେ । ପ୍ରଜାମଣ୍ଡଳ ମାଧ୍ୟମରେ ଅତ୍ୟାଚାରୀ ରାଜା ରାଜୁଡ଼ାଙ୍କ ଶାସନ ବିରୋଧରେ ଜନ ଆନ୍ଦୋଳନ ଗଢ଼ିଲେ ।



ସେଥିପାଇଁ ତାଙ୍କୁ ଗଡ଼ଜାତ ଆନ୍ଦୋଳନର ଗାନ୍ଧି ବୋଲି କୁହାଯାଏ । ଗଡ଼ଜାତ ଆନ୍ଦୋଳନ ସମୟରେ ଗାଁ ଗାଁ ବୁଲି ସେ ନିଷ୍ପେଷିତ ପ୍ରଜାମାନଙ୍କର କରୁଣ କାହାଣୀକୁ ଗଳ୍ପ ଛଳରେ 'କୃଷକ' ପତ୍ରିକାରେ ପ୍ରକାଶ କରି ଅତ୍ୟାଚାରୀମାନଙ୍କର ମୁଖା ଖୋଲି ଆନ୍ଦୋଳନକୁ ଏକ ନୂଆ ମୋଡ଼ ଦେଇଥିଲେ । 'ନଣ୍ଡା ଦେହୁରୀ' ଛଦ୍ମ ନାମରେ 'କୃଷକ'ରେ ନିଜ ଶାଣିତ ଲେଖାର ସେ ଯେଉଁ ପ୍ରଭାବ ପକାଇ ପାରିଥିଲେ , ତାହାର ପଟାନ୍ତର ନାହିଁ । ଦେଶ ସ୍ୱାଧୀନ ହେବା ପରେ ପ୍ରଜାମଣ୍ଡଳ କଂଗ୍ରେସରେ ମିଶିଯିବାରୁ, ସାରଙ୍ଗଧର କଂଗ୍ରେସରେ ଯୋଗ ଦେଇ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ଆଦର୍ଶଗତ ମତ ପାର୍ଥକ୍ୟ ଯୋଗୁଁ ସେ କଂଗ୍ରେସରେ ବେଶି ଦିନ ରହିପାରିଲେ ନାହିଁ । ସେତେବେଳେ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିବାରୁ ବିଧାନସଭା ସଭ୍ୟପଦରୁ ମଧ୍ୟ ଇସ୍ତଫା ଦେଇ ଏକ ନୂଆ ନଜିର ସୃଷ୍ଟି କରିଥିଲେ ।

ବହୁ ଘାତ ପ୍ରତିଘାତ ଭିତରେ ସାରଙ୍ଗଧର ସୋସାଲିଷ୍ଟ ପାର୍ଟିରେ ଯୋଗ ଦେଇ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜିତିଥିଲେ । ତାଙ୍କର ଦକ୍ଷତା ଯୋଗୁଁ ସେ ଲୋକସଭାରେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ଓଡ଼ିଶାର ସମାଜବାଦୀ ଆନ୍ଦୋଳନକୁ ନୂତନ ଦିଗ୍‌ଦର୍ଶନ ଦେବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ଶେଷ ଜୀବନ ପର୍ଯ୍ୟନ୍ତ ସେ ସମାଜବାଦୀ ଆନ୍ଦୋଳନରେ ନିଜକୁ ସାମିଲ କରି ରାଜନୀତିକ ମାର୍ଗରେ ସେ ଉଚ୍ଚ ମୂଲ୍ୟବୋଧ ପ୍ରତିଷ୍ଠା କରିଯାଇଛନ୍ତି । ତାଙ୍କର ରାଜନୈତିକ ଆଦର୍ଶ ସମସ୍ତଙ୍କ ପାଇଁ ଅନୁକରଣୀୟ ।

ଆମେରିକାରେ ରହୁଥିବାବେଳେ ସେ ଫ୍ରିଡ଼ା ନାମ୍ନୀ ଜଣେ ବିଦେଶିନୀକୁ ବିବାହ କରିଥିଲେ ମଧ୍ୟ ନିଛକ ଓଡ଼ିଆ ସଂସ୍କୃତି ଓ ସଭ୍ୟତାଠାରୁ ଦୂରେଇ ଯାଇ ନ ଥିଲେ । ଏହାହିଁ ତାଙ୍କ ଜୀବନର ଏକ ବିଶିଷ୍ଟ ଦିଗ । ଅବଶ୍ୟ ପରବର୍ତ୍ତୀ କାଳରେ ଭାରତୀୟ ଚଳଣି ସହିତ ନିଜକୁ ସାମିଲ କରି ନ ପାରି ଫ୍ରିଡ଼ା ନିଜର ହିନ୍ଦୁ ସ୍ୱାମୀ ସାରଙ୍ଗଧରକୁ ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ପତ୍ନୀ ବିଛେଦ ତାଙ୍କ ମନରେ ବ୍ୟଥା ଦେଇଥିଲେ ମଧ୍ୟ ତାହା ସେ ନିର୍ବିକାର ଚିତ୍ତରେ ସହି ନେଇ ଜୀବନ ସଂଗ୍ରାମରୁ ଓହରି ଯାଇ ନଥିଲେ ।

***ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ଥିଲା ତାଙ୍କ ପାଇଁ ପରୀକ୍ଷା ନିରୀକ୍ଷାର ଏକ ପ୍ରୟୋଗଶାଳା । ନିଜ ନୀତି ଆଦର୍ଶ ସହିତ କେବେ ବି ସାଲିସ କରି ନ ଥିବା ଏହି ମହାନ ଜନନାୟକ ୧୯୫୭ ମସିହା ସେପ୍ଟେମ୍ବର ୧୮ ତାରିଖରେ ପରପାରିକୁ ଚାଲିଗଲେ ଏବଂ ପଛରେ ଛାଡ଼ି ଦେଇଗଲେ ଅଧୁରା ସ୍ୱପ୍ନ, ସମାଜବାଦୀ ରାଷ୍ଟ୍ର ଗଠନର ଦୁରନ୍ତ ଅଭିଳାଷ ।*** ନିର୍ଭୀକ ସାରଙ୍ଗଧରଙ୍କ ବିନା ଓଡ଼ିଶା ଇତିହାସରେ ସମାଜବାଦୀ ଆନ୍ଦୋଳନର ଇତିହାସ ରଚନା କରାଯିବା ଅସମ୍ଭବ । ଏହି ତ୍ୟାଗୀ ପୁରୁଷଙ୍କର ମହାନତା ଓ ଜୀବନବ୍ୟାପୀ ସାଧନା ତାଙ୍କୁ ଜଣେ ଦେବଦୂତ ରୂପେ ସାଧାରଣରେ ପରିଚୟ ପ୍ରଦାନ କରିଛି । ତାଙ୍କର ଅମଳିନ ଆଦର୍ଶ ପ୍ରତି ସାମାନ୍ୟତମ ଅନୁରକ୍ତି ପ୍ରକାଶ ପାଇଲେ, ତାହା ହିଁ ହେବ ତାଙ୍କ ସ୍ମୃତି ପ୍ରତି ବିଶେଷ ଶ୍ରଦ୍ଧା ନିବେଦନ ।

**ଚାନ୍ଦିନୀଚୌକ, କଟକ-୨**
**ମୋ-୯୪୩୭୩-୧୦୧୭୧**

# ଦୀପାବଳି ଓ ଶବ୍ଦ ପ୍ରଦୂଷଣ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଦୀପାବଳି ଏକ ସର୍ବଭାରତୀୟ ଉତ୍ସବ । ଏହି ଦିନ କେତେକ ସ୍ଥାନରେ ରାତି ଉଜାଗର ରହି ଲକ୍ଷ୍ମୀପୂଜା କରାଯାଏ ଏବଂ ବ୍ୟବସାୟୀମାନେ ଦୋକାନ ପୂଜା କରିବା ସହ ନୂଆ ଖାତା ଖୋଲନ୍ତି । ତାନ୍ତ୍ରିକଙ୍କ ସାଧନା ପାଇଁ ଦୀପାବଳି ଅମାବାସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ସହ ସଂପୃକ୍ତ ଚାରିଟି ପର୍ବ ହେଉଛି ଧନଦା ତ୍ରୟୋଦଶୀ ବା ଧନ୍‌ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ ଗୋବର୍ଦ୍ଧନ ପୂଜା । ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ସାରି, ରାବଣ ନିଧନ ଓ ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ଯେଉଁଦିନ ଅଯୋଧ୍ୟାକୁ ବାହୁଡ଼ି ଆସିଲେ ସେଦିନ ମହାଆନନ୍ଦରେ ରାଜ୍ୟବାସୀ ସୁନ୍ଦର ଦୀପାଲୋକରେ ନଗରୀକୁ ସଜାଇଦେଲେ । ରାମଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନର ସ୍ମୃତି ଉତ୍ସବ ହେଉଛି ଏହି ଦୀପାବଳି ବୋଲି ମଧ୍ୟ କୁହାଯାଇଥାଏ । ଆହୁରି ମଧ୍ୟ ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ମା'ମହାକାଳୀଙ୍କ ସହାୟତାରେ ଅତ୍ୟାଚାରୀ ନାରକାସୁରକୁ ବଧ କରିଥିବାରୁ ଆନନ୍ଦରେ ଅଧୀର ମର୍ତ୍ତ୍ୟବାସୀ ଏହିଦିନ ଦୀପାଲୋକରେ ଘର ସଜାନ୍ତି ଏବଂ ମା'କାଳୀଙ୍କୁ ମଧ୍ୟ ପୂଜା କରନ୍ତି । ପୁଣି ଏହି ଦିନ ଓଡ଼ିଶାରେ ପାଳିତ ହୁଏ ପୟା ଅମାବାସ୍ୟା ଭାବେ । ପିତୃପୁରୁଷଙ୍କ ସନ୍ଧ୍ୟାରେ ଶ୍ରାଦ୍ଧଦାନ କରାଯିବା ସହ ବଳିତା ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଅନ୍ଧାରରେ ଆସି ଆଲୁଅରେ ଯାଅ, ଅମୃତ ଦୃଷ୍ଟିରେ ଆମକୁ ଦେଖୁଥାଅ ବୋଲି ଡାକ ଦେଇ ଆଲୋକ ପ୍ରଦର୍ଶନ କରନ୍ତି । ଆଉ ଏକ ଘଟଣା ହେଲା ଦୀପାବଳି ଦିନ ଶ୍ରାଦ୍ଧ ପରେ ରାତିରେ ଘର ଅଗଣାରେ ଏକ ବୋଇତ ଚିତ୍ର ପଞ୍ଚବର୍ଣ୍ଣ ମୁରୁଜରେ ଆଙ୍କି ସେଥିରେ ବିଭିନ୍ନ କୋଠରୀରେ ଘରର ବାସନକୁସନ, ଗହଣାଗାଣ୍ଠି, ଧାନଚାଉଳ ରଖି ପୂଜା କରାଯାଏ । ବାଣ ଫୁଟାଇବା ଆନନ୍ଦ ଉତ୍ସବର ଏକ ପ୍ରତୀକ ହୋଇଥିବାରୁ ବିଭିନ୍ନ ପ୍ରକାର ବାଣ ଫୁଟାଇ ଆଜିକାଲି ଦୀପାବଳି ପାଳନ କରାଯାଉଛି । ଦୀପାବଳି ସହିତ ଶବ୍ଦ ପ୍ରଦୂଷଣର ସମ୍ପର୍କ ରହିଛି। କାରଣ ଆନନ୍ଦ ଓ ଆଲୋକର ମହାପର୍ବ ଭିତରେ ଆମେ ଅଧିକାଂଶ ହୁଏତ ଜାଣି ନଥାଉଁ ଯେ ଖୁସି ମନାଉଥିବା ବାଣ ଭିତରେ ଯେଉଁ ଭୟାନକ ରାସାୟନିକ ପଦାର୍ଥ ରହିଥାଏ ତାହା ହେଉଛି ସୋଡ଼ିୟମ ଅକ୍‌ଜାଲେଟ୍, ଆଲୁମିନିୟମ, ଆର୍ସେନିକ୍, ସଲ୍‌ଫର ମାଙ୍ଗାନିଜ୍, ଲୁହାଗୁଣ୍ଡ, ପୋଟାସିୟମ୍, ପରକ୍ଲୋରେଟ୍, ଷ୍ଟ୍ରୋନ୍‌ସିଅମ୍ ନାଇଟ୍ରେଟ୍ ଇତ୍ୟାଦି। ଦହନ ସମୟରେ ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ସଲଫର ଡାଇଅକ୍‌ସାଇଡ ଓ ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଗବେଷଣାରୁ ଏହା ଜଣାପଡ଼େ ଯେ ରକେଟ୍ ବାଣ ଓ ଅନାରକଲି ବାଣ ଦ୍ୱାରା ପଲିକ୍ଲୋରିନେଟେଡ୍ ଡାଇଅକ୍ସିନ୍ ଏବଂ ଫ୍ୟୁରୋନ୍ ଭଳି କେତେକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗମନ ହୋଇଥାଏ। ଶୁଭ ଦୀପାବଳି ହେଉଛି ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ଆନନ୍ଦ, ତ୍ୟାଗ, ପ୍ରେରଣା ଓ ଉତ୍ସର୍ଗୀକୃତ ଚିନ୍ତା ଚେତନାର ପବିତ୍ର ସ୍ମୃତି ପୁଣ୍ୟ ତିଥି । ତେବେ ଆମମାନଙ୍କ ଭିତରୁ ଅଧିକାଂଶ ହୁଏତ ଜାଣି ନଥାନ୍ତି ବାଣ ଫୁଟାଇବା ଓ ଆତସବାଜି ଦ୍ୱାରା ବାୟୁମଣ୍ଡଳରେ ବିଷାକ୍ତ ଭାରି ଧାତୁର ମାତ୍ରା ପ୍ରାୟ ୫୦ ରୁ ୧୦୦ଗୁଣ ବୃଦ୍ଧି ପାଇଥିବାର ଦୃଷ୍ଟାନ୍ତ ମିଳେ । ସାଧାରଣତଃ ବାଣଗୁଡ଼ିକରେ ୭୫ ପ୍ରତିଶତ ପୋଟାସିୟମ୍ ନାଇଟ୍ରେଟ୍, ୧୫ ପ୍ରତିଶତ କାର୍ବନ (ଅଙ୍ଗାରକ) ଓ ୧୦ ପ୍ରତିଶତ ସଲ୍‌ଫର (ଗନ୍ଧକ) ଥାଏ। ଶୀତ ଋତୁରେ ଦୀପାବଳି ପାଳନ ହୋଇଥାଏ ଏବଂ ଏହି ଋତୁରେ ପବନର ପ୍ରସାର ହ୍ରାସ ପାଇବା ଯୋଗୁଁ ନିର୍ଗତ ହୋଇଥିବା ବିଷାକ୍ତ ବାଷ୍ପଗୁଡ଼ିକ ବାୟୁମଣ୍ଡଳରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଯାଏ, ଯାହାଦ୍ୱାରା ପ୍ରଦୂଷଣର ପ୍ରଭାବ ବୃଦ୍ଧି ପାଏ। ଏହିସବୁ ବିଷାକ୍ତ ବାଷ୍ପ ଯୋଗୁଁ ଫୁସ୍‌ଫୁସ୍ ଜନିତ ରୋଗ, ବ୍ରୋଙ୍କାଇଟିସ୍, ଚକ୍ଷୁ, ଗଳାଜନିତ ରୋଗ, ହୃଦ୍‌ରୋଗ ଆଦିର ଶିକାର ମନୁଷ୍ୟ ହେବାକୁ ପଡେ । ଆମ ସମସ୍ତଙ୍କ ପାଇଁ ମାନବର ଅଙ୍ଗପ୍ରତ୍ୟଙ୍ଗ ଭିତରେ କାନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ଅବସରରେ ଧ୍ୱନି ପ୍ରଦୂଷଣ ମଧ୍ୟ ବ୍ୟାପକ ହୋଇଥାଏ । ଧ୍ୱନି ପ୍ରଦୂଷଣ ହୃଦ୍‌ରୋଗୀଙ୍କ ପାଇଁ ଭୟାବହ । ଧ୍ୱନିର ମାତ୍ରା ଏହି ସମୟରେ ୧୦୦ରୁ ୧୪୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚିଥାଏ ଯାହାକି ମାରାତ୍ମକ । ଏହାଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ୍ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଥାଏ, ଯାହାଫଳରେ ରକ୍ତଚାପର ବୃଦ୍ଧି ଘଟିଥାଏ। ତେଣୁ ଏହିସବୁ ବିପଦକୁ ଆମନ୍ତ୍ରଣ କରିବା ଅପେକ୍ଷା କେବଳ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବା ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା। ଆମ ସମସ୍ତଙ୍କ ଭିତରେ ରହିଥିବା ସ୍ୱାର୍ଥପରତା, ମିଥ୍ୟାବାଦୀତା ବା ଅନ୍ୟ ଯେକୌଣସି ଗୁଣକୁ ଏହି ପୁଣ୍ୟ ପାର୍ବଣ ଦୀପାବଳିରେ ସମର୍ପଣ କରିପାରିଲେ ଏହା ହିଁ ହେବ ସବୁଠାରୁ ବଡ଼ ଆଲୋକ ଓ ଆନନ୍ଦର ମହାପାର୍ବଣ - ଦୀପାବଳି।

**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ମୋ- ୯୪୩୮୨୭୬୭୬୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦ରେ...

ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି । ତେବେ କ୍ୟାଲେଣ୍ଡରରେ ୨୧ ତାରିଖକୁ ଦୀପାବଳି ଛୁଟି ଘୋଷଣା କରାଯାଇଛି । ସରକାର ୨୧ ତାରିଖ ପରିବର୍ତ୍ତେ ୨୦ ତାରିଖକୁ ଛୁଟି ଘୋଷଣା କରିବାକୁ ପ୍ରସ୍ତାବ ଦିଆଯାଇଛି ।

## ଚନ୍ଦ୍ରଶେଖରପୁର...

ଅଜୟ ଦେହୁରି ଘର କେନ୍ଦୁଝର ଜିଲ୍ଲାରେ ହୋଇଥିବା ବେଳେ ସେ କାମ କରିବା ପାଇଁ ସପରିବାରେ ଭୁବନେଶ୍ୱରରେ ରହୁଥିଲେ । ଚନ୍ଦ୍ରଶେଖରପୁର ଅଞ୍ଚଳରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ସେ ମୁଖ୍ୟ ମିସ୍ତ୍ରୀ ଭାବେ କାମ କରେ । ହତ୍ୟା ଅଭିଯୁକ୍ତ ଶଙ୍କର ଓ ତା'ର ବଡଭାଇ ପଞ୍ଚାନନ ବେହେରା ନିଳାଦ୍ରୀବିହାର ସେକଟର-୩ ଅଞ୍ଚଳରେ ରହୁଥିବା ବେଳେ ଅଜୁ ଅଧୀନରେ କାମ କରନ୍ତି । ଅଜୁ ମଦ ପିଇବା ପରେ କାମକୁ ନେଇ ପଞ୍ଚାନନକୁ ଗାଳିଗୁଲଜ କରେ । ବାରମ୍ବାର ଏହିପରି ଗାଳିଗୁଲଜ କରୁଥିବାରୁ ତା'ର ସାନଭାଇ ଶଙ୍କର କ୍ଷୁବ୍ଧ ଥିଲା । ୧୨ ତାରିଖ ଦିନ ରାତିରେ ଅଜୁ କାମରୁ ଫେରିବା ପରେ ରାତି ୮ ଟା ବେଳେ ଶଙ୍କର ତାକୁ ମଦ ପିଇବାକୁ ଡାକିନେଇଥିଲା । ଚିନୁକୋଳି ବସ୍ତିରୁ ଦେଶୀମଦ ପିଇବା ପରେ ଶଙ୍କରକୁ ନିଶା ହୋଇଯାଇଥିଲା । ସେ ଡ୍ରେନ୍‌ରେ ପଡିଯିବା ସୁଯୋଗରେ ପୂର୍ବ ରାଗକୁ ନେଇ ଶଙ୍କର ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିବା ପରେ ନିଜ ଗାଁ ଗଞ୍ଜାମ ଜିଲ୍ଲାକୁ ପଳାଇ ଯାଇଥିଲା ।

୧୩ ତାରିଖରେ ସେହି ଅଞ୍ଚଳର କର୍ପୋରେଟର ଯଶୋଧାରା ପ୍ରଧାନ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ ଯେ, ନିଳାଦ୍ରୀବିହାର ଡିଫେନ୍ସ କଲୋନୀ ପାଖରେ ଜଣେ ଯୁବକଙ୍କ ଶବ ପଡିଛି । ପୋଲିସ ଏହି ଅଭିଯୋଗ ଆଧାରରେ କେସ୍ ନମ୍ବର ୬୩୧/୨୦୨୫ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଛାନ୍‌ଭିନ୍ କରୁଥିଲା । ଏହା ଭିତରେ ମୃତକଙ୍କ ପରିଚୟ ଓ ଅଭିଯୁକ୍ତ ସମ୍ପର୍କରେ ଜଣାଇଲେ ୩୦ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରି ଚାରିଆଡ ପୋଷ୍ଟର ଲଗାଇଥିଲା ପୋଲିସ । ଇତିମଧ୍ୟରେ ପୋଲିସ ମୃତକ ଅଜୁର ପରିଚୟ ପାଇବା ସହ ଅଭିଯୁକ୍ତ ଶଙ୍କରକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

ହତ୍ୟାର ଶିକାର ହୋଇଥିବା ଅଜୁ ଓରଫ ଅଜୟ ଦେହୁରୀଙ୍କ ପନୀଙ୍କ କହିବାନୁଯାୟୀ ୧୨ ତାରିଖ ଦିନ ତାଙ୍କ ସ୍ୱାମୀ କାମ କରୁଥିବା ବାବୁଙ୍କ ପାଖରୁ ୩୦ ହଜାର ଟଙ୍କା ପାଇଥିଲେ । ସେହି ଟଙ୍କା ତାଙ୍କ ଅଧୀନରେ କାମ କରୁଥିବା ଶ୍ରମିକମାନଙ୍କୁ ଦେବା କଥା । ହେଲେ ଶଙ୍କର ଚତୁରତାର ସହ ଅଜୁକୁ ମଦ ପିଇବାକୁ ଡାକିନେଇ ନିଶାସକ୍ତ କରାଇବା ପରେ ହତ୍ୟା କରି ୩୦ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲା । ଚନ୍ଦ୍ରଶେଖରପୁର ଥାନାରେ ଏସିପି ଶରତ ପାତ୍ର ଓ ଇନ୍ସପେକଟର ଗିରିଶ ଚନ୍ଦ୍ର ମହାରଣା ସାମ୍ବାଦିକ ସମ୍ମିଳନୀ କରିବା ପରେ ଥାନା ମୁଖ୍ୟ ଫାଟକ ବାହାରେ ଠିଆ ହୋଇଥିବା ଅଜୟ ଦେହୁରୀଙ୍କ ପତ୍ନୀ ସାମ୍ବାଦିକମାନଙ୍କୁ ଡାକି ଲୁଟ୍ ସମ୍ପର୍କରେ କହିଥିଲେ । ଏ ସମ୍ପର୍କରେ ପୋଲିସକୁ ପଚାରିବାରୁ ତଦନ୍ତ ଜାରି ରହିଛି, ମାମଲାରେ ଯଦି ଅନ୍ୟ କେହି ସମ୍ପୃକ୍ତ ଥାଆନ୍ତି ସେମାନେ ଗିରଫ ହେବା ସହ ଅଜୁର ପତ୍ନୀଙ୍କ ଅଭିଯୋଗ ସମ୍ପର୍କରେ ଜଣାପଡିବ ।

## ନୂଆପଡା...

ପ୍ରଶାସନ ଓ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଏହା ସହିତ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଭିଯୋଗ ଏବଂ ସିଭିଜିଲରେ ପ୍ରାପ୍ତ ଅଭିଯୋଗଗୁଡିକର ତତ୍କାଳ ସମାଧାନ ପାଇଁ ୨୪ ଘଣ୍ଟିଆ ସହାୟତା କେନ୍ଦ୍ରର ସମୁଚିତ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୌଣସି ଉପନିର୍ବାଚନରେ ଦାୟିତ୍ୱ ସମ୍ପାଦନା କରିବା ଏକ ବିଶେଷ ଅବସର । ଏହି ଉପନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଆରକ୍ଷୀ ବାହିନୀ ସମ୍ପୂର୍ଣ୍ଣ ନିରପେକ୍ଷ ଓ ନିଷ୍ପାପର ଭାବରେ ପ୍ରଦତ୍ତ ଦାୟିତ୍ୱ ନିର୍ବାହ କରି ଗଣତନ୍ତ୍ରକୁ ସୁଦୃଢ କରିବା ସହିତ ନିର୍ବାଚନ ଆୟୋଗଙ୍କ ସୁନାମକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ନିର୍ବାଚନ ସମୟରେ ମତଦାତାଙ୍କୁ ଅର୍ଥ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ଲୋଭନୀୟ ସାମଗ୍ରୀ ବଣ୍ଟନ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଆଗାମୀ ଉପନିର୍ବାଚନ ସମ୍ବନ୍ଧୀୟ ପ୍ରଶାସନିକ ପ୍ରସ୍ତୁତି ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ ସିଂ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ବନ୍ଧୀୟ ବିବରଣୀ ପାଓ୍ୱାର ପଏଣ୍ଟ ମାଧ୍ୟମରେ ବୈଠକରେ ଉପସ୍ଥାପନା କରିଥିଲେ । ଏହି ଅବଧିରେ ଜିଲ୍ଲାର କୌଣସି ଅଧିକାରୀଙ୍କ ବଦଳି ହୋଇପାରିବନାହିଁ ।

ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଜିଲ୍ଲାପାଳଙ୍କ ସହିତ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସର୍‌ମାନଙ୍କ ତାଲିମ୍ କେନ୍ଦ୍ର ପରିଦର୍ଶନ କରି ସେମାନଙ୍କ ସହିତ ମତ ବିନିମୟ କରିଥିଲେ । ଅପରାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ଉପନିର୍ବାଚନ ପରିଚାଳନା ସହିତ ସଂଯୁକ୍ତ ବିଭିନ୍ନ କମିଟିର ମୁଖ୍ୟଙ୍କ ଏକ ବୈଠକ ଆହ୍ୱାନ କରି ସେମାନଙ୍କ କମିଟି କରିଥିବା ବିଭିନ୍ନ ପ୍ରସ୍ତୁତି ସମ୍ବନ୍ଧରେ ଅବଗତ କରିଥିଲେ । ସମସ୍ତ ବୁଥରେ ନିରବଚ୍ଛିନ୍ନ ବିଦ୍ୟୁତ ସଂଯୋଗ, ଶୌଚାଳୟ, ପାନୀୟ ଜଳ, ରାମ୍ପ୍ ଓ ଅନ୍ୟାନ୍ୟ ସମସ୍ତ ମୌଳିକ ସୁବିଧାଗୁଡିକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ - ୨୦୨୫



ପଟିଆ (ସବ୍ୟୁ) : ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟ ତରଫରୁ ଦୁଇଦିନ ଧରି ନୂତନ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ବା ଇଣ୍ଡକସନ୍ ସଭା ମହସମାରୋହରେ ଅନୁଷ୍ଠିତ ହୋଯାଇଛି। ପ୍ରଥମ ଦିନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ କଳା ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନଙ୍କର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଉପସଚିବ ଶ୍ରୀ ଅମିତ୍ କୁମାର ନାୟକ ଯୋଗଦେଇ ପ୍ରେରଣାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ। କଳା ବିଭାଗର ନଅ ଜଣ ବିଭାଗୀୟ ମୁଖ୍ୟମାନେ ସେମାନଙ୍କର ନୂତନ ବିଦ୍ୟାର୍ଥୀ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ଆଜି ମୁଖ୍ୟଅତିଥି ରୂପେ କେପ୍ ଜେମିନି ଆଇଟି କମ୍ପାନୀର ଅଧିକାରୀ ଇଂ ପ୍ରତାପ ପ୍ରିୟାଙ୍କର ମିଶ୍ର ଓ ମୁଖ୍ୟ ବକ୍ତା ତଥା ଶୈକ୍ଷିକ ପରାମର୍ଶଦାତା ଡ଼ଃ. ଗିରିଶ ପ୍ରସାଦ ସ୍ୱାଇଁ ମାର୍ଗଦର୍ଶକ କରିଥିଲେ। ବିଜ୍ଞାନ ସ୍ରୋତର ଛଅଟି ସ୍ନାତକ ବିଭାଗ ଓ ପ୍ରାଣୀବିଜ୍ଞାନ ବିଭାଗର ସ୍ନାତକୋତ୍ତର ବିଭାଗର ନୂତନ ଛାତ୍ରଛାତ୍ରୀ ମାନଙ୍କୁ ବିଭାଗୀୟ ମୁଖ୍ୟମାନେ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ପ୍ରଶାନ୍ତ କୁମାର ରାଉତ ଉଭୟ ଦିନ, ମହାବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା, କୃତି ଓ ପ୍ରଗତୀକୁ ବିଶ୍ଳେଷଣାତ୍ମକ ଭାବେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରବୀଣ କୁମାର ସାହୁ, ଅଧ୍ୟାପିକା ଗୀତାଞ୍ଜଳି ବେହେରା, ଅଧ୍ୟାପିକା ମାଳବିକା ବ୍ରହ୍ମା, ଗାର୍ଗୀ ବାନାର୍ଜୀ, ଡ଼ଃ. ସ୍ୱାତୀ ପଟ୍ଟନାୟକ, ଅଭିପ୍ସା ପଣ୍ଡା, ସୁନୀଲ କୁମାର ସେଠୀ ପରିଚାଳନା କରିଥିଲେ।

# ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଆଠଗଡ ,(ସବ୍ୟୁ): ଶୁକ୍ରବାର ଆଠଗଡ଼ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନନ୍ତ ଦଳାଇ ସ୍ମୃତି ବିଦ୍ୟାପିଠ କୁଳାଇଲୋ ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ନିହାରୀକା ବିଶ୍ୱାଳ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା, ସମ୍ମାନିତ ଅତିଥି ଭାବରେ ବି ଆର୍ ସି ସି ରଞ୍ଜିତ ମହାନ୍ତି,ସମିତି ସଭ୍ୟା ଅନୁସୟା ସ୍ୱାଇଁ , ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର, ଭାରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ମୂରଲୀଧର ସାହୁ ଯୋଗ ଦେଇ ସୁରଭି ମାଧ୍ୟମରେ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବକ୍ତୃତା, ସୃଜନଶୀଳ ଲିଖନ, ପ୍ରବନ୍ଧ, ସଙ୍ଗୀତ,ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଅତିଥି ମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶଶଧର ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସୁଧୀର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଘୋଷଣା କରିଥିଲେ। ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ

# ଚାଲିଗଲା ବାପା, ମା', ଝିଅ ଓ ଝିଆରୀଙ୍କ ଜୀବନ




କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନ୍‌ଏସିରେ ଥିବା ଡାକଘରକୁ ସୁକନ୍ୟା ଟଙ୍କା ଏବଂ ମାର୍କେଟିଂ କରିବାକୁ ଆସୁଥିବା ବେଳେ ୫୩ ନମ୍ବର ଜାତୀୟ ରାଜପଥରେ ମମନ୍ତୁଦ ସଡକ ଦୁର୍ଘଟଣାରେ ୪ ଜୀବନ ଅକାଳରେ ଚାଲିଯାଇଛି । ଭୟାବହ ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । କେଉଁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଭାବଗ୍ରାହୀ କାରୁଆଁ ଯାଜପୁର ଜିଲ୍ଲା କାଳିଆପାଣି ଠାରେ ଥିବା ଇମ୍ଫା କାରଖାନାରେ କାର୍ଯ୍ୟ କରୁଥିଲେ । ଶୁକ୍ରବାର ଏକ ବାଇକ ନଂ ଓଡି୦୬-୪୭୨୫ ଯୋଗେ ଭାବଗ୍ରାହୀ ନିଜ ସ୍ତ୍ରୀ, ଝିଅ ଓ ଶଳାଙ୍କ ଝିଅକୁ ବସାଇ ସୁକନ୍ୟା ଟଙ୍କା ଡିପୋଜିଟ କରିବା ସହ ମାର୍କେଟିଙ୍ଗ କରିବାପାଇଁ କାମାକ୍ଷାନଗର ଆସୁଥିଲେ । ମୋଟର ସାଇକେଲରେ ଆସୁଥିବା ବେଳେ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ଓଭରବ୍ରିଜ ନିକଟରେ ଏକ ଟ୍ରକ ବାଇକକୁ ଧକ୍କା ଦେଇଥିଲା ।ଫଳରେ ଘଟଣା ସ୍ଥଳରେ ଭାବଗ୍ରାହୀ ଓ ତାଙ୍କ ଝିଅ ଗୀତାଞ୍ଜଳି କାରୁଆଁ (୬), ଝିଆରୀ ନାଣ୍ଡି (୮)ଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥା ରେ ପ୍ରଥମେ କାମାକ୍ଷାନଗର ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କାମାକ୍ଷାନଗର ଏସ୍‌ଡିପିଓ ଓ ଥାନା ଅଧିକାରୀ ମେଡିକାଲରେ ପହଞ୍ଚି ମୃତଦେହ କୁ ବ୍ୟବଚ୍ଛେଦ କରାଇବା ସହ ଅଧିକ ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବାର ଜଣାପଡିଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ପ୍ରଶାସନ ଭାଙ୍ଗିଲା ସରସଦା ସମିତି ତାଲା

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିରେ ପକାଯାଇଥିବା ତାଲାକୁ ଶୁକ୍ରବାର ପ୍ରଶାସନ ଭାଙ୍ଗି ଦେଇଛି । ଗତ ଅଗଷ୍ଟ ୨୫ ତାରିଖରେ ସମିତିର ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆଉ ସମିତିକୁ ଆସିନଥିଲେ । ସମିତିର ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ଝୁଲାଇ ଦିଆଯାଇଥିଲା । ଏଥିପୂର୍ବରୁ ଭାରପ୍ରାପ୍ତ ସମ୍ପାଦକ ଶ୍ରୀ ବେହେରାଙ୍କୁ ଗତ ଅଗଷ୍ଟ ୨୨ ତାରିଖରେ ନିଲମ୍ବିତ କରାଯାଇ ସମିତିର ଅର୍ଥ ପରିଚାଳକ ବିରଞ୍ଚି ନାରାୟଣ ରାଉତଙ୍କୁ ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା । ଶ୍ରୀ ବେହେରା ଦାୟିତ୍ୱ ହସ୍ତାନ୍ତର କରିନଥିଲେ କି ତାଲା ଖୋଲିନଥିଲେ । ଜିଲ୍ଲା ସମବାୟ ନିବନ୍ଧକ ଶ୍ରୀ ବେହେରାଙ୍କୁ ସୁରକ୍ଷା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ । ମାମଲା ନ୍ୟାୟାଳୟକୁ ଯାଇଥିଲା । ଶେଷରେ ପ୍ରଶାସନ ତାଲା ଭାଙ୍ଗି ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା । ଏଥିପାଇଁ ଜିଲ୍ଲା ସମବାୟ ନିବନ୍ଧକଙ୍କ ଅନୁରୋଧ ଫଳରେ ଉପଜିଲ୍ଲାପାଳ ଗତ ସେପ୍ଟେମ୍ବର ୨୬ ତାରିଖ ଆଦେଶ ସଂଖ୍ୟା ୧୭୩୭ ଅନୁଯାୟୀ ସ୍ଥାନୀୟ ତହସିଲଦାରଙ୍କୁ ତାଲା ଭାଙ୍ଗି ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶୁକ୍ରବାର ମଧ୍ୟାହ୍ନ୧୨ଟା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଜିଲ୍ଲା ସମବାୟ ନିବନ୍ଧକ ପ୍ରତିନିଧି ସତ୍ୟପ୍ରକାଶ ସେଠୀ, ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ସ୍ଥାନୀୟ ଶାଖା ସହ ପରିଚାଳକ ପ୍ୟାରିମୋହନ ନାୟକ ଓ ସ୍ଥାନୀୟ ପୁଲିସ ସମିତି କାର୍ଯ୍ୟାଳୟରେ ପହଞ୍ଚି ତାଲା ଭାଙ୍ଗି ଦେଇଥିଲେ । ସେହି ସମୟରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ପ୍ରଶାସନ ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲା ।

# ବଜ୍ରାଘାତରେ ପୋଡ଼ିଗଲା ରେଡିଓ ଅଭିନନ୍ଦନ ଟ୍ରାନ୍ସମିଟର

କଣାସ,(ସବ୍ୟୁ):ଗତ ମଙ୍ଗଳବାରଓ୍ୱା ସନ୍ଧ୍ୟାରେରେ ପ୍ରବଳ ବର୍ଷା , ଘଡ ଘଡି ଓ ବଜ୍ରାଘାତ ହେବାରୁ କଣାସ ଆଞ୍ଚଳିକ କୁଞ୍ଜେଶ୍ୱରୀ ସାଂସ୍କୃତିକ ସଂସଦ ଦାରା ପରିଚାଳିତ ରେଡିଓ ଅଭିନନ୍ଦନ ୯୦.୮ ଏଫ.ଏମ ର ଟ୍ରାନ୍ସଫର୍ମର ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯିବାରୁ ଅକାମୀ ହୋଇଯାଇଛି । ତତ୍ସହିତ ଗୋଟିଏ ଏସି, ଦୁଇଟି କମ୍ପ୍ୟୁଟର ଏବଂ ଗୋଟିଏ ଫ୍ୟାନ ପୋଡ଼ିଯାଇଛି । ଫଳରେ ପ୍ରସାରଣ କାର୍ଯ୍ୟକ୍ରମ ଠପ ହୋଇଯାଇଛି । ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣକରାଯାଇଛି । ଏହି ରେଡିଓ ଷ୍ଟେସନ ଦାୟିତ୍ୱରେ ଥିବା ପରିଚାଳକଙ୍କୁ ପଚାରିବାର ସେ କହିଛନ୍ତି ଯଥାଶୀଘ୍ର ପୁନଃପ୍ରସାରଣ କରାଯିବ । ପୁନଃଶ୍ଚ ଏହି ବଜ୍ରାଘାତରେ ସାନଫୁଟ ପଞ୍ଚାୟତରେ ୮ ଟି ଗୋରୁ ମୃତାହତ ହୋଇଥିବା ଜଣାପଡିଛି ।

# ଧାରଣାରେ ବସିଲେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ

ଆଠଗଡ଼ (ସବ୍ୟୁ): ଦୁଇ ଦୁଇ ଥର ପ୍ରତିଶ୍ରୁତି ଦେଇ ରଖିଲାନି ପ୍ରଶାସନ ।ଆଠଗଡ ବ୍ଲକ ଅନ୍ତର୍ଗତ ମେଘା ସ୍ଥିତ ବିଶେଶ୍ୱର ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତିକୁ ନେଇ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧାରଣାରେ ବସିଲେ । ଶୁକ୍ରବାର ପୂର୍ବାହ୍ନ୧୦ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିଥିଲା । ଧାରଣା ସମୟରେ ବିଦ୍ୟାଳୟର ଜଣେ ଛାତ୍ରୀ ଅଚେତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ଅପରାହ୍ନ ୩ ଟାରେ କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଆସନ୍ତା ୨୨ ତାରିଖରେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଅଧିକାରୀ ଦେବା ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା । ଆସନ୍ତା ୨୨ ତାରିଖରେ ଯଦି ପ୍ରତିଶ୍ରୁତି ପାଳନ ନ କରାଯାଏ ତେବେ ୨୩ ତାରିଖ ଠାରୁ ପୁନର୍ବାର ଧାରଣା ଜାରି ରହିବ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧରଣୀଧର ମଲ୍ଲିକ ସୂଚନା ଦେଇଛନ୍ତି । ପ୍ରକାଶ ଯୋଗ୍ୟ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିଲା ବେଳେ ୨ ଜଣ ଶିକ୍ଷକଙ୍କୁ ବଦଳି କରାଯାଇଥିଲା । ଯାହାକୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନେ ବିରୋଧ କରିଥିଲେ । ଏ ବିଷୟରେ ଗ୍ରାମବାସୀ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କୌଣସି ସୁଫଳ ନ ମିଳିବାରେ ଗତ ୧୩ ତାରିଖରେ ଉପଜିଲ୍ଲାପାଳଙ୍କୁ ଶିକ୍ଷକ ସମସ୍ୟା ସମାଧାନ ନ କରାଗଲେ ୧୭ ତାରିଖ ଠାରୁ ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଧାରଣାରେ ବସିବେ ବୋଲି ଲିଖିତ ଭାବରେ ଅବଗତ କରାଇଥିଲେ ।

# ଧୂଳି ଧୂଆଁରେ ଲୋକେ ଅଣନିଃଶ୍ୱାସୀ

ଆଗରପଡ଼ା,(ସବ୍ୟୁ):ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ବର୍ତ୍ତମାନ ଅନବରତ ଧୂଳି ଉଡୁଛି ଯଦ୍ୱାରା ଲୋକେ ଅଣନିଶ୍ୱାସୀ ହୋଇ ପଡ଼ିଲେଣି । ଠିକାଦାର ମରାମତି ଆଳରେ ପିଚୁ ରାସ୍ତାକୁ ଖୋଳି ପକାଇଛନ୍ତି । ତାପରେ ବର୍ତ୍ତମାନ ନିର୍ମାଣ କାର୍ଯ୍ୟବନ୍ଦ ଥିବାର ପରିଲକ୍ଷିତ ହେଉଛି । ପୂର୍ବରୁ ଏହି ବ୍ୟସ୍ତବହୁଳ ରାସ୍ତାଟି ଦୀର୍ଘ ଦିନ ଧରି ଖାଲଖମାରେ ଭର୍ତ୍ତି ହୋଇ ରହିଥିଲା । ଟେଣ୍ଡର ହେବାପରେ ଲଘୁଚାପ ବର୍ଷା ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ରାସ୍ତାରୁ ପୁରୁଣା ପିଚୁକୁ ଉଠା ଯାଇଥିଲା । ଏହା ଦେଖି ଲୋକେ ଆନନ୍ଦ ପ୍ରକାଶ କରିଥିଲେ । ବର୍ତ୍ତମାନ ଏହି କାର୍ଯ୍ୟବନ୍ଦ ହେବାପରେ ଲୋକେ କେବଳ ଧୂଳିମାଡ଼ ଖାଉଛନ୍ତି । ପିଚୁ ଉଠାଯିବା ପରେ ରାସ୍ତାରେ ଗର୍ତ୍ତମାନ ସୃଷ୍ଟି ହୋଇ ବିପଦକୁ ଆମନ୍ତ୍ରଣ କରିବା ସଦୃଶ୍ୟ ହୋଇଛି । ପୁଣି କେବେ କାର୍ଯ୍ୟ ଆରମ୍ଭ ହେବ,ସେଥିନେଇ ଲୋକେ ସନ୍ଦିହାନ ହୋଇ ପଡ଼ିଛନ୍ତି । ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ବ୍ୟସ୍ତବହୁଳ ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାନବାହନ ଚଳାଚଳ କରିଥାଏ । ମାତ୍ର ସେପରିସ୍ଥଳେ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି ।


## AFFIDAVIT

BY virtue of this affidavit sworn before the Executive Magistrate, Niali, No- 2136, Dated: 14.10.2025, I, Abdul Ashraf Khan, S/o-Yahud Khan, At/P.O.: Nuagaon, P.S.: Niali, Dist.: Cuttack, Odisha, PIN-754004 do hereby declare that the my correct name is Abdul Ashraf Khan in 10th certificate but in my Aadhaar card where my name has been wrongly mentioned as Asaraf Khan. Henceforth, I shall be known as" Abdul Ashraf Khan for all purpose.

## ପୂର୍ବ ତଟ ରେଳପଥ

ନିଲାମ କ୍ୟାଟାଲଗ୍ ନଂ.SDCM-KUR-EE-2W
ଲଟ୍ ନଂ./ବର୍ଗ : PARKING-KUR-KUR-TW-219-25-1 (Parking - Two Wheeler)
ବିବରଣୀ : (ଖୋର୍ଦ୍ଧା ରୋଡ୍ ମଣ୍ଡଳ)ରେ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନର ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱ କ୍ଷେତ୍ରରେ ଦୁଇ ଚକିଆ ଗାଡ଼ି ନିମନ୍ତେ ପାର୍କିଙ୍ଗ ଲଟ୍।
ଲଟ୍ ଆରମ୍ଭ ତାରିଖ ଓ ସମୟ : 30.10.2025, 1500 ଘଟିକା, ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 30.10.2025, 1530 ଘଟିକା।
ସର୍ବନିମ୍ନ ବୃଦ୍ଧି : 0.2%, ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗରେ ନୂଆ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-688/Q/25-26

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-KUR-SKND-300-2
କାର୍ଯ୍ୟର ନାମ : ସିନିୟର ସେକ୍ସନ ଇଞ୍ଜିନିୟର (C&W), TSLJ ଅଧିନରେ 2 ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଗୁରୁଦିଜା ରୋଡ୍-କମଲଙ୍ଗା ଏବଂ ନୟାଗଡ଼ ଠାରେ ଏବଂ ରାସ୍ତାରେ ଅଟକିଥିବା ଟ୍ରେନଗୁଡ଼ିକର ବ୍ରେକ୍ ସମସ୍ୟା ନିବାରଣ ନିମନ୍ତେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଟାଙ୍କ୍ (ମୋବାଇଲ ସ୍କ୍ୱାର୍ଡ ଷ୍ଟେସନ) ଉପଲବ୍ଧ କରାଇବା।
ବିଜ୍ଞାପିତ ମୂଲ୍ୟ : ₹1,40,78,027.04, EMD : ₹2,20,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹5,900/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.10.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.10.2025 ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍
PR-695/Q/25-26

## AFFIDAVIT

By an affidavit No - 69AA823397 sworn before the Notary magistrate, Talcher on dtd 09/06/ 2025. I Manjubhashini Muduli, W/O -Bijaya Kumar Behera of village - Jambubahali, PO- Danara, PS - Gopalprasad Dist- Angul, PIN- 759103 declare that I have changed my Name from "MANJUBASINI MUDULI" to "MANJUBHASHINI MUDULI". That all in my education certificate as well as in all my official documents issued by government my name is recorded as " MANJUBHASHINI MUDULI". Henceforth, I shall be known as " MANJUBHASHINI MUDULI" for all purposes. In my Aadhar card No i.e. 4254 2255 3567 also my name mentioned as MANJUBHASHINI MUDULI.

## AFFIDAVIT

By an affidavit No - 69AA823398 sworn before the Notary magistrate, Talcher on dtd 09/06/2025. I Chiranjibee Behera, S/O -Bijaya Kumar Behera of Village/PO- Kandhal, PS -Talcher, Dist- Angul, PIN- 759100 declare that I have changed my Name from "Chiranjib Behera to " Chiranjibee Behera". That all in my education certificate as well as in all my official documents issued by government my name is recorded as " Chiranjibee Behera". Henceforth, I shall be known as " Chiranjibee Behera" for all purposes. In my Aadhar card No i.e. 6000 2399 5867 also my name mentioned as Chiranjibee Behera.

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar Dated. 16.10.2025 I, Jitendra Kumar Sahoo, Son of Abhina Sahoo, permanent resident of At-Sijua, Po : Patrapada, Hal-Ransinghpur, P.S-Khandagiri, Bhubaneswar-751019, Dist-Khordha declare that I have changed my minor daughter's name 'Sema Sahoo' to 'Simali Sahoo'. Henceforth she shall be known as Simali Sahoo for all purposes.

Sd/- Jitendra Kumar Sahoo

ଟେଲିଫୋନ ନଂ. ୦୧୧-୪୬୦୬୦୫୦୧
ୱେବସାଇଟ : www.slbsrsv.ac.in

## ଶ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ

(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ)
ବି-୪, କୁତବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ନୂଆଦିଲ୍ଲୀ-୧୧୦୦୧୬

### ବିଜ୍ଞାପନ ନଂ. ୦୩/୨୦୨୫

ଅନଲାଇନ୍ ମୋଡ୍ ଜରିଆରେ ଜଣେ ସହଯୋଗୀ ପ୍ରଫେସର (ସର୍ବ ଦର୍ଶନ), ଜଣେ ସହକାରୀ ପ୍ରଫେସର (ଶିକ୍ଷା), ଜଣେ ସହକାରୀ ପ୍ରଫେସର (ଧର୍ମଶାସ୍ତ୍ର) ଏବଂ ଲାଇବ୍ରେରିଆନ୍ ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି । ଯୋଗ୍ୟତା ମାନଦଣ୍ଡ, ଆବେଦନ ଫି, ଆବେଦନର ଶେଷ ତାରିଖ ସହିତ ନିଯୁକ୍ତିର ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ବିଶ୍ୱବିଦ୍ୟାଳୟ ୱେବସାଇଟ www.slbsrsv.ac.in ଏବଂ ୟୁଜିସିର ଚୟନ ପୋର୍ଟାଲ (https://curec.samarth.ac.in/index.php/search/site/index । ଅନଲାଇନ୍ ଆବେଦନର ଶେଷ ତାରିଖ ୧୭.୧୧.୨୦୨୫ ।

ସ୍ୱା/- ରେଜିଷ୍ଟ୍ରାର (ଇନ୍‌ଚାର୍ଜ)
cbc 21371/12/0010/2526

## ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନଂ. : ଇ-ଟେଣ୍ଡର/୨୦୨୫/୩୬ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ସକାଶେ ପ୍ରତିଟି ଆଇଟମ ବିପକ୍ଷରେ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ଏହା ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ନଂ., ଟେଣ୍ଡର ନଂ ଏବଂ କାର୍ଯ୍ୟର ବିବରଣୀ ନିମ୍ନରେ ପ୍ରଦତ୍ତ : (୧) ଇ-କେଜିପି-ସାଉଥ୍-୫୫-୨୦୨୫, ଏଡିଇଏନ୍ (ସାଉଥ୍) କେଜିପି (୨ୟ କଲ) ଅନ୍ତର୍ଗତ ମିଶନ ୩୦୦୦ ଏମ୍‌ଟି ଅଧୀନରେ ୨୫ ଏକ୍ସଲ ଲୋଡେଡ ଟ୍ରେନ ରନିଂ ସକାଶେ ବ୍ରିଜ ନଂ. ୧୮୭ ଡିଏନ୍, ୨୦୭ ଡିଏନ୍ ଏବଂ ୨୦୮ ଡିଏନ୍‌ର ସୁଦୃଢ଼ିକରଣ/ପୁନଃସଂସ୍ଥାପନ/ ପୁନଃନିର୍ମାଣ/ରିଗାର୍ଡରିଂ । ଟେଣ୍ଡର ମୂଲ୍ୟ : ଟ. ୨୪,୫୫,୨୬,୧୬୯.୩୪ । ଅମାନତ ଅର୍ଥ : ଟ. ୧୩,୭୨,୬୦୦/- । (୨) ଇ-କେଜିପି-ସାଉଥ୍-୫୬-୨୦୨୫, ଏଡିଇଏନ୍/ବିଏଲ୍‌ଏସ(୨ୟ କଲ) ଅଧୀନରେ ମିଶନ ୩୦୦୦ ଏମ୍‌ଟି ଅନ୍ତର୍ଗତ ୨୫ ଏକ୍ସଲ ଲୋଡେଡ ଟ୍ରେନ ଗୁଡିକ ଚଳାଚଳ ପାଇଁ ବ୍ରିଜ ନଂ ୨୬୦ ଅପ୍, ୨୬୧ ଅପ୍, ୨୭୮ ଡାଉନ, ୨୯୨ ଡାଉନ, ୩୧୫ ଡାଉନ, ୩୩୨ ଡାଉନ, ୩୩୬ ଡାଉନ ଏବଂ ୩୩୮ ଡାଉନ୍‌ର ସୁଦୃଢ଼ୀକରଣ/ ପୁନଃସଂସ୍ଥାପନ/ପୁନଃନିର୍ମାଣ/ରିଗାର୍ଡରିଂ । ଟେଣ୍ଡର ମୂଲ୍ୟ : ଟ. ୪୧,୪୪,୬୮,୬୨୨.୩୩ । ଅମାନତ ଅର୍ଥ : ଟ. ୨୨,୨୨,୪୦୦/- । (୩) ଇ-କେଜିପି-ସାଉଥ୍/୫୭/୨୦୨୫, ଏଡିଇଏନ୍/ବିଏଲ୍‌ଏସ (୨ୟ କଲ) ଅଧୀନରେ ମିଶନ ୩୦୦୦ ଏମ୍‌ଟି ଅନ୍ତର୍ଗତ ୨୫ ଏକ୍ସଲ ଲୋଡେଡ ଟ୍ରେନଗୁଡିକର ଚଳାଚଳ ପାଇଁ ବ୍ରିଜ ନଂ ୨୫୯ ଅପ୍‌ର ସୁଦୃଢ଼ୀକରଣ/ ପୁନଃସଂସ୍ଥାପନ/ପୁନଃନିର୍ମାଣ/ରିଗାର୍ଡରିଂ । ଟେଣ୍ଡର ମୂଲ୍ୟ : ଟ. ୫୩,୪୫,୭୧,୬୬୫.୬୯ । ଅମାନତ ଅର୍ଥ : ଟ. ୨୮,୨୨,୯୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ପ୍ରତ୍ୟେକଟି ପାଇଁ ଟ. ୦ । ଖୋଲା ତାରିଖ : ପ୍ରତ୍ୟେକଟି ପାଇଁ ୦୬.୧୧.୨୦୨୫ । କାର୍ଯ୍ୟର ସମାପ୍ତି ସମୟ : ପ୍ରତ୍ୟେକଟି ପାଇଁ ୨୪ ମାସ । ବିଡିଂ ଆରମ୍ଭ ତାରିଖ : କ୍ର.ନଂ ୧ ରୁ ୩ ପାଇଁ ୦୯.୧୦.୨୦୨୫ ଠାରୁ ୦୬.୧୧.୨୦୨୫ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ତଥ୍ୟ/ସେଲିଫିକେସନ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ କରିବେ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର. : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-737)

Ministry of Culture
Government of India

## ସାଂସ୍କୃତିକ ସମ୍ପଦ ଏବଂ ପ୍ରଶିକ୍ଷଣ କେନ୍ଦ୍ର(ସିସିଆରଟି)

ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର
ପ୍ଲଟ୍ ନଂ ୧୫-ଏ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୫

### ୨୦୨୫-୨୬ ବର୍ଷ ପାଇଁ ସଂସ୍କୃତି କ୍ଷେତ୍ରରେ ଅସାଧାରଣ ବ୍ୟକ୍ତିମାନଙ୍କୁ ବରିଷ୍ଠ / କନିଷ୍ଠ ଫେଲୋସିପ୍ ପୁରସ୍କାର

ପ୍ରଦର୍ଶନ, ସାହିତ୍ୟ, ପ୍ଲାଷ୍ଟିକ୍ କଳା ଏବଂ ସଂସ୍କୃତି ସହିତ ଜଡିତ ନୂତନ ବିଭାଗ କ୍ଷେତ୍ରରେ ଗବେଷଣା ଭିତ୍ତିକ ପ୍ରକଳ୍ପ ଗ୍ରହଣ କରିବା ପାଇଁ କନିଷ୍ଠ ଏବଂ ବରିଷ୍ଠ ଫେଲୋଶିପ୍ ପ୍ରଦାନ ପାଇଁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ,ସିସିଆରଟି ଦ୍ୱାରା ଅଫଲାଇନ୍ ଆବେଦନପତ୍ର ଆହ୍ୱାନ କରାଯାଉଛି ।

୨୦୨୫-୨୬ ବର୍ଷ ପାଇଁ ଆବେଦନପତ୍ର ଆହ୍ୱାନ କରାଯାଉଛି ଯାହା ୧୮ ଅକ୍ଟୋବର, ୨୦୨୫ ଠାରୁ କାର୍ଯ୍ୟକାରୀ ହେବ । ଏହି ବର୍ଷ ପାଇଁ ପ୍ରଦାନ କରାଯିବାକୁ ଥିବା କନିଷ୍ଠ ଏବଂ ବରିଷ୍ଠ ଫେଲୋଶିପ୍ ସଂଖ୍ୟା ୨୦୦ ପ୍ରତ୍ୟେକ । ଯୋଜନାର ବିବରଣୀ, ଆବେଦନକାରୀଙ୍କ ପାଇଁ ନିର୍ଦ୍ଦେଶାବଳୀ, ଯୋଗ୍ୟତା ସର୍ତ୍ତାବଳୀ / ମାନଦଣ୍ଡ ଏବଂ ଆବେଦନ ଫର୍ମ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସିସିଆରଟିର ନିମ୍ନୋକ୍ତ ୱେବସାଇଟରେ ଉପଲବ୍ଧ ।

www.indiaculture.gov.in
www.ccrtindia.gov.in

କେବଳ ଅଫଲାଇନ୍ ଆବେଦନ ଗ୍ରହଣ କରାଯିବ

ନୂଆଦିଲ୍ଲୀର ସିସିଆରଟିର ଉପରୋକ୍ତ ଠିକଣାରେ ସମ୍ପୂର୍ଣ୍ଣ ପୂରଣ ହୋଇଥିବା ଆବେଦନ ଫର୍ମ ଡାକ କିମ୍ବା ବ୍ୟକ୍ତିଗତଭାବେ ଇତ୍ୟାଦି ଦାଖଲ କରିବାର ଶେଷ ତାରିଖ ହେଉଛି ୦୧ ଡିସେମ୍ବର, ୨୦୨୫ ।

cbc09127/12/0003/2526

## OFFICE OF THE MUNICIPAL COUNCIL, JHARSUGUDA, ODISHA, PIN: 768201

Tel. No. 06645-272236, E-mail: jsgmunicipality@yahoo.com

### REQUEST FOR PROPOSAL NOTICE

No. 3954/JM Date-16.10.2025

Sealed bid in conformity with the detailed RFP (in two bid system) are invited from experience, financially sound Company/Trust/ Society/NGO/Govt. Owned Entity / Individual / Proprietary Firm registered under relevant statute for the work details mentioned below.

| Sl. No. | Name of the work | Contract Period | Cost of bid document (In Rs.) | EMD (In Rs. |
|---|---|---|---|---|
| 1 | Door to door collection and transportation of Municipal Solid Waste from primary source in Jharsuguda Municipality area through outsourcing | 02 Years | 12000/- | 500000/- |

The details of the bid and bid document can be downloaded from Jharsuguda Municipality website https://jharsugudamunicipality.in from Dt. 17.10.2025, 10 AM to Dt. 31.10.2025, 5 PM. The filled up bid document will be reached to the office of the undersigned upto 5.00 PM of Dt. 01.11.2025.

The bid must accompany with the cost of bid document and EMD of required value as specified above in shape of Bank draft in favour of Executive Officer, Jharsuguda Municipality failing which the bid shall be out rightly rejected.

The Technical bid and Financial bid will be opened on Dt. 03.11.2025 at 11 AM in presence of the bidder or their authorised representatives only. The opening of Price Bid will be intimated to the bidders qualifying.

The authority reserves the right to reject or all the bids without assigning any rseasons thereof.

Sd/- Executive Officer
Jharsuguda Municipality

# କିଟ୍‌ରେ ତୃତୀୟ ଗ୍ଲୋବାଲ୍ ୟୁନିଭରସିଟି ଫେୟାର



ଭୁବନେଶ୍ୱର, (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟଡି ଆବ୍ରୋଡ-ଗ୍ଲୋବାଲ୍ ୟୁନିଭରସିଟି ଫେୟାରର ତୃତୀୟ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଶ୍ୱର ୫୦ଟି ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ତିନି ଦିନିଆ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଅଗ୍ରଣୀ ବିଶ୍ୱ ପ୍ରତିଷ୍ଠାନରେ ଛାତ୍ରବୃତ୍ତି, ଇଣ୍ଟର୍ନସିପ୍ ଏବଂ ଉଚ୍ଚଶିକ୍ଷା ସମ୍ଭାବନା ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି ଅବସରରେ ଶ୍ରୀ ସାମନ୍ତ କହିଲେ, ଏହା ବିଶ୍ୱାୟନର ଯୁଗ। ଯେତେବେଳେ ବିକାଶ ଆରମ୍ଭ ହୁଏ ସେତେବେଳେ ଜ୍ଞାନ ବିନିମୟ ଓ ଶୈକ୍ଷିକ ସହଭାଗିତାକୁ ପ୍ରୋତ୍ସାହିତ କରେ। ଏହି ଅବସରରେ ଶ୍ରୀ ସାମନ୍ତ କିଟର ବିଶ୍ୱସ୍ତରୀୟ ଭିତ୍ତିଭୂମି, ଶୈକ୍ଷିକ ପରିବେଶ ଏବଂ ଚଳିତବର୍ଷ ଟାଇମ୍‌ସ ହାୟର ଏଜୁକେସନ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂରେ କିଟ୍ ୫୦୧ କୋହର୍ଟରେ ସ୍ଥାନ ପାଇ ହାସଲ କରିଥିବା ସଫଳତା ଉପରେ ଆଲୋକପାତ କରିଥିଲେ। କିଟ ଖୁବ୍ କମ୍ ସମୟ ମଧ୍ୟରେ ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ କିଟ୍ ରେ ଦେଶର ସର୍ବୋତ୍ତମ କ୍ରୀଡ଼ା ସୁବିଧା ବିକଶିତ ହୋଇପାରିଛି। ଆମର ଛାତ୍ରମାନେ ପ୍ରତିଭାଶାଳୀ ଏବଂ ବର୍ତ୍ତମାନ ସାରା ବିଶ୍ୱରେ ୧୫ ହଜାରରୁ ଅଧିକ କିଟର ପୁରାତନ ଛାତ୍ରଛାତ୍ରୀ ରହିଛନ୍ତି ବୋଲି ସେ ସୂଚନା ଦେଇଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କିଟ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା ବିଶ୍ୱସ୍ତରୀୟ ଆକାଂକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କିଟ୍ ରେ ବ୍ୟାପକ ସମ୍ଭାବନା ରହିଥିବା ବେଳେ କିଟ୍ ପ୍ରାୟ ୨୫-୩୦% ସ୍ନାତକ ବିଦେଶରେ ଉଚ୍ଚଶିକ୍ଷା ଲାଭ କରୁଛନ୍ତି । ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅନ୍ତର୍ଜାତୀୟ ସୁଯୋଗ ଅନୁସନ୍ଧାନ କରିବା ପାଇଁ ଏଭଳି ଗ୍ଲୋବାଲ୍ ୟୁନିଭରସିଟି ଫେୟାରରେ ଯୋଗଦେବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ରାଜୁ କେ.ଡି. କହିଲେ, ବିଶ୍ୱବିଦ୍ୟାଳୟର କୌଣସି ସୀମା ରହିବା ଉଚିତ୍ ନୁହେଁ। କିଟ୍ ଇତି ମଧ୍ୟରେ ୧୩୦ରୁ ଅଧିକ ବିଦେଶୀ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ କରିବା ସହ ସମଗ୍ର ବିଶ୍ୱରେ କିଟ୍ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଶେଷରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାହକ ଓ ନିବେଶକଙ୍କୁ କୋଟକ ସିକ୍ୟୁରିଟିଜ୍‌ର ଦୀପାବଳିର ଶୁଭକାମନା

ଭୁବନେଶ୍ୱର (ସବ୍ୟୁ): ଦୀପାବଳି ଉପଲକ୍ଷେ କୋଟକ ସିକ୍ୟୁରିଟିଜ୍‌ର ଗ୍ରାହକ ଏବଂ ନିବେଶକଙ୍କୁ ଶୁଭକାମନା ଜଣାଇଛନ୍ତି କୋଟକ ସିକ୍ୟୁରିଟିଜ୍ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ଅଣ- କାର୍ଯ୍ୟନିର୍ବାହୀ ଡାଇରେକ୍ଟର ଉଦୟ କୋଟକ। ଏଥିସହିତ ସମ୍ବତ ୨୦୮୧ରେ ଭାରତୀୟ ଇକ୍ୱିଟି ବଜାରକୁ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ବିଶ୍ଳେଷଣ ସହିତ ସମ୍ବତ ୨୦୮୨କୁ ନେଇ ସକାରାତ୍ମକ ଆକଳନ ରଖିଛନ୍ତି ଉଦୟକୋଟକ। ସେ କହିଛନ୍ତି, ସମ୍ବତ ୨୦୮୧ ଇକ୍ୱିଟି ନିବେଶକଙ୍କ ପାଇଁ ଏକ ଚାଲେଞ୍ଜପୂର୍ଣ୍ଣ ବର୍ଷ ହୋଇଛି। ଚଳିତ ବର୍ଷରେ ରିଟର୍ଣ୍ଣ ମନ୍ଥର ହୋଇଛି। ଯଦି ତିନି ବର୍ଷର ଅବଧିକୁ ଦେଖାଯିବ ତେବେ ନିବେଶକଙ୍କ ନିମନ୍ତେ ରିଟର୍ଣ୍ଣ ସନ୍ତୋଷଜନକ ହୋଇଛି। ସମ୍ବତ ୨୦୮୧ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ହୋଇଛି, କାରଣ ବିଶ୍ୱରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଆମେ ୨୦୮୨ ସମ୍ବତ ଆଡକୁ ଅଗ୍ରସର ହେଉଥିବାବେଳେ ଆମେ ଅଧିକ ସ୍ୱଚ୍ଛତା ଆଶା ରଖୁଛୁ।

# ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର,ପୁରୀ ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୧୧ଟି ବ୍ଲକରୁ ମୋଟ୍ ୧୮ ଗୋଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଡି.ଆଇ.ଇ.ଟି. ଅଧ୍ୟକ୍ଷ ସନ୍ତୋଷ ପରିଡ଼ା, ଉପାଧ୍ୟକ୍ଷା ଦେବସ୍ମିତା ମହାପାତ୍ର ଙ୍କ ଦ୍ୱାରା ପ୍ରତିଯୋଗିତା ଉଦଘାଟିତ ହୋଇଥିଲା। ଉଦଯାପନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସଚେତନତା ସୃଷ୍ଟି ଏବଂ ସମାଜକୁ ବୈଜ୍ଞାନିକ ଦୃଷ୍ଟିକୋଣାଭିମୁଖୀ କରିବାରେ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିବିତିକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପିଏମ୍ ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁର, ଦ୍ୱିତୀୟ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବ୍ରହ୍ମଗିରି, ତୃତୀୟ



ଏବଂ ଲୋକନୃତ୍ୟ ପ୍ରତିଯୋଗିତାରେ , ସୁଖଲତା ସ୍ମୃତି ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ,ପୁରୀଙ୍କ ପ୍ରଥମ, ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଣାସ ଦ୍ୱିତୀୟ, , ପୁରୀ ଜିଲ୍ଲା ସ୍କୁଲ,ପୁରୀ ତୃତୀୟ ସ୍ଥାନ ହାସଲ କରିଥିଲେ।

## ଇନୋଭେଷ୍ଟୋରା - ୨୦୨୫ ରେ ଶିଶୁ ବୈଜ୍ଞାନିକ ଙ୍କ ପ୍ରଦର୍ଶନ

ଖୋର୍ଦ୍ଧା, (ସବ୍ୟୁ) ବିଭିନ୍ନ ପ୍ରକାର ତଥ୍ୟ କୁ ବୈଜ୍ଞାନିକ ପ୍ରଣାଳୀ ରେ ପ୍ରକଳ୍ପ ପ୍ରସ୍ତୁତ କରିବା ସହ ତାହା ସମାଜ କଲ୍ୟାଣ ରେ ଉପଯୋଗ କରିବା ପାଇଁ କୁନି ବୈଜ୍ଞାନିକ ମାନେ ଚେଷ୍ଟା କରି ସଫଳ ହୋଇଛନ୍ତି। ସୀଗମା ପବ୍ଲିକ ସ୍କୁଲ ପକ୍ଷ ରୁ ଅନୁଷ୍ଠାନ ର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ନିର୍ଦ୍ଦେଶନା ରେ ଆୟୋଜିତ ଇନୋଭେଂଟୋରା - ୨୦୨୫ କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର କୁନି ବିଜ୍ଞାନୀ ମାନଙ୍କ ଦ୍ୱାରା ବିନା ମାଟିରେ ଚାଷ, ଭୂମିକମ୍ପ ସତର୍କତା, ଖାଦ୍ୟ ସନ୍ତୁଳତା, ସୌରଶକ୍ତି ର ବ୍ୟାପକ ଉପଯୋଗ, ଜଳଚକ୍ର ର ସଦୁପଯୋଗ, ଉପରେ ବହୁ ପ୍ରକଳ୍ପ ସ୍ଥାନିତ ଏବଂ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନ ର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦୁଇ ଦିନିଆ ବିଜ୍ଞାନ ପ୍ରଦର୍ଶନୀ ଇନୋଭେଂଟୋରା - ୨୦୨୫ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଡ଼ଃ ସୁବାସ ଚନ୍ଦ୍ର ହୋତା, ପ୍ରଫେସର ସୁବୋଧ କୁମାର ଜଗଦେବ, ବିଭୂଦତ ମିଶ୍ର ଏବଂ ଅମ୍ରିତା ପ୍ରିୟଦର୍ଶିନୀ ପଣ୍ଡା, ଯୋଗ ଦେଇ ଆଜିର ସମାଜ ରେ ପରିବେଶ ପ୍ରଦୂଷିତ ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ପ୍ରାଣୀମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ପରିବର୍ତ୍ତିତ ଜଳବାୟୁ ଏବଂ ପ୍ରକୃତି ରେ ମିଳୁଥିବା ଶକ୍ତି ର ଉପଯୋଗ କରିବା ପାଇଁ ବିଦ୍ୟାଳୟ ସ୍ତର ରେ ଏଭଳି ପ୍ରଦର୍ଶନ ର ଆବଶ୍ୟକତା ରହିଛି ବୋଲି ମତ ଉପସ୍ଥାପନ କରିଥିଲେ।ଶ୍ରେଷ୍ଠ କୁନି ବିଜ୍ଞାନୀ ଭାବେ ଶ୍ରୀୟଶ୍ରି ରଥ, ଆଦ୍ୟାଶ୍ରି ମହାପାତ୍ର, ଅଙ୍କିତା ସୁବୁଦ୍ଧି, ଯୋଏଲ ପ୍ରିୟଦର୍ଶିନୀ ଶ୍ରିତିକା ମହାନ୍ତି ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସର ରେ ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟ ରେ ବିଭିନ୍ନ ତଥ୍ୟ ଉପରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା।

# ଜେଏସ୍‌ଡବ୍ଲ୍ୟୁର ଜଗତସିଂହପୁର ପ୍ରକଳ୍ପକୁ ସ୍ଥାନୀୟ ବାସିନ୍ଦାଙ୍କ ସମର୍ଥନ

ଭୁବନେଶ୍ୱର, (ସବ୍ୟୁ): ଜଗତସିଂହପୁର ଜିଲ୍ଲାରେ ପ୍ରତିଷ୍ଠା ହେବାକୁଥିବା ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପ୍ରକଳ୍ପ ପ୍ରତି ସ୍ଥାନୀୟ ବାସିନ୍ଦାଙ୍କ ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ଏହି ପ୍ରକଳ୍ପକୁ କେତେକ ଛୋଟ ଛୋଟ ଗୋଷ୍ଠୀ ନିଜର ଅନ୍ତର୍ନିହିତ ସ୍ୱାର୍ଥ ଲାଗି ଯେଉଁ ବିରୋଧ କରିଥିଲେ ସେମାନଙ୍କୁ ଏବେ ଢ଼ିଙ୍କିଆ ସମେତ ପଡୋଶୀ ଅଞ୍ଚଳର ଲୋକମାନେ ଆଉ ସମର୍ଥନ କରୁନାହାନ୍ତି। ଆଜି ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଏକତ୍ରିତ ହୋଇ ପ୍ରକଳ୍ପକୁ ସମର୍ଥନ କରିଛନ୍ତି। ଏହି ସମାବେଶରେ ୫୦% ରୁ ଅଧିକ ମହିଳା ଉପସ୍ଥିତ ଥିଲେ। ସେମାନେ ଜେଏସଡବ୍ଲ୍ୟୁର ଦୀର୍ଘ ସ୍ଥାୟୀ ଜୀବନ ଜୀବିକା ପ୍ରକଳ୍ପ ଏବଂ ଶିଳ୍ପ ଦ୍ୱାରା ହେବାକୁଥିବା ବିକାଶକୁ ସମର୍ଥନ କରିଛନ୍ତି। ପାରମ୍ପାରିକ ପାନ ଚାଷର ଅର୍ଥନୀତି ଅପେକ୍ଷା ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଇଛନ୍ତି।

ଅତୀତକୁ ପ୍ରତିଫଳିତ କରି ସେମାନେ ଏବେ ନୂଆ ଧାରାକୁ ଆପଣାଇବାକୁ ଯାଉଛନ୍ତି। ବିଶେଷ କରି ଜୀବକମାନେ ଯେଉଁ ବେରୋଜଗାରକାରୀ, ପଳାୟନ ଓ ଜୀବନଜୀବିକାକୁ ଅସୁରକ୍ଷିତ ଭାବୁ ଥିଲେ ଶିଳ୍ପର ଅଭିବୃଦ୍ଧି ଦ୍ୱାରା ଏହି ସମସ୍ୟା ସମାଧାନ ହୋଇପାରିବ ବୋଲି ମତ ରଖିଛନ୍ତି। ଗୋବିନ୍ଦପୁର ଗ୍ରାମର ରଞ୍ଜନ



ବର୍ଦ୍ଧନ ପାଟଣା ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଜେଏସଡବ୍ଲ୍ୟୁ ଇସ୍ପାତ ପ୍ରକଳ୍ପ କେବଳ ଆମର ଆର୍ଥିକ ଅଭିବୃଦ୍ଧି କରିବ ନାହିଁ ବରଂ ଆମ ଅଞ୍ଚଳର ଦୀର୍ଘ ମିଆଦି ବିକାଶ କରିବା ସହ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ମାନବ ସମ୍ବଳକୁ ଶକ୍ତିଶାଳୀ କରିବ। ସେହିଭଳି ଢ଼ିଙ୍କିଆ ଗ୍ରାମର ଶିଶିର ମହାପାତ୍ର କହିଛନ୍ତି ଯେ ଜେଏସଡବ୍ଲ୍ୟୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିବହନ, ନିଯୁକ୍ତି, କ୍ରୀଡା, ମହିଳା ସଶକ୍ତିକରଣ, ଜଳ, ପରିବେଶ ସୁରକ୍ଷା, ବୈଶୟିକ ଗବେଷଣା ଓ କୃଷି କ୍ଷେତ୍ରରେ ଜୀବନ ଜୀବିକାକୁ ସୁଦୃଢ଼ କରିବ। ନିର୍ମାଣ ହେଉଥିବା ପ୍ରକଳ୍ପ ସରକାରଙ୍କ ସିଏସଆର୍ ନୀତି ଅନୁଯାୟୀ ସ୍ଥାନୀୟ ବିକାଶ ଲାଗି ତାର ଲାଭର ୨% ଖର୍ଚ୍ଚ କରିବ। ସେହିଭଳି ପାଟଣା ଗ୍ରାମର ପ୍ରଭାତ ରାଉତ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚାଷୀମାନଙ୍କୁ ସେମାନଙ୍କ ଧାନ ଚାଷ ଲାଗି ପ୍ରଶିକ୍ଷଣ ଦିଆଯିବା ସହ ସାର ଓ ବିହନ ଯୋଗାଇ ଦିଆଯିବ। ମହିଳାମାନଙ୍କୁ ଛତୁ ଚାଷ, କୁକୁଡା ଚାଷ, ମସଲା ପ୍ରକ୍ରିୟା କରଣ ଓ ଟେଲରିଂ ଶିକ୍ଷା ମଧ୍ୟ ପ୍ରଦାନ କରାଯିବ। ଜେଏସଡବ୍ଲ୍ୟୁ ପକ୍ଷରୁ ସମର୍ଥ ଯୁବ ବିକାଶ କେନ୍ଦ୍ର ପ୍ରକଳ୍ପ ମାଧ୍ୟମରେ ଯୁବକମାନଙ୍କୁ କୁଶଳ କରିବା ପାଇଁ ପ୍ରଶିକ୍ଷଣ ଦିଆଯିବ ଓ ଜେଏସଡବ୍ଲ୍ୟୁରେ ସେମାନଙ୍କୁ ନିଯୁକ୍ତି ଦିଆଯିବ। ସେହିଭଳି ଢ଼ିଙ୍କିଆର ଅକ୍ଷୟ ବେହେରା ରଥଯାତ୍ରା, କାଳୀପୂଜା, ଦୁର୍ଗା ପୂଜା, ରଜପର୍ବ, ମେଳା ଓ ରାମଲୀଳା ପାଇଁ ଜେଏସଡବ୍ଲ୍ୟୁର ସହଯୋଗର ପ୍ରଶଂସା କରିଥିଲେ। ସେହିଭଳି ମାନସ ଦଳାଇ, ବିକାଶ ପ୍ରଧାନ, ଚନ୍ଦ୍ରକାନ୍ତ ଭୋଇ, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ଲେଙ୍କା, ପ୍ରବୀର ସାହାଣୀ, ପ୍ରେମାନନ୍ଦ ପରିଡା, ସୁଶାନ୍ତ ନାୟକ ପ୍ରମୁଖ ପ୍ରକଳ୍ପର ସ୍ଥାପନ ସୁରୁଖୁରୁରେ ହେବା ପାଇଁ ମତ ରଖିଥିଲେ। ଯେଉଁମାନେ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଗୁଜବ ପ୍ରଚାର କରିଛନ୍ତି ତାହାକୁ ନିନ୍ଦା କରିଥିଲେ। ଢ଼ିଙ୍କିଆ ଓ ଏହାର ଆଖପାଖ ଅଞ୍ଚଳର ଗ୍ରାମବାସୀମାନେ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ।

## ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଆଠଗଡ ,(ସବ୍ୟୁ): ଶୁକ୍ରବାର ଆଠଗଡ଼ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନନ୍ତ ଦଳାଇ ସ୍ମୃତି ବିଦ୍ୟାପିଠ କୁଳାଇଲୋ ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ନିହାରୀକା ବିଶ୍ୱାଳ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା, ସମ୍ମାନିତ ଅତିଥି ଭାବରେ ବି ଆର୍ ସି ସି ରଞ୍ଜିତ ମହାନ୍ତି,ସମିତି ସଭ୍ୟା ଅନୁସୟା ସଓ୍ୱାଇଁ , ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର, ଭାରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ମୂରଲୀଧର ସାହୁ ଯୋଗ ଦେଇ ସୁରଭି ମାଧ୍ୟମରେ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବକ୍ତୃତା, ସୃଜନଶୀଳ ଲିଖନ, ପ୍ରବନ୍ଧ, ସଙ୍ଗୀତ,ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଉତ୍ସବରେ ଅତିଥି ମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶଶଧର ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସୁଧୀର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଘୋଷଣା କରିଥିଲେ । ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ରାକେଶ ପଣ୍ଡାଙ୍କୁ 'କାଞ୍ଚନ କର୍ପୋରେଟ ଆୱାର୍ଡ଼-୨୦୨୫



ଭୁବନେଶ୍ୱର (ସବ୍ୟୁ): ଉଭୟ ଜନ ସମ୍ପର୍କ ଏବଂ ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଓ ଶ୍ରେଷ୍ଠ ଅବଦାନ ନିମନ୍ତେ ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ଷଷ୍ଠତମ କାଞ୍ଚନ କର୍ପୋରେଟ ଆୱାର୍ଡ଼-୨୦୨୫' ରେ ସମ୍ମାନିତ କରାଯାଇଛି । ଗୁରୁବାର ଏକ ସ୍ଥାନୀୟ ହୋଟେଲରେ କାଞ୍ଚନ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ହୋଇଥିବା 'କାଞ୍ଚନ ୟୁଥ କନକ୍ଲେଭ ସାଂସ୍କୃତିକ କାର୍ଯ୍ୟକ୍ରମ'ରେ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ), ନାଲକୋ, ଆଶୁତୋଷ ରଥ, କାଞ୍ଚନ ଫାଉଣ୍ଡେସନର ପ୍ରତିଷ୍ଠାତା, ତାପସ ରଞ୍ଜନ ମଲ୍ଲିକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

# ମାଲାବାର ଗୋଲ୍ଡର ସ୍ୱତନ୍ତ୍ର ଦୀପାବଳି ଅଫର୍

ଭୁବନେଶ୍ୱର(ସବ୍ୟୁ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଦୀପାବଳି ୨୦୨୫ ପାଇଁ ବହୁ ପ୍ରତୀକ୍ଷିତ ଉତ୍ସବ ଅଫର୍ ଘୋଷଣା କରୁଛି । ଗ୍ରାହକମାନଙ୍କୁ ସମସ୍ତ ସୁନା, ଅକଟା ଏବଂ ରତ୍ନପଥର ଅଳଙ୍କାର ପାଇଁ ତିଆରି ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି । ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୈଧ ରହିବ । , ମାଲାବାର ଅଳଙ୍କାରର ଆଗୁଆ ବୁକିଂ ସହିତ ଏକ ମାଗଣା ରୂପା ମୁଦ୍ରା ପ୍ରଦାନ କରୁଛି । ଅନ୍ତିମ ମୂଲ୍ୟ ବୁକ୍ ହୋଇଥିବା ଦର କିମ୍ବା ପ୍ରଚଳିତ ବଜାର ଦର ଯାହା କମ୍ ହେବ ତାହା ହେବ ଯାହା ଗ୍ରାହକମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଡିଲ୍ ପ୍ରଦାନ କରିବ । ମାଲାବାର ଗ୍ରୁପ୍ ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ""ଗ୍ରାହକଙ୍କ ପାଇଁ ୧୦୦% ପ୍ରକୃତ ଅଫର, ୧୦୦% ଖୁସି ସହିତ ଆମର ସ୍ୱତନ୍ତ୍ର ଦୀପାବଳି ୨୦୨୫ ପାଳନକୁ ଉନ୍ମୋଚନ କରିଛୁ ।ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଗର୍ବର ସହିତ ଏକ ଭାରତ ଏକ ସୁନା ମୂଲ୍ୟ ନିର୍ଦ୍ଧାରଣ ପାଇଁ ପ୍ରତିବଦ୍ଧତା ଜାରି ରଖିଛି ।

# ସର୍ବୋତ୍ତମ ବିଜ୍ଞାପନ ଏଜେନ୍ସି ଭାବେ ଅନିତା ଆଡଭର୍ଟାଇଜର୍ସ ପୁରସ୍କୃତ



ଭୁବନେଶ୍ୱର (ସବ୍ୟୁ): ସମାଜର ୧୦୬ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭୁବନେଶ୍ୱରର ଅନିତା ଆଡଭର୍ଟାଇଜର୍ସ ସର୍ବୋତମ ବିଜ୍ଞାପନ ଏଜେନ୍ସି ଭାବେ ଏହାର ମୁଖ୍ୟ ଚିନ୍ମୟ ଚୌଧୁରୀଙ୍କୁ ସମ୍ମାନୀତ କରାଯାଇଛି। ଅନିତା ଆଡଭର୍ଟାଇଜର୍ସ ୨୦୦୪ ମସିହାରୁ ଏହା ଆରମ୍ଭ ହୋଇଥିଲା ଯାହା ଆଜିର ଦିନରେ ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଛି। ଗ୍ରାହକଙ୍କ ପସନ୍ଦ, ଗ୍ରାହକଙ୍କ ସହିତ ମିଳାମିଶା, ଭଲ ବ୍ୟବହାର ଦେବା ଏବଂ ସେମାନଙ୍କ ପ୍ରତିଶୃତି ରକ୍ଷାକରିବାରେ ସଦା ସର୍ବଦା ପ୍ରତିବଦ୍ଧିତ ଅନିତା ଆଡଭର୍ଟାଇଜର୍ସ ସମସ୍ତ କର୍ମଚାରୀ।

# ମାତୃଭୂମି, ଭାଷା, ସଂସ୍କୃତି ଓ ପରମ୍ପରାକୁ ନେଇ ଅରୁନ୍ଧତୀ ଜୁଏଲର୍ସର ନୂଆ ଟିଭିସି



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବାସିଙ୍କ ସ୍ନେହ ଶ୍ରଦ୍ଧା ଓ ଭଲ ପାଇବାକୁ ନେଇ, ଆଜି ଅରୁନ୍ଧତୀ ସଫଳତା ସହ ପାଳନ କରୁଛି ୨୫ବର୍ଷ ପୂର୍ତ୍ତି, ଭରସା ଓ ବିଶ୍ୱାସର ଉତ୍ସବ | ଓଡ଼ିଶାର କଳା ସଂସ୍କୃତି ଓ ପରମ୍ପରା ହେଉଛି ଏହାର ଏକ ଅମୁଲ୍ୟ ପରିଚୟ। ଏହି ନୂତନ TV ବିଜ୍ଞାପନ ର ଉନ୍ମୋଚନ ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ ସର୍ବଶ୍ରେଷ୍ଠ ଗ୍ରାହକ ସେବା ସହ ନିରନ୍ତର ଭାବରେ ସେହି ଶୁଦ୍ଧତା ଓ ସ୍ୱଚ୍ଛତାଭରା ସାଲିସବିହୀନ ଯାତ୍ରା କେବଳ ସମ୍ଭବ ହୋଇପାରିଛି ଓଡିଶା ବାସୀଙ୍କ ଆଶୀର୍ବାଦ ଓ ବିଶ୍ୱାସ ଭରସା ଯୋଗୁ | ପବିତ୍ର ଧନତାଲସ ଆଉ ଦୀପାବଳି ଭଳି ଆଲୋକମୟ ପର୍ବକୁ ପ୍ରାଧାନ୍ୟ ଦିଆଯାଇ ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ସଂସ୍କୃତର ଗରିମାକୁ ଏକ ସୁନ୍ଦର ଟିଭି ବିଜ୍ଞାପନ ମାଧ୍ୟମରେ ସମ୍ପୂର୍ଣ୍ଣ ଓଡ଼ିଶାର କଳା ସଂସ୍କୃତି, ପର୍ବପର୍ବାଣି ଏବଂ ଐତହସିକ ପରମ୍ପରାକୁ ବର୍ଣ୍ଣାଇବାକୁ ଚେଷ୍ଟା କରାଯାଇଛି। ବହୁସଂଖ୍ୟକ ଗ୍ରାହକ ବନ୍ଧୁ, ସମସ୍ତ କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଶୁକ୍ରବାର ଭୁବନେଶ୍ୱର ଠାରେ ଏହି ଟିଭି ବିଜ୍ଞାପନକୁ ଲଞ୍ଚ କରାଯାଇଥିଲା | ଏହି ପବିତ୍ର ଧନତେରସ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆକର୍ଷଣୀୟ ନୂତନ ଡିଜାଇନ୍ ପ୍ରସ୍ତୁତ କରାଯିବା ସହ ସର୍ବଶ୍ରେଷ୍ଠ ଅଫର ରଖାଯାଇଛି । ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି। ସୁନା ଗହଣାର ଗଢ଼ା ମଜୁରିରେ ଅଫଟୁ ଫ୍ଲାଟ୍ ୫୦% ରିହାତି ସହ ପ୍ରତି କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ହୀରା ଗହଣା କ୍ରୟରେ ୨୦, ୦୦୦ ଟଙ୍କା ରିହାତି ପ୍ରତି କେରେଟ ହୀରା ମୂଲ୍ୟ ଉପରେ ପାଇବା ସହ ମାଗଣା ସ୍ୱର୍ଣ୍ଣ ମୁଦ୍ରା ମଧ୍ୟ ପ୍ରଦାନ କରାଯାଉଛି । ତା ସହ SBI Credit Card ପରେ ଅଫଟୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ cash back ପାଇପାରିବେ, ଏହି ପବିତ୍ର ଅବସରରେ ଅରୁନ୍ଧତୀ ପରିବାର ତରଫରୁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରାଯିବା ସହ ସମସ୍ତଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା କାମନା କରଯାଇଛି ।

# ପଦ୍ମିନୀ କେୟାରର ନୂତନ ପରିଚାଳନା ନିର୍ଦ୍ଦେଶିକାଙ୍କ ଦାୟିତ୍ୱ ଗ୍ରହଣ



କଟକ, (ସ୍ୱପ୍ର) : ଡ୍ରିମ୍‌ସ ଇନଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ସଂଯୁକ୍ତ ଅନୁଷ୍ଠାନ ପଦ୍ମିନୀ କେୟାର ମଲ୍‌ଟି ସ୍ପେସିଆଲିଟି ହସ୍‌ପିଟାଲର ନୂତନ ପରିଚାଳନା ନିର୍ଦ୍ଦେଶିକା ଭାବରେ ନୀଳାଞ୍ଜନା ମୁଖାର୍ଜୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଜାତୀୟସ୍ତରୀୟ ବିଭିନ୍ନ ଶିଳ୍ପ ସଙ୍ଗଠନ, ସ୍ୱାସ୍ଥ୍ୟ ସେବା ପ୍ରତିତଷ୍ଠାନର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଆମ୍ରି, ଆପୋଲ ଭଳି ଦେଶର ପ୍ରତିଷ୍ଠିତ କର୍ପୋରେଟ୍ ହସ୍‌ପିଟାଲର ସୁପରିଚାଳନା, ପ୍ରଶାସନିକ ବ୍ୟବସ୍ଥା ଓ ରୋଗୀ ସୁରକ୍ଷା, ଚିକିତ୍ସାରେ ଗୁଣାତ୍ମକମାନ ବୃଦ୍ଧି ଏବଂ କ୍ଲିନିକାଲ ପ୍ରଶିକ୍ଷଣ କ୍ଷେତ୍ରରେ ତାଙ୍କର ଦୀର୍ଘ ଦୁଇ ଦଶନ୍ଧିର ଅଭିଜ୍ଞତା ରହିଛି । ମହିଳା ସଶକ୍ତିକରଣ କ୍ଷେତ୍ରରେ ପାରଦର୍ଶିତା ନିମନ୍ତେ ତାଙ୍କୁ ଫେମିନା ଆଚିଭର୍ ଆୱାର୍ଡ ସମେତ ଅନ୍ୟ ପୁରସ୍କାର ମିଳିଛି । ଏହି ନୂତନ ପଦବୀରେ ଯୋଗଦେବା ପରେ ହସ୍‌ପିଟାଲର ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଗ୍ରାମାଞ୍ଚଳରେ ଗଢି ଉଠିଥିବା ପଦ୍ମିନୀ କେୟାରରେ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହ ହସ୍‌ପିଟାଲକୁ ଆଗକୁ ନେବାରେ ନିଷ୍ଠାପର ଉଦ୍ୟମ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ଦିୱାଲୀ ଷ୍ଟଲ୍ ଉଦ୍‌ଘାଟିତ

ଖୋର୍ଦ୍ଧା, (ସବ୍ୟୁ) ଜିଲ୍ଲା ସଦର ମହକୁମା ହାବେଳୀ ପଡିଆଠାରେ ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନ, ଓରମାସ, ଖୋର୍ଦ୍ଧା ମିଳିତ ଆନୁକୁଲ୍ୟରେ ପବିତ୍ର ଆଲୋକର ପର୍ବ ଦୀପାବଳୀ -୨୦୨୫ ପାଳନ ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପାବଳୀ (ଦୀୱାଲୀ) ଷ୍ଟଲ କୁ ଉଦ୍ଘାଟନ କରିଛନ୍ତି। ଉକ୍ତ ଦୀପାବଳୀ ଷ୍ଟଲ ରେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଆକର୍ଷଣୀୟ ମୁଖ୍ୟତଃ ଦୀପାବଳୀ ପାଇଁ ବିଭିନ୍ନ ପ୍ରକାରର ମାଟି ନିର୍ମିତ ଦୀପ, ଲଣ୍ଠନ, ଝାଡୁ, ତେଲ ଓ ମହମବତୀ ଇତ୍ୟାଦି ବିକ୍ରି କରାଯାଉଅଛି। ଏହାକୁ ପରିଚାଳନା କରିବା ପାଇଁ ସାଇବାବା ଉତ୍ପାଦକ ଗୋଷ୍ଠୀ, ଗୋଡ଼ିପଡ଼ା, ଖୋର୍ଦ୍ଧାଙ୍କୁ ଦାୟିତ୍ୱ ଦିଆଯାଇଅଛି। ଏହି ଷ୍ଟଲ ଟି ଆସନ୍ତା ଦୀପାବଳୀ ପର୍ଯ୍ୟନ୍ତ ଚାଲୁ ରହିବ। ଆଜିର ଏହି ଦୀପାବଳୀ (ଦୀୱାଲୀ) ଷ୍ଟଲ ର ଉଦ୍ଘାଟନୀ



ସମୟରେ ଓରମାସ୍, ଖୋର୍ଦ୍ଧାର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀଳକଣ୍ଠ ରଥ ଓ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ ଯୋଗ ଦେଇଥିଲେ।

# ନୂଆଦିଲ୍ଲୀ ରେଳ ଷ୍ଟେସନର ଅତ୍ୟାଧୁନିକ ଜାତୀୟ ସୁବିଧା କେନ୍ଦ୍ର ନିରୀକ୍ଷଣ କଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ: ନୂଆଦିଲ୍ଲୀ ରେଳ ଷ୍ଟେସନ ଦେଶର ସବୁଠାରୁ ବ୍ୟସ୍ତ ବହୁଳ ଟର୍ମିନାଲ ଗୁଡ଼ିକ ମଧ୍ୟରୁ ଅନ୍ୟତମ । ଯାତ୍ରୀଙ୍କ ଅଭିଜ୍ଞତାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତୀ ପାଇଁ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଇଲୋଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନବନିର୍ମିତ ଯାତ୍ରୀ ସୁବିଧା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି କେନ୍ଦ୍ରକୁ ଯେ କୌଣସି ସମୟରେ ପ୍ରାୟ ୭୦୦୦ ଯାତ୍ରୀଙ୍କୁ ସ୍ଥାନ ଦେବା ପାଇଁ ଡିଜାଇନ୍ କରାଯାଇଛି । ଯାହା ପୂର୍ବ ଅପେକ୍ଷା ବେଶ ଆରାମ ଦାୟକ । ଯାତ୍ରୀଙ୍କ ପ୍ରଭାବକୁ ଏହି ସୁବିଧା ବୃଦ୍ଧି କରିବ । ଶ୍ରୀ ବୈଷ୍ଣବ କହିଛନ୍ତି ପାର୍ବଣ ଋତୁରେ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ନୂତନ ଭାବେ ବିକଶିତ ଏହି ଅତ୍ୟାଧୁନିକ ଯାତ୍ରୀ ସୁବିଧା କେନ୍ଦ୍ର ଯାତ୍ରୀମାନଙ୍କୁ ଆରମ ପ୍ରଦାନ କରିବ । ଦେଶର ଅନ୍ୟ ଷ୍ଟେସନ ଗୁଡ଼ିକରେ ଏପରି ଯାତ୍ରୀ ସୁବିଧା ବିକଶିତ କରାଯିବ । ଯାତ୍ରୀଙ୍କ ଗତି ବିଧିକୁ ସୁଗମ କରିବା ପାଇଁ ନୂତନ ଯାତ୍ରୀ ସୁବିଧା କେନ୍ଦ୍ରକୁ ରଣନୀତିକ ଭାବେ ୩ଟି ଜୋନରେ ବିଭକ୍ତ କରାଯାଇଛି । ୨୮୬୦ ବର୍ଗ ମିଟର ପରିବ୍ୟାପ୍ତ ଏକ ଟିକେଟିଂ କ୍ଷେତ୍ର, ୧୧୫୦ ବର୍ଗ ମିଟର ପୋଷ୍ଟ ଟିକେଟିଂ କ୍ଷେତ୍ର ଏବଂ ୧୨୧୮ ବର୍ଗ ମିଟର ପ୍ରି-ଟିକେଟିଂ କ୍ଷେତ୍ର ରହିଛି । ଏହି କେନ୍ଦ୍ରକୁ ଟର୍ମିନାଲର ମୁଖ୍ୟ ପ୍ରବେଶ ଦ୍ୱାରରେ ଭିଡ଼ ହ୍ରାସ କରିବା ଏବଂ ଯାତ୍ରୀଙ୍କ ଆରମକୁ ଉନ୍ନତ କରିବା ପାଇଁ ସୁନିଶ୍ଚିତ କରିବା ପାଇଁ ଉତ୍ତର ରେଳବାଇ କେନ୍ଦ୍ରକୁ ବ୍ୟାପକ, ଆଧୁନିକ ସୁବିଧା ସହିତ ସଜ୍ଜିତ କରାଯାଇଛି । ଟିକେଟିଂରେ ୨୨ଟି ଅତ୍ୟାଧୁନିକ କାଉଣ୍ଟିଂ ରହିଛି । ୨୫ଟି ସ୍ୱୟଂଚାଳିତ ଭେଣ୍ଡିଂ ମେସିନ ରହିଛି ।

୨୦୦ ଯାତ୍ରୀଙ୍କ ପାଇଁ ବସିବା କ୍ଷମତା ଦକ୍ଷ ଶୀତଳିକରଣ ପାଇଁ ୧୮ଟି ହାଇଭଲ୍ୟୁମ ସ୍ପିଡ ଫ୍ୟାନ ରହିଛି । ୬୫୨ ବର୍ଗ ମିଟର ଉପରେ ନିର୍ମିତ ଏକ ଉତ୍ସର୍ଗ ସ୍ୱଚ୍ଛାଳୟ ଏବଂ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ରହିଛି । ୨୪ଟି ସ୍ପିକର, ୩ଟି ଏଲିଡି ଇଲୋକ୍ଟ୍ରିନିକ୍ ଟ୍ରେନ, ସୂଚନା ପ୍ରଦର୍ଶନ ଏବଂ ୭ଟି ଆଧୁନିକ ଅଗ୍ନି ନିର୍ବାପଣ ବ୍ୟବସ୍ଥା ସହିତ ଏକ ଦୃଢ଼ ସୁରକ୍ଷା ବ୍ୟବସ୍ଥା ରହିଛି । ୧୮ଟି ସିସିଟିଭି କ୍ୟାମେରା, ୫ଟି ଲଗେଜ ସ୍କାନର ଏବଂ ୫ଟି ଡୋର ଫ୍ରେମ୍ ମେଟାଲ ସମେତ ଅତ୍ୟାଧୁନିକ ରହିଛି । ରେଳପଥ ଏହି କେନ୍ଦ୍ର ନିର୍ମାଣ ସମୟରେ ଅନେକ ଜଟିଳ ଆହ୍ୱାନକୁ ସଫଳତାର ସହ ମୁକାବିଲା କରିଥିଲା । ନିର୍ମାଣ ସମୟରେ ଏଟିଏମ୍ ଦିଲ୍ଲୀ ପୋଲିସ୍ କ୍ୟାବିନ, ହୋର୍ଡିଂ ଭଳି ବର୍ତ୍ତମାନର ଢ଼ାଞ୍ଚା ଭଙ୍ଗା ଯାଇଥିଲା ଓ ଆଉ କିଛି ସ୍ଥାନାନ୍ତର କରାଯାଇଥିଲା । ଏହା ବ୍ୟତୀତ ଦୈନନ୍ଦିନ କାର୍ଯ୍ୟରେ କୌଣସି ବାଧାବିନା, ପାଣି ଲାଇନ, ଡ୍ରେନେଜ ସିଷ୍ଟମ୍ ଏବଂ ଓଏଫ୍‌ସି କେବୁଲ ଭଳି ଅତ୍ୟାବଶ୍ୟକୀୟ ସେବା ଗୁଡ଼ିକ ସମ୍ବେଦନଶୀଳ ସ୍ଥାନାନ୍ତର କରାଯାଇଥିଲା ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ରେଳବାଇ ବୋର୍ଡର ଅଧକ୍ଷ ସତୀଶ କୁମାର ଉପସ୍ଥିତ ଥିଲେ । ମହାପ୍ରବନ୍ଧକ ଅଶୋକ କୁମାର ବର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ଯୋଗଦେଇଥିଲେ ।

# ଭାରତ-ଇଜିପ୍ଟ ରଣନୈତିକ ଆଲୋଚନା



ନୂଆଦିଲ୍ଲୀ: ଇଜିପ୍ଟର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ବଦର ଅବଦେଲାଟି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ଗାଜା ଶାନ୍ତି ଚୁକ୍ତିନାମାରେ ଇଜିପ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ରାଷ୍ଟ୍ରପତି ସିସିଙ୍କୁ ହାର୍ଦ୍ଦୀକ ଅଭିନନ୍ଦନ ଜଣାଇଥିଲେ ଏବଂ ଆଶା ପ୍ରକାଶ କରିଥିଲେ ଯେ ଏହା ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବ । ବୈଦେଶିକ ମନ୍ତ୍ରୀ ଅବଦେଲାଟି ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଗସ୍ତ ସମୟରେ ଅନୁଷ୍ଠିତ ପ୍ରଥମ ଭାରତ-ଇଜିପ୍ଟ ରଣନୈତିକ ଆଲୋଚନା ବିଷୟରେ କହିଥିଲେ । ପ୍ରଧାନମନ୍ତ୍ରୀ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଶକ୍ତି, ପ୍ରତିରକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସମେତ ଦ୍ୱିପାକ୍ଷି କ ସହଯୋଗର ବିଭିନ୍ନ କ୍ଷେତ୍ରରେ ହାସଲ ହୋଇଥିବା ପ୍ରଗତିରେ ସନ୍ତୋଷ ପ୍ରକାଶ କରିଛନ୍ତି ।

## ସୀମାରେ ୩ ବାଂଲାଦେଶୀ ଚୋରଙ୍କୁ ମାରିଦେଲେ ଗାଁ ଲୋକ

**ନୂଆଦିଲ୍ଲୀ:** ସୀମାରେ ୩ ଜଣ ବାଂଲାଦେଶୀ ଚୋରଙ୍କୁ ହତ୍ୟା । ଏହି ବାଂଲାଦେଶୀମାନେ ସୀମାନ୍ତରେ ବୁଲୁଥିବା ଗାଁ ଲୋକଙ୍କ ଗୃହପାଳିତ ପଶୁଙ୍କୁ ଚୋରି କରିବାକୁ ଉଦ୍ୟମ କରୁଥିଲେ । ଏହାକୁ ବିରୋଧ କରିବାରୁ ସେମାନେ ଜଣେ ଗ୍ରାମବାସୀଙ୍କୁ ହତ୍ୟା ମଧ କରିଛନ୍ତି । ଏଥିରେ ରାଗି ଯାଇ ଗାଁର ଅନ୍ୟ ଲୋକମାନେ ୩ ବାଂଲାଦେଶୀଙ୍କୁ ପିଟିପିଟି ମାରି ଦେଇଛନ୍ତି ।

ଅକ୍ଟୋବର ୧୫ରେ ତ୍ରିପୁରା(Tripura) ସୀମାନ୍ତରେ ପୂରା ଘଟଣା ଘଟିଥିବା ବେଳେ ଏହାକୁ ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ କୂଟନୀତିକ ବିବାଦ ତୀବ୍ର ହୋଇଛି । ବାଂଲାଦେଶ ପକ୍ଷରୁ ମୃତକଙ୍କ ପାଇଁ ନ୍ୟାୟ ଦାବି କରାଯାଇଛି । ଏଥିସହ ଘଟଣାର ତୁରନ୍ତ, ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ପାଇଁ ବାଂଲାଦେଶ କହିଛି ।

ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ୩ ବାଂଲାଦେଶୀଙ୍କ ମୃତ୍ୟୁର ପ୍ରତବାଦ ଢାକା(Dhaka) ପକ୍ଷରୁ କୂଟନୀତିକ ସ୍ତରରେ କରାଯାଇଛି । ବାଂଲାଦେଶ ବିଦେଶ ମନ୍ତ୍ରଣାଳୟ ଘଟଣାକୁ ଅତ୍ୟନ୍ତ ନୃଶଂସ, ଅଗ୍ରହଣୀୟ ଓ ମାନବାଧିକାରର ଉଲ୍ଲଙ୍ଘନ ।

ତେବେ ବାଂଲାଦେଶର ଏପରି ଅପ୍ରଚାରକୁ ଅଗ୍ରାହ୍ୟ କରିଛି ଭାରତର ବୈଦେଶିକ ମନ୍ତ୍ରଣାଳୟ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ପୂରା ଘଟଣା ଭାରତୀୟ ଅଞ୍ଚଳର ୩ କିମି ଭିତରେ ଘଟିଛି । ଏଠାରେ ବେଆଇନ ପ୍ରବାସୀମାନେ ସ୍ଥାନୀୟ ବିଦ୍ୟାବିଲ ଗାଁରୁ ପଶୁ ଚୋରି କରିବାକୁ ଚେଷ୍ଟା କରୁଥିଲେ । ଗାଁ ଲୋକମାନେ ଏହାକୁ ବିରୋଧ କରିବାରୁ ସେମାନେ ଧାରୁଆ ଅସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ । ଏହାର ଜବାବ ଗାଁ ଲୋକମାନେ ଦେଇଥିଲେ । ଏଥିରେ ଜଣେ ଗାଁ ଲୋକଙ୍କ ମୃତ୍ୟୁ ମଧ ହୋଇଛି । କିଛି ଗ୍ରାମବାସୀ ଆହତ ହୋଇଛନ୍ତି । ୩ ପ୍ରବାସୀ ଓ ଗାଁ ଲୋକଙ୍କ ବିବାଦ ଖବର ପାଇ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚିଥିଲା । ପ୍ରଶାସନ ପହଞ୍ଚିଲା ବେଳକୁ ୨ ଜଣ ପ୍ରବାସୀଙ୍କ ମୃତ୍ୟୁ ହୋଇସାରିଥିଲା । ତୃତୀୟ ବ୍ୟକ୍ତିଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ସମସ୍ତ ମୃତଦେହକୁ ବାଂଲାଦେଶ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିବା ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି । ଭାରତ ସୀମାରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତିବଦ୍ଧ । ଚୋରା ଚାଲାଣ ରୋକିବା ପାଇଁ ଭାରତ ସୀମାରେ ଗ୍ରହଣ କରିଥିବା କାର୍ଯ୍ୟକ୍ରମକୁ ବାଂଲାଦେଶ(Bangladesh) ମଧ ସମର୍ଥନ କରିବା ଦରକାର ବୋଲି ମଧ ଜୈସୱାଲ କହିଛନ୍ତି ।

# ପ୍ରଭାବିତ ପରିବାରକୁ ଭେଟି ଶାନ୍ତ୍ୱନା ଦେଲେ ରାହୁଲ

**ରାୟବରେଲି:** ରାୟବରେଲିରେ ଭିଡ଼ ହିଂସାରେ ଜୀବନ ହରାଇଥିବା ଦଳିତ ହରିଓମ ବାଲ୍ମିକୀଙ୍କ ପରିବାରକୁ ଫତେପୁର ଜିଲ୍ଲାରେ ତାଙ୍କ ପୈତୃକ ଘରେ ଭେଟିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ରାହୁଲ ତାଙ୍କ ପରିବାରବର୍ଗଙ୍କୁ ଭେଟି ସେମାନଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ସେମାନଙ୍କୁ ଭେଟି ସୋମନଙ୍କ ହାତ ଧରି ବୁଝାଇବା ସହ ଆଲିଙ୍ଗନ କରି ଶାନ୍ତ୍ୱନା ଦେଇଛନ୍ତି କଂଗ୍ରେସ ନେତା ।

ରାହୁଲ ଗାନ୍ଧୀ ପରିବାର ସହିତ ପ୍ରାୟ ୩୦ ମିନିଟ୍ ବିତାଇଥିଲେ, ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେ ସେମାନଙ୍କ ସହିତ ଅଛନ୍ତି । ସେ ହରିଓମଙ୍କ ପରିବାରକୁ ସମ୍ମାନ ଏବଂ ସୁରକ୍ଷା ଯୋଗାଇବା ପାଇଁ ଉତ୍ତର ପ୍ରଦେଶର ସରକାର ଯୋଗୀ ଆଦିତ୍ୟନାଥଙ୍କୁ ମଧ ଅନୁରୋଧ କରିଛନ୍ତି । ବାଲ୍ମିକୀଙ୍କ ପରିବାର ସହିତ ତାଙ୍କ ସାକ୍ଷାତର ଏକ ଫଟୋ ସେୟାର କରି ରାହୁଲ ଗାନ୍ଧୀ ଲେଖିଛନ୍ତି, "ହରିଓମ ବାଲ୍ମିକୀଙ୍କ ନିର୍ମମ ହତ୍ୟା ସମଗ୍ର ଦେଶର ବିବେକକୁ ଦୋହଲାଇ ଦେଇଛି । ତାଙ୍କ ପରିବାରର ଆଖି ଯନ୍ତ୍ରଣାରେ ଭରିଯାଇଥିଲା, ଗୋଟିଏ ପ୍ରଶ୍ନ ସହିତ ଯେ କ'ଣ ଦଳିତ ହେବା ଏବେ ବି ଏହି ଦେଶରେ ଏକ ଘାତକ ଅପରାଧ?" ରାହୁଲ ଗାନ୍ଧୀ କହିଛନ୍ତି ଯେ ଉତ୍ତର ପ୍ରଦେଶର ପ୍ରଶାସନ ପୀଡିତାଙ୍କ ପରିବାରକୁ ଭୟଭୀତ କରିବାକୁ ଚେଷ୍ଟା କରୁଛି । ସେମାନେ ପରିବାରକୁ ତାଙ୍କ ସହିତ ସାକ୍ଷାତ କରିବାରୁ ମଧ ବାରଣ କରିବାକୁ ଚେଷ୍ଟା କରିଥିଲେ ।



ଏହା ବ୍ୟବସ୍ଥାର ବିଫଳତା । ଯାହାକି ସର୍ବଦା ଅପରାଧୀମାନଙ୍କୁ ସୁରକ୍ଷା ଦିଏ ଏବଂ ପୀଡିତଙ୍କୁ କାଠଗଡ଼ାରେ ଛିଡ଼ା କରେ ।

ରାହୁଲ ଗାନ୍ଧୀ ଆହୁରି ବି କହିଛନ୍ତି ଯେ, "ନ୍ୟାୟକୁ ଗୃହବନ୍ଦୀ କରାଯାଇପାରିବ ନାହିଁ । ବିଜେପି ସରକାର ପୀଡିତାଙ୍କ ପରିବାର ଉପରେ ଚାପ ବନ୍ଦ କରିବା ଏବଂ ଦୋଷୀମାନଙ୍କୁ କଠୋରତମ ଦଣ୍ଡ ସୁନିଶ୍ଚିତ କରିବା ଉଚିତ । ମୁଁ ହରିଓମ ବାଲ୍ମିକୀଙ୍କ ପରିବାର ଏବଂ ଏହି ଦେଶର ପ୍ରତ୍ୟେକ ଶୋଷିତ, ବଞ୍ଚିତ ଏବଂ ଦୁର୍ବଳ ନାଗରିକଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି । ଏହି ଲଢ଼େଇ କେବଳ ହରିଓମଙ୍କ ପାଇଁ ନୁହେଁ, ବରଂ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରୁଥିବା ପ୍ରତ୍ୟେକ ସ୍ୱର ପାଇଁ ।"

କଂଗ୍ରେସ ନେତାଙ୍କ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ଚକେରି ବିମାନବନ୍ଦର ପର୍ଯ୍ୟନ୍ତ ଯାଇଥିଲେ । ସେଠାରୁ ସେ ପ୍ରାୟ ୮୦ କିଲୋମିଟର ରାସ୍ତା ଯାତ୍ରା କରି ଫତେପୁର ଯାଇଥିଲେ, ଯେଉଁଠାରେ ସେ ମୃତ ବାଲ୍ମିକୀଙ୍କ ପରିବାର ସହିତ ସାକ୍ଷାତ କରିଥିଲେ ।

ସାଙ୍ଗକଥାରେ ବିଶ୍ୱାସ କରି ଦୁଷ୍କର୍ମର ଶିକାର

ବେଙ୍ଗାଲୁରୁ: ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହି ଗଣଦୁଷ୍କର୍ମ ଘଟଣାରେ ମୋଟ ୫ ଜଣ ଅଭିଯୁକ୍ତ ସାମିଲ ଥିଲେ । ମୁଖ୍ୟ ଅଭିଯୁକ୍ତ ବି ଗିରଫ ହୋଇଛି । ଏହି ଦୁଷ୍କର୍ମ ଘଟଣା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ବେଙ୍ଗାଲୁରୁର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଜଣେ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଥିବା ଘଟଣା ଆଲୋଡ଼ ଖେଳାଇ ଦେଇଛି ।

ପୁଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ଜୀବନ ଗୌଡା (ବୟସ ୨୧ବର୍ଷ) କଲେଜର ଷଷ୍ଠ ସେମିଷ୍ଟରର ଛାତ୍ର ଥିବା ବେଳେ ପୀଡିତା ସପ୍ତମ ସେମିଷ୍ଟରର ଛାତ୍ରୀ । ଦୁଷ୍କର୍ମକାରୀ ଓ ପୀଡ଼ିତା ପରସ୍ପରକୁ ଭଲଭାବେ ଜାଣିଥିଲେ । ଘଟଣା ଦିନ ପୀଡ଼ିତା କିଛି ସାମଗ୍ରୀ ନେବା ପାଇଁ ଅଭିଯୁକ୍ତକୁ ଭେଟିଥିଲେ । ମଧ୍ୟାହ୍ନ ଭୋଜନ ବିରତି ସମୟରେ ଗୌଡା ପୀଡ଼ିତାଙ୍କୁ ବାରମ୍ବାର ଫୋନ୍ କରି ଆର୍କିଟେକ୍ଟର ବ୍ଲକର ସପ୍ତମ ମହଲାକୁ ଡାକିଥିଲା ।

ଅଭିଯୁକ୍ତ କଥାରେ ବିଶ୍ୱାସ କରି ପୀଡ଼ିତା ଘଟଣାସ୍ଥଳରେ ପହଞ୍ଚିବା ପରେ ଗୌଡା ତାଙ୍କୁ ଜୋରଜବରଦସ୍ତି ଚୁମ୍ବନ କରିବାକୁ ଚେଷ୍ଟା କରିଥିଲା । ଏହି ସମୟରେ ଛାତ୍ରୀ ଜଣକ ଲିଫ୍ଟ ମାଧ୍ୟମରେ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ଗୌଡ଼ା ତାଙ୍କୁ କାବୁ କରି ଷଷ୍ଠ ମହଲାରେ ଥିବା ପୁରୁଷ ଶୌଚାଳୟକୁ ଟାଣି ନେଇ ଦୁଷ୍କର୍ମ କରିଥିଲା । ଏହି ଦୁଷ୍କର୍ମ ପରେ ସେ ଘଟଣାସ୍ଥଳରୁ ଚାଲିଯିବା ପରେ ଛାତ୍ରୀଜଣକ ତାଙ୍କ ସାଙ୍ଗମାନଙ୍କ ପାଖକୁ ଆସି ଘଟଣା ବିଷୟରେ ଜଣାଇଥିଲେ ।

## ଆର୍ମି କ୍ୟାମ୍ପ ଉପରେ ଆତଙ୍କବାଦୀ ହମଲା, ୩ ଯବାନ ଆହତ

**ନୂଆଦିଲ୍ଲୀ:** ଭାରତୀୟ ସ୍ଥଳ ସେନାର କ୍ୟାମ୍ପ ଉପରେ ଆତଙ୍କବାଦୀ ଆକ୍ରମଣ । ଆସାମ(Assam)ର କାକୋପଥର ଅଞ୍ଚଳରେ ଥିବା ସେନା କ୍ୟାମ୍ପ ଉପରେ ଆତଙ୍କବାଦୀମାନେ ଆଖି ବୁଜା ଗୁଳିମାଡ଼ କରିଛନ୍ତି । ରାତି ପ୍ରାୟ ୧୨.୩୦ରେ ଆତଙ୍କବାଦୀ(Terrorist)ମାନେ ଗୋଟିଏ ଚଳନ୍ତା ଗାଡ଼ିରୁ ଯବାନଙ୍କୁ ଟାର୍ଗେଟ କରିଥିଲେ । ସେଠାରେ ମୁତୟନ ଥିବା ଯବାନମାନେ ଏହାର ତୁରନ୍ତ ଜବାବ ଦେବାରୁ ଆତଙ୍କବାଦୀମାନେ ସେମାନଙ୍କ ଉଦ୍ଦେଶ୍ୟରେ ସଫଳ ହୋଇ ନାହାନ୍ତି । ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକମାନେ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି । ତେବେ ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ୩ ଜଣ ଯବାନ ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆତଙ୍କବାଦୀମାନେ ୩ଟି ଅଣ୍ଡ ବାରେଲ ଗ୍ରେନେଡ ଲଞ୍ଚର୍ସ ଦ୍ୱାରା ଆକ୍ରମଣ କରିବା ପରେ ଗୁଳି ମାଡ଼ କରିଥିଲେ । ପ୍ରାୟ ଅଧା ଘଣ୍ଟା ଧରି ଆତଙ୍କବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଆତଙ୍କବାଦୀମାନେ ବଡ଼ ଧରଣର କ୍ଷତି ଘଟାଇବାକୁ ଯୋଜନା କରିଥିଲେ ହେଁ ୩ ଜଣ ଯବାନ ସାମାନ୍ୟ ଆହତ ହୋଇଥିବା ସେନା ପକ୍ଷରୁ କୁହାଯାଇଛି ।

## ଟ୍ରମ୍ପଙ୍କ ଘୋଷଣାର ଓଲଟା କରୁଛି ଭାରତ

**ନୂଆଦିଲ୍ଲୀ** : ଲାଗୁଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯାହା ଘୋଷଣା କରୁଛନ୍ତି ତାହାର ଠିକ ଓଲଟା କରୁଛି ଭାରତ । ଅପରେସନ ସିନ୍ଦୂର ସମୟରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ସେ ହିଁ ଯୁଦ୍ଧ ବନ୍ଦ କରାଇଥିଲେ, କିନ୍ତୁ ଏହା ଠିକ ନୁହେଁ ବୋଲି କହିଥିଲା ଭାରତ । ପରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ରୁଷର ତେଲକ୍ରୟ କମାଇ ଦେଇଛି ଭାରତ । କିନ୍ତୁ ପ୍ରକୃତ କଥା ହେଉଛି ଭାରତ ତେଲ କ୍ରୟ ବଢାଇଦେଇଥିଲା । ଏବେ ପୁଣି ଥରେ ସେ ଘୋଷଣା କରିଛନ୍ତି ଯେ ରୁଷର ତେଲ କିଣା ବନ୍ଦ କରିବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ପ୍ରକୃତ ତଥ୍ୟ ଏହାର ଓଲଟା ଆସୁଛି ।

ଜୁନ୍ ମାସରେ ତେଲ ଆମଦାନି ବୃଦ୍ଧି ପାଇ ଦୈନିକ ୨ ନିୟୁତ ବ୍ୟାରେଲ ଛୁଇଁଥିଲା । କିନ୍ତୁ ସେପ୍ଟେମ୍ବରରେ ଏହା ଦିନକୁ ୧.୬ ନିୟୁତ ବ୍ୟାରେଲକୁ ଖସିଆସିଥିଲା । ତେବେ ଅକ୍ଟୋବରରେ ଏହା ପୁଣି ଥରେ ବୃଦ୍ଧି ପାଇ ୧.୮ ନିୟୁତ ବ୍ୟାରେଲରେ ପହଞ୍ଚି ଛି ବୋଲି ବିଶ୍ୱ ବାଣିଜ୍ୟ ବିଶ୍ଳେଷଣ ଫାର୍ମ କେପଲର ତଥ୍ୟରୁ ଜଣାପଡ଼ିଛି ।

ଅକ୍ଟୋବରର ପ୍ରଥମ ପକ୍ଷରେ ରୁଷରୁ ଭାରତର ଅଶୋଧିତ ତୈଳ ଆମଦାନୀ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ଯାହା ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଦେଖାଯାଇଥିବା ହ୍ରାସକୁ ବିପରୀତ । ଜାହାଜ ଟ୍ରାକିଂ ତଥ୍ୟ ଅନୁଯାୟୀ, ପର୍ବପର୍ବାଣୀ ଚାହିଦା ପୂରଣ କରିବା ପାଇଁ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଥିବା ଭାରତୀୟ ରିଫାଇନାରୀଗୁଡ଼ିକ ଦ୍ୱାରା ଏହି ବୃଦ୍ଧି ସମ୍ଭବ ହୋଇପାରିଛି । ଜୁନ୍ ମାସରେ ତେଲ ଆମଦାନି ବୃଦ୍ଧି ପାଇ ଦୈନିକ ୨ ନିୟୁତ ବ୍ୟାରେଲ ଛୁଇଁଥିଲା । କିନ୍ତୁ ସେପ୍ଟେମ୍ବରରେ ଏହା ଦିନକୁ ୧.୬ ନିୟୁତ ବ୍ୟାରେଲକୁ ଖସିଆସିଥିଲା । ତେବେ ଅକ୍ଟୋବରରେ ଏହା ପୁଣି ଥରେ ବୃଦ୍ଧି ପାଇ ୧.୮ ନିୟୁତ ବ୍ୟାରେଲରେ ପହଞ୍ଚି ଛି ବୋଲି ବିଶ୍ୱ ବାଣିଜ୍ୟ ବିଶ୍ଳେଷଣ ଫାର୍ମ କେପଲର ତଥ୍ୟରୁ ଜଣାପଡ଼ିଛି ।

# ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଡକ୍ଟର ହରିଣୀ ଅମରସୁରିଆ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷତ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କୁ ସ୍ୱାଗତ ଜଣାଇ କହିଛନ୍ତି ଯେ, ତାଙ୍କ ଗସ୍ତ ଐତିହାସିକ ଏବଂ ବହୁମୁଖୀ ଭାରତ-ଶ୍ରୀଲଙ୍କା ସମ୍ପର୍କକୁ ନୂତନ ପ୍ରେରଣା ଦେବ । ଶ୍ରୀ ମୋଦୀ ଚଳିତ ବର୍ଷ ଏପ୍ରିଲରେ ତାଙ୍କର ଶ୍ରୀଲଙ୍କା ଗସ୍ତକୁ ମନେ ପକାଇଛନ୍ତି, ଏହି ସମୟରେ ସେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକଙ୍କ ସହ ସହଯୋଗର ସମସ୍ତ କ୍ଷେତ୍ର ଉପରେ ଫଳପ୍ରଦ ଆଲୋଚନା କରିଥିଲେ । ଦୁଇ ନେତା ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ନବସୃଜନ ବିକାଶ ସହଯୋଗ ଏବଂ ମତ୍ସ୍ୟଜୀବୀଙ୍କ କଲ୍ୟାଣ ସମେତ ଅନେକ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଦୁଇ ଦେଶର ସହଭାଗୀ ବିକାଶ ଯାତ୍ରାରେ ଏକାଠି କାମ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଦିସାନାୟକଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ ଏବଂ କହିଥିଲେ ଯେ, ସେ ସେମାନଙ୍କ ନିରନ୍ତର ସମ୍ପର୍କ ପାଇଁ ଅପେକ୍ଷା କରିଛନ୍ତି ।

# ୨୦୨୭ ଜନଗଣନା ପାଇଁ ପ୍ରକ୍ରିୟା ଆରମ୍ଭ




**ନୂଆଦିଲ୍ଲୀ:** ୨୦୨୭ ଜନଗଣନା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର । ଏଥିପାଇଁ ଜାରି ହୋଇଛି ବିଜ୍ଞପ୍ତି । ବିଧିବଦ୍ଧ ଜଣଗଣନା ପୂର୍ବରୁ ପରୀକ୍ଷା ମୂଳକ ଭାବେ କିଛି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ । ସେହିପରି ବିଧିବଦ୍ଧ ଜଣଗଡ଼ା ପୂର୍ବରୁ ଚଳିତ ବର୍ଷ ନଭେମ୍ବର ୧ରୁ ୭ ମଧ୍ୟରେ ସାଧାରଣ ଲୋକମାନେ ଡିଜିଟାଲ ଉପାୟରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟକୁ ଦାଖଲ କରିପାରିବେ । ଆତ୍ମଘୋଷିତ ଗଣନା ୱିଣ୍ଡ ମାଧ୍ୟମରେ ସେମାନେ ଘରେ ବସି ନିଜର ତଥ୍ୟ ଦାଖଲ କରିପାରିବେ ।

୨୦୨୭ ଜନଗଣନାର ପରୀକ୍ଷା ନୀରିକ୍ଷା ଦୁଇଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟରେ ଘରଗୁଡ଼ିକୁ ତାଲିକାଭୁକ୍ତ ଓ ଘରଗୁଡ଼ିକର ଗଣନା କରାଯିବ । ପରୀକ୍ଷାମୂଳକ ଭାବେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କିଛି ନିର୍ଦ୍ଦିଷ୍ଟ ତଥା ଚିହ୍ନଟ ହୋଇଥିବା ସ୍ଥାନରେ ନଭେମ୍ବର ୧୦ରୁ ୩୦ ଯାଏ ଆୟୋଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଏନେଇ ଜାରି ହୋଇଥିବା ବିଜ୍ଞପ୍ତିରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା କମିଶନର ଅଫ ଇଣ୍ଡିଆ ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି ଯେ ନଭେମ୍ବର ୧ରୁ ୭ ଯାଏ ବ୍ୟକ୍ତିଗତ ତଥ୍ୟକୁ ପୂରଣ କରିବା ପାଇଁ ଲୋକଙ୍କୁ ବିକଳ୍ପ ମିଳିବ । ସେମାନେ ଡିଜିଟାଲୀ ଏହାକୁ କରିପାରିବେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜନଗଣନା ଆଇନ ୧୯୪୮ରେ ଥିବା ପ୍ରାବଧାନକୁ ବିସ୍ତାର କରିଛନ୍ତି । ବିଧିବଦ୍ଧ ଜନଗଣନା(Census) ପୂର୍ବରୁ ପରୀକ୍ଷା ମୂଳକ ଭାବେ କିଛି ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଗଣନାର ଦକ୍ଷତାକୁ ମାପିବା ହିଁ ପ୍ରି-ଟେଷ୍ଟର ଲକ୍ଷ୍ୟ । ଜନଗଣନା ୨୦୨୬ ଏପ୍ରିଲ ୧ରୁ ୨୦୨୭ ଫେବୃଆରୀ ୨୮ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟରେ ଘରଗୁଡ଼ିକର ତାଲିକା ଭୁକ୍ତ ଓ ଘର ଗଣନା କରାଯିବ । ଏହାପରେ ଜନଗଣନା ଆରମ୍ଭ ହେବ ।

ପ୍ରି-ଟେଷ୍ଟ ଦ୍ୱାରା ପ୍ରଚଳିତ ବ୍ୟବସ୍ଥା, ସାମ୍ନାକୁ ଆସିବାକୁ ଥିବା ଚ୍ୟାଲେଞ୍ଜ ଓ ମେଥଡଗୁଡ଼ିକୁ ଆଗୁଆ ଜାଣିହେବ । ତ୍ରୁଟିକୁ ସମୟପୂର୍ବରୁ ଠିକ କରାଯାଇ ପାରିବ । ଏଥିସହ ଭାରତର ପ୍ରଥମ ଡିଜିଟାଲ ଜନଗଣନାର ମୂଳଦୁଆ ମଧ ଏଥର ପଡ଼ିବ । ପ୍ରଥମଥର ପାଇଁ ଲୋକମାନଙ୍କ ଜାତିଭିତ୍ତିକ ତଥ୍ୟ ସଂଗ୍ରହ ହେବ । ଟେଷ୍ଟ ପର୍ଯ୍ୟାୟରେ ପ୍ରଶ୍ନ ଠାରୁ ଆରମ୍ଭ କରି ତଥ୍ୟ ସଂଗ୍ରହ, ଟ୍ରେନିଂ, ଲଜିଷ୍ଟିକ ଓ ସଫ୍ଟୱେୟାର କେମିତି ମୋବାଇଲ ଆପ୍ଲିକେସନରେକାମ କରୁଛି, ସେସବୁ ଠିକଣା ପୂର୍ବରୁ ସରକାର ପରଖିବାକୁ ଚାହୁଁଛନ୍ତି । ପ୍ରଥମ ପର୍ଯ୍ୟାୟରେ ହାଉସ ଲିଷ୍ଟିଂ ଅପରେସନ(ଏଚଏଲଓ) ଘରଗୁଡ଼ିକର ଅବସ୍ଥା ଓ ପ୍ରତିଟି ଘରେ କ'ଣ ସବୁ ସୁବିଧା ରହିଛି, ତା'ର ଆକଳନ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା, ଭୌଗଳିକ ସ୍ଥିତି, ସାମାଜି-ଅର୍ଥନୀତି, ସାଂସ୍କୃତିକ ସ୍ଥିତି ଓ ପ୍ରତିଟି ଘରୁ ବ୍ୟକ୍ତିଗତ ତଥ୍ୟକୁ ରେକର୍ଡ କରାଯିବ । ଦେଶର ଜନଗଣନା ସମୟରେ ଜାତି ଭିତ୍ତିକ କାଉଣ୍ଟିଂ ମଧ ଅନୁଷ୍ଠିତ ହେବ । ମୋଟ ୨ଟି ପର୍ଯ୍ୟାୟରେ ଜନଗଣନା ହେବ । ପ୍ରଥମ ପର୍ଯ୍ୟାୟ ଅର୍ଥାତ ୨୦୨୬ ଅକ୍ଟୋବର ୧ରୁ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ସମେତ କେନ୍ଦ୍ର ଶାସିତ ଲଦାଖ ଓ ଜମ୍ମୁ-କଶ୍ମୀରରେ ଜନଗଣନା କରାଯିବ ।

ଏଠାରେ ତୁଷାର ପାତର ଆଶଙ୍କା ଥିବାରୁ ଏହି ସବୁ ସ୍ଥାନରେ ଆଗୁଆ ଜନଗନା କରାଯିବ । ଏହାପରେ ଦେଶର ବାକି ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୨୦୨୭ ମସିହା ମାର୍ଚ୍ଚ ୧ରୁ ଜନଗଣନା କରାଯିବ । ଦେଶବ୍ୟାପୀ ହେବାକୁ ଥିବା ଜନଗଣନାରେ ୩୪ ଲକ୍ଷ ଗଣନାକାରୀ ଓ ସୁପରଭାଇଜରଙ୍କ ସମେତ ୧.୩ ଲକ୍ଷ ଜନଗଣନା କାର୍ଯ୍ୟକର୍ତ୍ତା ସାମିଲ ହେବେ । ଏହା ଭାରତର ୧୬ତମ ଓ ସ୍ୱାଧୀନତା ପରେ ୮ମ ଜନଗଣନା ହେବ । ୨୦୧୧ରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କ୍ଷମତାରେ ଥିବା ବେଳେ ଜନଗଣନା ହୋଇଥିଲା । ସେତେବେଳେ ମଧ ଦୁଇଟି ପର୍ଯ୍ୟାୟରେ ଦେଶରେ ଜନଗଣନା କରାଯାଇଥିଲା । ପ୍ରଥମେ ୨୦୧୦ ଏପ୍ରିଲରୁ ସେପ୍ଟେମ୍ବର ଯାଏ ଗଣନା ଚାଲିଥିଲା । ଏହାପରେ ୨୦୧୧ ଫେବୃଆରୀରୁ ବଳକା ଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଜନଗଣନା କରାଯାଇଥିଲା । ସେତେବେଳେ ଦେଶର ଜନସଂଖ୍ୟା ୧,୨୧୦,୮୫୪,୯୭୭ ବା ୧.୨୧ ବିଲିୟନରୁ ଅଧିକ ରହିଥିଲା ।

# ବାରବାଟୀ ରଣଜୀ: ବରୋଦା ଅଗ୍ରଣୀ

ଭୁବନେଶ୍ୱର,୧୭ ।୧୦(ସବ୍ୟୁ): କଟକର ବାରବାଟୀ ଷ୍ଟାଡିୟରେ ଚାଲିଥିବା ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ-ଏ ର ଏକ ଟକରାଟକରୀ ଲଢ଼େଇରେ ବରୋଦା ଜମାଣିଆ ପ୍ରଦର୍ଶନ ଦେଖାଇଛି । ଓଡ଼ିଶା ଦଳ ପ୍ରଥମ ଇନିଂରେ ୨୭୧ରନ୍ କରି ଅଲଆଉଟ୍ ହୋଇଥିବା ବେଳେ ବରୋଦା ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୪୬ ଓଭରେ ୭ ୱିକେଟ ହରାଇ ୪୩୧ରନ୍ କରିଛି । ଏଥିସହ ବରୋଦା ରଣଜୀ ରୁତୁ ଆରମ୍ଭ ମ୍ୟାଚରେ ଇନିଂସ୍ ଅଗ୍ରଣୀ ହୋଇ ୩ ପଏଣ୍ଟ ନିଶ୍ଚିତ କରିଛି । ମ୍ୟାଚର ଆଉ ଗୋଟିଏ ଦିନ ବାକି ଥିବାରୁ ବରୋଦା ଫଳାଫଳ ଲାଗି ଘରୋଇ ଓଡ଼ିଶା ଦଳ ଉପରେ ଚାପ ପକାଇବ । ବରୋଦା ପକ୍ଷରୁ ଶିବାଲିକ୍ ଶର୍ମା ୧୨୪ରନ୍ ଓ ମିତେଶ ପଟେଲ ଅପରାଜିତ ୧୦୦ରନ୍ ଯୋଗୁ ଭ୍ରମଣକାରୀ ଦଳ ଚାପମୁକ୍ତ ପ୍ରଦର୍ଶନ ଦେଖାଇ ପାରିଛି । ମ୍ୟାଚର ତୃତୀୟ ଦିନ ବରୋଦା ଅସମାପ୍ତ ଇନିଂସ୍ ୧୨୭/୨ରୁଖେଳ ଆରମ୍ଭ କରିଥିଲା । ଶିବାଲିକ୍ ଶର୍ମା ୭୫ରନ୍ କରି ଶତକ ଆଡେ ମୁହାଁଇଥିଲେ । ସୁକ୍ରିତ ପାଣ୍ଡେ ୩୨ରନରୁ ଖେଳ ଆଗେଇ ନେଇଥିଲେ । ଶିବାଲିକ୍ ଶତକ ପୁରଣ କରିଥିଲେ । ସେ ୨୪୮ ବଲର ସମ୍ମୁଖୀନ ହୋଇ ୧୦ଟିଚୌକା ଓ ୨ଟି ଛକା ମାରି ୧୨୪ରନ୍ କରିଥିଲେ । ସେହିଭଳି ସୁକ୍ରିତ ପାଣ୍ଡେ ୨୩୩ ବଲର ସମ୍ମୁଖୀନ ହୋଇ ୭୧ରନର ରକ୍ଷଣାତ୍ମକ ପାଳି ଖେଳିଥିଲେ । ଅଧିନାୟକ ଅତିତ ସେଟ୍ ୨୮ରନ୍ ତଥା ମହେଶ ପିଥିୟା ୫ରନ କରି ପାଲିଲିୟନ ଫେରିଥିଲେ । ମିତେଶ ପଟେଲ ଓ ରଶିଖ ସଲାମ ଷ୍ଟ ମ୍ପ ଅପସାର ଣ ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋରକୁ ୧୪୬ ଓଭରରେ ୪୧୩/୭ରନରେ ପହଞ୍ଚାଇଥିଲେ । ୩ଟି ଯାକ ଅଧିବେଶରେ ବରୋଦା କେବଳ ୫ଟି ୱିକେଟ ହରାଇଥିଲା । ଓଡ଼ିଶାର ସୁମିତ ଶର୍ମା ୩ଟି, ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ । ମ୍ୟାଚର ତୃତୀୟ ଦିନରେ ବାରବାଟୀ ପିଚ୍ ବ୍ୟାଟିଂ ଅନୁକୂଳ ରହିଛି । ଚତୁର୍ଥ ଦିନ ଘରୋଇ ଦଳକୁ ସଞ୍ଜମତାର ସହ ବ୍ୟାଟିଂ କରିବାକୁ ପଡିବ । ବରୋଦା ବିପକ୍ଷରେ ୨ଟି ମ୍ୟାଚ ହାରିଥିବା ଓଡ଼ିଶା ଦଳକୁ ପ୍ରଥମ ବିଜୟ ସନ୍ଧାନ ଲାଗି ଆହୁରୀ ଅପେକ୍ଷା କରିବାକୁ ହେବ ।

## ଅଷ୍ଟ୍ରେଲିଆରେ ୧୦ ରେକର୍ଡ କରି ପାରନ୍ତି ରୋହିତ

ପର୍ଥ,୧୭।୧୦(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅକ୍ଟୋବର ୧୯ରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ ଖେଳିବ । ଏହି ସିରିଜରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ । ନିକଟରେ ରୋହିତଙ୍କ ସ୍ଥାନରେ ଶୁଭମନ ଗିଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି । ଅଷ୍ଟ୍ରେଲିଆ ଗସ୍ତରେ ରୋହିତଙ୍କ ନିକଟରେ ଏହି ୧୦ ରେକର୍ଡ ସୃଷ୍ଟି କରିବା ସୁଯୋଗ ରହିଛି । ଆନ୍ତର୍ଜାତୀୟ କ୍ରିକେଟରେ ରୋହିତଙ୍କ ନିକଟରେ ୨୦୦୦୦ ରନ ପୂର୍ଣ୍ଣ କରିବା ସୁଯୋଗ ରହିଛି । ଏଥିପାଇଁ ଏହି ସିରିଜରେ ତାଙ୍କୁ ୩୦୦ ରନର ଆବଶ୍ୟକତା ରହିଛି । ରୋହିତ ଏଥିସହ ସଚିନ ତେନ୍ଦୁଲକର, ବିରାଟ କୋହଲି ଓ ରାହୁଲ ଦ୍ରାବିଡଙ୍କ ସହ ସମକକ୍ଷ ହେବେ । ରୋହିତ ଆଉ ୧୨ଟି ଛକା ମାରିଲେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆରେ ସର୍ବାଧିକ ଛକା ମାରିବା ବ୍ୟାଟ୍ସମ୍ୟାନ ହେବେ । ଭାରତର ୫ମ ଖେଳାଳି ଭାବେ ଦେ ୫୦୦ ଆନ୍ତର୍ଜାତୀୟ ମ୍ୟାଚ ଖେଳିବା ସୁଯୋଗ ରହିଛି । ରୋହିତ ୪୯୯ ମ୍ୟାଚ ଖେଳିଛନ୍ତି । ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ, ଏମଏସ ଧୋନୀ ଓ ବିରାଟ କୋହଲି ୫୦୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳିଛନ୍ତି । ରୋହିତ ଦିନିକିଆରେ ୨୭୩ ମ୍ୟାଚରେ ୧୧୧୬୮ ରନ କରିଛନ୍ତି । ୫୪ ରନ ସଂଗ୍ରହ କଲେ ସେ ସଚିନ, କୋହଲି ଓ ସୌରଭ ଗାଙ୍ଗୁଲିଙ୍କ ପରେ ଦିନିକିଆରେ ସର୍ବାଧିକ ରନ ସଂଗ୍ରହରେ ଭାରତର ଚତୁର୍ଥ ବ୍ୟାଟ୍ସମ୍ୟାନ ହେବେ । .ରୋହିତ ଆଉ ୧୦ ରନ କଲେ ପ୍ରଥମ ଭାରତୀୟ ଭାବେ ଭାରତ-ଅଷ୍ଟ୍ରେଲିଆ ଦିନିକିଆରେ ୧୦୦୦ ରନ ପୂର୍ଣ୍ଣ କରିବେ । ସେ ୧୯ ମ୍ୟାଚରେ ୯୯୦ ରନ କରିଛନ୍ତି । ରୋହିତ ଶର୍ମା ଆନ୍ତର୍ଜାତୀୟ କ୍ରିକେଟରେ ୫୦ ଶତକ ପୂରଣ କରିବା ପାଇଁ ଆଉ ଗୋଟିଏ ସେଂଚୁରୀ ଆବଶ୍ୟକ କରୁଛନ୍ତି । ରୋହିତ ଆଉ ଗୋଟିଏ ଶତକ ହାସଲ କଲେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ଶତକ ହାସଲରେ ସଚିନ ତେନ୍ଦୁଲକରଙ୍କ ସହ ସମକକ୍ଷ ହେବେ । ସଚିନ ୯ ଶତକ ହାସଲ କରିଛନ୍ତି । ସେହିପରି ୨ଟି ଶତକ ମାରିଲେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ୧୦ ଶତକ ମାରିବା ରେକର୍ଡ କରିବେ । ରୋହିତ ଏହି ସିରିଜ ୨ଟି ଶତକ ମାରିଲେ ଭାରତର ଓପନର ଭାବେ ସର୍ବାଧିକ ଶତକ ହାସଲରେ ସଚିନ ତେନ୍ଦୁଲକରଙ୍କ ସମକକ୍ଷ ହେବେ । ସଚିନ ଓପନର ଭାବେ ୪୫ ଏବଂ ରୋହିତ ୪୩ ମାରିଛନ୍ତି ।


ପବିତ୍ର କାଳୀପୂଜା ଓ ଦୀପାବଳୀ ଉପଲକ୍ଷେ
ଭଦ୍ରକ ଜିଲ୍ଲାର ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ
ମୋ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ସୁରେଶ ଚନ୍ଦ୍ର ମହାନ୍ତି
ସମାଜସେବୀ ତଥା ସଂଗଠକ, ଭଦ୍ରକ

ପବିତ୍ର ଦୀପାବଳୀ ଓ କାଳୀପୂଜା ଅବସରରେ ଜିଲ୍ଲାବାସୀଙ୍କୁ
ଆମ୍ଭ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ
M/S PANCHALI PHARMACEUTICALS
DL NO- 20B BH19305/W, 21B-BH19306/WC, 20G-BH6991/WX, TIN-21933902088
MAIN ROAD, CHARAMPA, BHADRAK-756101(ODISHA)
Ph. : 06784-230885, Mob.: 9437307177

With Best Complements From
USHA MACHINARY
Deals -
ORIPLAST, PLASTO PIPES
& TANKS AND ALL KINDS OF
SANITARY FITTINGS
BONT CHHAKA, BHADRAK, ODISHA
MOB.: 9437087233

With Best Compliments From :
M/S SAI PUMP HOUSE
Deals in:
ORI PLAST TANK PIPE
BYPASS ROAD, BHADRAK-756200
MOB.: 9437159620, 9938470120

With Best Compliments From...
UTKAL BUILDING MATERIALS PVT. LTD.
Deals in-
Marbles, Granite, Vitrified, Ceramic Wall & Floor Tiles, GI PVC, CPVC Pipe & Fittings, G.P., G.C. & A.C Sheets, PVC Door, Sanitary wares & Order Suppliers.
Auth. Dealers-
Somany Wall & Floor Tiles, Birla White Cement & Putty, Jaquar C.P., Bath Fittings, Tata & Bhusan G.C. Sheets Finolex PVC Pipes & Fittings, SOMANY Sanitary Ware.
BY-PASS, BHADRAK, ODISHA, PIN-756100
MOB-7894188977, 06784-251895(O), 251307(O)

ପବିତ୍ର ଦୀପାବଳୀ ଓ କାଳୀପୂଜା ଉପଲକ୍ଷେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା
SP GOLD
GOLD SILVER DIAMOND PLATINUM
NEAR VISHAL MEGHA MARTS,
BY-PASS, BHADRAK-756100
+91 9439 39 3332 E-mail : spgold2021bdk@gmail.com

Durga Puja Offer
SINCE-1988
Saradiya Abhinandan
New Suvadra
The Quality Shop
Upto 70% off.
VIP, American Tourister, Aristocrat, Safari Luggages, All Branded Back Packs
Hawkins, Bajaj, Havells, Crompton Greaves, Philips, Milton, Cello, La-opala, Usha, Panasonic, etc.
T&C applied
Nayabazar, Bhadrak, Odisha
Mobile : 7847033994

ମାମା ଜୁଏଲର୍ସ
ପବିତ୍ର ଦୀପାବଳି ଅବସରରେ
ଆଣୁଛି ଏକ ବିଶେଷ ଆକର୍ଷଣ
୧୮ ଅକ୍ଟୋବର ଠାରୁ ୨୮ ଅକ୍ଟୋବର ପର୍ଯ୍ୟନ୍ତ
ସୁନା ଅଳଙ୍କାରର ପ୍ରକୃତ ମୂଲ୍ୟ ଉପରେ ବିଶେଷ ରିହାତି
ବି.ଦ୍ର:- ରୂପା ଅଳଙ୍କାର ଉପରେ ଗଢ଼ାମଜୁରୀ ସଂପୂର୍ଣ୍ଣ ଛାଡ଼
ଓ ଫେନ୍ସି ରୂପା ଅଳଙ୍କର ଉପରେ 40% ଗଢ଼ା ମଜୁରୀ ଛାଡ଼
ଭଦ୍ରକ ସହରରେ ମାମା ଜୁଏଲର୍ସର କୌଣସି ଦ୍ୱିତୀୟ ଶାଖା ନାହିଁ ।
ବନ୍ତ ଛକ, କଚେରୀ ରୋଡ, ଭଦ୍ରକ-୭୫୬୧୦୦
ମୋ. - ୯୪୩୮୨୮୬୮୧୬, ୯୪୩୮୪୬୫୭୭୩

With Best Compliments From :
Sanjib Parida : 9583329803
Rajib Parida : 9437215732
Dillip Parida : 8527486377
Ani : 7894171224
SHREE KRISHNA FLY ASH BRICKS
SHREE KRISHNA ENTERPRISES
SHREE KRISHNA DISTRIBUTERS
SHREE KRISHNA SWEETS
AT- RANDIA ( NEAR FACOR POWER LTD.), BHADRAK, ODISHA - 756135

ପବିତ୍ର ଦୀପାବଳୀ ଏବଂ କାଳୀପୂଜା ଅବସରରେ
ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
Mr. Ashok Kumar Mohanty,
PRESIDENT, LIONS CLUB, Bhadrak
MANAGING PARTNER - MOHANTY PROMOTERS PVT. LTD.
Deals in : Land & Building
Charamapa, Bhadrak
RACY CONVENT SCHOOL
(Chairman)
BANDHAGAON, BHADRAK (ODISHA)
Mob.: 9337311009


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି